ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର

## The Prajatantra

ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୨୬୪ ● କଟକ ● ଶୁକ୍ରବାର ● ୧୨ ମଇ-୨୦୨୩ ● ମେଷ ୨୬ ● ସାଲ୍ ୧୪୩୦

CUTTACK ● FRIDAY ● 12 MAY-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


## ମୋଦୀଙ୍କୁ ଭେଟି ସ୍ପଷ୍ଟ କଲେ ନବୀନ
# ଆମେ ତୃତୀୟ ସାମ୍ମୁଖ୍ୟରେ ନାହୁଁ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରିଥିବା ଆଲୋଚନା ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଯେଉଁଥିରେ ଆସନ୍ତା ନିର୍ବାଚନରେ ବିଜେଡିର ଭୂମିକା କିପରି ରହିବ ଓ ତୃତୀୟ ସାମ୍ମୁଖ୍ୟରେ ସାମିଲ ହେବା ନେଇ ଚାଲିଥିବା ଆଲୋଚନା କେତେଦୂର ଠିକ୍ ସେ ବାବଦରେ ନବୀନ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହ ଓଡ଼ିଶାର ଆବଶ୍ୟକତା ନେଇ ଆଲୋଚନା ହୋଇଥିଲା। ବିଶେଷ ଭାବେ ପୁରୀରେ ଶ୍ରୀଜଗନ୍ନାଥ ଇଣ୍ଟରନ୍ୟାସନାଲ ଏୟାରପୋର୍ଟ କାମ ସାରିବା ନେଇ ଆଲୋଚନା ହୋଇଥିଲା। ଯାତ୍ରୀ ଓ ବିମାନ ସଂଖ୍ୟା ବୃଦ୍ଧି ଯୋଗୁ ଭୁବନେଶ୍ୱର ଏୟାରପୋର୍ଟ ଉପରେ ଅଧିକ ଚାପ ପଡୁଛି। ତେଣୁ ଶ୍ରୀଜଗନ୍ନାଥ ଏୟାରପୋର୍ଟ କାମ ସାରିବାକୁ ପ୍ରଧାନମନ୍ତ୍ରୀ ସହଯୋଗ ଲୋଡ଼ା ଯାଇଥିଲା। ଏହି ଏୟାରପୋର୍ଟ ପାଚେରୀ ପାଇଁ ଚିହ୍ନଟ କାମ ସରିଯାଇଛି। ଏହା ଜାଣିବା ପରେ ପ୍ରଧାନମନ୍ତ୍ରୀ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଛନ୍ତି। ସେହିପରି ଗତକାଲି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ଭେଟ ଓ ଗୁରୁବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭେଟ ବେଳେ କୌଣସି ରାଜନୈତିକ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଛି କି ବୋଲି ସାମ୍ବାଦିକଙ୍କ ପ୍ରଶ୍ନରେ ନବୀନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହ କୌଣସି ରାଜନୈତିକ ଆଲୋଚନା ହୋଇନି। ତୃତୀୟ ସାମ୍ମୁଖ୍ୟ ଗଠନ ନେଇ ପଚାରିବାରେ ସେ କହିଛନ୍ତି, ଏବେ ନୁହେଁ। ● ପୃଷ୍ଠା-୪

## ଦିଲ୍ଲୀ ସରକାରଙ୍କ ହାତରେ ରହିବ ନିଯୁକ୍ତି, ବଦଳି ଓ ପଦୋନ୍ନତି

ନୂଆଦିଲ୍ଲୀ : କେନ୍ଦ୍ର ଓ ଦିଲ୍ଲୀ ମଧ୍ୟରେ ଜାତୀୟ ରାଜଧାନୀର ପ୍ରଶାସନିକ ସେବା ନିୟନ୍ତ୍ରଣକୁ ନେଇ ଦୀର୍ଘ ଦିନ ଧରି ଚାଲିଆସୁଥିବା ବିବାଦ ଉପରେ ସୁପ୍ରିମକୋର୍ଟର ଏକ ପାଞ୍ଚ ଜଣିଆ ଖଣ୍ଡପୀଠ ଗୁରୁବାର ରାୟ ଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡଙ୍କ ନେତୃତ୍ୱରେ ଏକ ପାଞ୍ଚ ଜଣିଆ ସମ୍ବିଧାନ ବେଞ୍ଚ କହିଛନ୍ତି ଯେ, ଏହା ସର୍ବସମ୍ମତ ନିଷ୍ପତ୍ତି। ଜମି, ପୋଲିସ ଏବଂ ଆଇନ ଶୃଙ୍ଖଳାକୁ ନେଇ କୌଣସି ମାମଲା ବ୍ୟତୀତ ଅନ୍ୟ ପ୍ରଶାସନିକ ସେବା ଦିଲ୍ଲୀ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ରହିବ। ଏହି ତିନୋଟି ପ୍ରସଙ୍ଗକୁ ଛାଡି ଉପରାଜ୍ୟପାଳ ଦିଲ୍ଲୀ ସରକାରଙ୍କ ବାକି ନିଷ୍ପତ୍ତି ଗ୍ରହଣ କରିବାକୁ ବାଧ୍ୟ। ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ସମ୍ବିଧାନ ବେଞ୍ଚ ଏହି ପ୍ରସଙ୍ଗରେ ସର୍ବସମ୍ମତି କରି କହିଛନ୍ତି ଯେ, ୨୦୧୯ ନିଷ୍ପତ୍ତିରେ କୁହାଯାଇଥିଲା ଯେ, ସମସ୍ତ ସେବା ଦିଲ୍ଲୀ ସରକାରଙ୍କ କ୍ଷମତା ବାହାରେ। ତେଣୁ ଜଷ୍ଟିସ ଅଶୋକ ଭୂଷଣଙ୍କ ୨୦୧୯ ରାୟରେ କୋର୍ଟ ସହମତ ନୁହେଁ। ଭାରତୀୟ ପ୍ରଶାସନିକ ସେବା ଅଧିକାରୀ (ଆଇଏଏସ)ଙ୍କ ଉପରେ ଦିଲ୍ଲୀ ସରକାରଙ୍କ ନିୟନ୍ତ୍ରଣ ରହିବ। ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି, ବଦଳି ଓ ପଦୋନ୍ନତି କ୍ଷମତା ରାଜ୍ୟ ସରକାରଙ୍କ ନିକଟରେ ରହିବ। ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାରଙ୍କୁ ଯଦି ଅଧିକାରୀମାନଙ୍କୁ ନିୟନ୍ତ୍ରଣ କରିବାକୁ କ୍ଷମତା ନ ଦିଆଯାଏ ତେବେ ତାଙ୍କୁ ଉତ୍ତରଦାୟୀ କରିବାର କୌଣସି ଅର୍ଥ ରହିବ ନାହିଁ।



## ମହାରାଷ୍ଟ୍ରରେ ରହିବ ସିନ୍ଦେ ସରକାର, ଉଦ୍ଧବଙ୍କୁ ମହଙ୍ଗା ପଡିଲା ଆଗୁଆ ଇସ୍ତଫା



ଭୁବନେଶ୍ୱର: ମହାରାଷ୍ଟ୍ରରେ ସିନ୍ଦେ ସରକାରଙ୍କୁ ବଡ ଆଶ୍ୱସ୍ତି । ସୁପ୍ରିମକୋର୍ଟରୁ ନିରାଶ ହେଲେ ଉଦ୍ଧବ ଠାକରେ । ମହାରାଷ୍ଟ୍ରରେ ସେନା ବନାମ ସେନା ମାମଲାରେ ଆଜି ସୁପ୍ରିମକୋର୍ଟ କହିଛନ୍ତି ଠାକରେ ସ୍ୱେଚ୍ଛାରେ ନିଜ ପଦରୁ ଇସ୍ତଫା ଦେଇଥିବା ଯୋଗୁଁ ତାଙ୍କୁ ପୁଣିଥରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଭାବେ ପୁନଃସ୍ଥାପନ ପାଇଁ ନିର୍ଦ୍ଦେଶ ଦିଆଯାଇ ପାରିବ ନାହିଁ ।ଉଦ୍ଧବ ଠାକରେ ଫ୍ଲୋର ଟେଷ୍ଟର ସାମ୍ନା କରିନାହାନ୍ତି । ତେଣୁ ଏଥିରେ କିଛି କରିପାରିବୁନି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି । ଅର୍ଥାତ୍ ଉଦ୍ଧବଙ୍କ ଭୁଲ୍ ପାଇଁ ଏକନାଥ ସିନ୍ଦେ ସରକାରଙ୍କୁ ଆଶ୍ୱସ୍ତି ମିଳିଛି ।ରାଜ୍ୟପାଳଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ ।ଶିବସେନାର ଏକନାଥ ସିନ୍ଦେ ଗୋଷ୍ଠୀ ଦ୍ୱାରା ବାଚସ୍ପତିଙ୍କ ନିଯୁକ୍ତିକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ବୋଲି କହିଛନ୍ତି । ଏହାସହିତ ସମଗ୍ର ଘଟଣାରେ ରାଜ୍ୟପାଳଙ୍କ ଭୂମିକା ଉପରେ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି । ବିଧାନସଭାରେ ଫ୍ଲୋର ଟେଷ୍ଟ ଡକାଇବା ରାଜ୍ୟପାଳଙ୍କର ଭୁଲ୍ ଥିଲା । ତାଙ୍କର ଏହି ନିଷ୍ପତ୍ତି ଅସାମ୍ବିଧାନିକ । ଦଳର ଆଭ୍ୟନ୍ତରୀଣ ବିବାଦର ସମାଧାନ ପାଇଁ ଫ୍ଲୋର ଟେଷ୍ଟର ବ୍ୟବହାର କରାଯାଇ ପାରିବ ନାହିଁ । ଯେହେତୁ ଉଦ୍ଧବ ଠାକରେ ସ୍ୱେଚ୍ଛାକୃତ ଭାବେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ତେଣୁ ବର୍ତ୍ତମାନ ସମୟରେ ସିନ୍ଦେ ସରକାର ପ୍ରତି କୌଣସି ବିପଦ ନାହିଁ ବୋଲି ସର୍ବୋଚ୍ଚ କୋର୍ଟ କହିଛନ୍ତି ।ସିନ୍ଦେଙ୍କ ସମେତ ବିଦ୍ରୋହ କରି ଦଳ ଛାଡିଥିବା ୧୬ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଙ୍ଗରେ ସୁପ୍ରିମକୋର୍ଟ କୌଣସି ନିଷ୍ପତ୍ତି ନେଇନାହାନ୍ତି । ବିଧାନସଭା ବାଚସ୍ପତିଙ୍କ ଉପରେ ଏନେଇ ଦାୟିତ୍ୱ ନ୍ୟସ୍ତ କରିଛନ୍ତି କୋର୍ଟ । ଏହାସହିତ ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହି ମାମଲାର ଶୁଣାଣିକୁ ୭ ଜଣିଆ ବୃହତ ସାମ୍ବିଧାନିକ ବେଞ୍ଚକୁ ପଠାଇଛନ୍ତି । ଯାହାଫଳରେ ମାମଲାର ଶୁଣାଣି ପୁଣିଥରେ ଝୁଲିକି ରହିଛି ।

## ଇମ୍ରାନ ଖାନଙ୍କ ଗିରଫଦାରୀ ଅବୈଧ, ତୁରନ୍ତ ଖଲାସ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ଇସଲାମାବାଦ: ଦୁର୍ନୀତି ମାମଲାରେ ନାଟକୀୟ ଢଙ୍ଗରେ ଗିରଫ ହୋଇଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ମିଳିଛି ବଡ଼ ଆଶ୍ୱସ୍ତି। ଏନବିଏ ପାକ୍ ରେଞ୍ଜର୍ସଙ୍କୁ ଲଗାଇ ଇମ୍ରାନ ଖାନଙ୍କୁ ଇସଲାମାବାଦ ହାଇକୋର୍ଟ ପରିସର ଭିତରୁ ଉଠାଇ ନେଇଥିଲା। ତେବେ ଆଜି ଏହାକୁ ଅବୈଧକ କହିଛନ୍ତି ପାକିସ୍ତାନର ସୁପ୍ରିମକୋର୍ଟ। ଏଥିସହ ତାଙ୍କୁ ତୁରନ୍ତ ଖଲାସ କରିବାକୁ ମଧ୍ୟ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ୭୦ ବର୍ଷୀୟ ଇମ୍ରାନ ଖାନ ରାଜନୀତିକ ଦଳ ପିଟିଆଇ ଗିରଫଦାରୀ ବିରୋଧରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲା। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ଉମର ଅଟା ବଣ୍ଡିଆଲ, ଜଷ୍ଟିସ ମହମ୍ମଦ ଅଲୀ ମଝାର ଓ ଜଷ୍ଟିସ ଅଥର ମିନାଲ୍ଲାହଙ୍କ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରିଥିଲେ। ଶୁଣାଣି ବେଳେ ଇମ୍ରାନ ଖାନଙ୍କୁ ଯେଉଁଭଳି ଭାବେ କୋର୍ଟ ପରିସରରୁ ଉଠାଇ ନେଇ ଗିରଫ କରାଯାଇଥିଲା, ତା'କୁ ନେଇ ଖଣ୍ଡପୀଠ ଅସନ୍ତୋଷ ପ୍ରକାଶ କରିଥିଲେ। ଏଥିସହ ଇମ୍ରାନ ଖାନଙ୍କ ସହ ଯାହା ବି ହୋଇଛି, ସେସବୁ ଅନ୍ୟାୟ ବୋଲି ମଧ୍ୟ କୋର୍ଟ କହିଛନ୍ତି।

### ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ ହେଲା ମୋଖା

ଭୁବନେଶ୍ୱର,୧୧ ମଇ – ବଙ୍ଗୋପସାଗରରେ ସୃଷ୍ଟ ସାମୁଦ୍ରିକ ବାତ୍ୟା ମୋଖା ଆହୁରି ଘନୀଭୂତ ହୋଇ ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ ହୋଇଛି। ଏହା ଘଂଟାପ୍ରତି ୬ କିଲୋମିଟର ବେଗରେ ଉତର ଦିଗରେ ଗତି କରୁଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ବୁଲେଟିନ ଅନୁସାରେ ଗୁରୁବାର ଅପରାହ୍ନ ସାଢେ ୫ଟା ସୁଦ୍ଧା ଏହା ପୋର୍ଟ ବ୍ଲେୟରର ପଶ୍ଚିମରେ ୫୨୦ କିଲୋମିଟର ଦୂରରେ ଓ ବାଂଲାଦେଶର କକ୍ସବଜାରର ଦକ୍ଷିମ,ଦକ୍ଷିଣ-ପଶ୍ଚିମ ଦିଗରେ ୧୧୦୦ କିଲୋମିଟର ଦୂରରେ ଥିଲା।

ଏହା ଆସନ୍ତା କାଲି ଅର୍ଥାତ ମେ ୧୨ ତାରିଖ ସକାଳ ସୁଦ୍ଧା ଏକ ଅତି ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ

## ଗ୍ରୀଷ୍ମ ଅବକାଶ ପରେ ଚିଟ୍‌ଫଣ୍ଡ ମାମଲାର ଶୁଣାଣି

ନୂଆଦିଲ୍ଲୀ : ମେ' ୨୨ରୁ ଜୁଲାଇ ୨ ପର୍ଯ୍ୟନ୍ତ ସୁପ୍ରିମକୋର୍ଟଙ୍କ ଗ୍ରୀଷ୍ମକାଳୀନ ଅବକାଶ ରହିବ। ଏହି ସମୟରେ ସୀମିତ ଭାବେ କିଛି ଖଣ୍ଡପୀଠ ଗୁରୁତ୍ୱପୂର୍ଣ୍ଣ ମାମଲାଗୁଡ଼ିକର ଶୁଣାଣି କରିବେ। ହେଲେ ଅନ୍ୟ ନିୟମିତ ମାମଲାଗୁଡ଼ିକର ଶୁଣାଣି ଗ୍ରୀଷ୍ମକାଳୀନ ଅବକାଶ ପରେ ହେବ। ସୂଚନା ଅନୁସାରେ ଜୁଲାଇ ୩୧ରେ ଓଡ଼ିଶା ଚିଟ୍ଫଣ୍ଡ ଦୁନୀତି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ପରବର୍ତ୍ତୀ ଶୁଣାଣି ନୂଆ ବେଞ୍ଚରେ ହେବା ସମ୍ଭାବନା ରହିଛି। ଏବେ ଏହି ମାମଲାର ଶୁଣାଣି ବିଚାରପତି ଜଷ୍ଟିସ ଏମ୍.ଆର୍ ଶାହା ଓ ବିଚାରପତି ଜଷ୍ଟିସ ସି.ଟି ରବିକୁମାରଙ୍କ ଖଣ୍ଡପୀଠରେ ହେଉଛି। ଜଷ୍ଟିସ ଶାହାଙ୍କ ଚଳିତ ମାସ ୧୫ରେ କାର୍ଯ୍ୟକାଳ ଶେଷ ହେବ। ତେଣୁ ମାମଲାର ପରବର୍ତ୍ତୀ ଶୁଣାଣି ନୂଆ ବେଞ୍ଚରେ ହେବ। ପ୍ରଧାନ ବିଚାରପତି ନୂଆ ବେଞ୍ଚ ଗଠନ କରିବେ। ସେହିଭଳି ସୁପ୍ରିମକୋର୍ଟରେ ବିଚାରାଧୀନ ଅନ୍ୟ ଏକ ଗୁରତ୍ୱପୁର୍ଣ୍ଣ ମାମଲା 'ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ଅଧିନିୟମ, ୨୦୨୦'ର ଶୁଣାଣି ମଧ୍ୟ ଜୁଲାଇରେ ହେବ। ବିଗତ ବର୍ଷ ମେ ମାସରେ ସୁପ୍ରିମକୋର୍ଟ ଏହି ଅଧିନିୟମ ଉପରେ ରହିତାଦେଶ ଲଗାଇଥିଲେ। ଯାହାକି ବର୍ତ୍ତମାନ ସୁଦ୍ଧା ବଳବତ୍ତର ରହିଛି। ଏହି ମାମଲାକୁ ବୃହତ୍ ବେଞ୍ଚରେ ଶୁଣାଣି ପାଇଁ ରାଜ୍ୟ ସରକାର ଆବେଦନ ଦାଖଲ କରିଛନ୍ତି। ଅନ୍ୟ ପକ୍ଷରେ ବିଶ୍ୱବିଦ୍ୟାଳୟ ଆୟୋଗ ପକ୍ଷରୁ ଏହାର ପ୍ରତିଜବାବ ବର୍ତ୍ତମାନ ସୁଦ୍ଧା ସୁପ୍ରିମକୋର୍ଟରେ ଦାଖଲ କରାଯାଇନାହିଁ। ଜୁଲାଇରେ ସୁପ୍ରିମକୋର୍ଟ ଗ୍ୟାଙ୍ଗଷ୍ଟର୍ ସୁଶାନ୍ତ କୁମାର ଧଳସାମନ୍ତ ବିରୋଧରେ ଆଇପିସିର ଧାରା ୩୦୨ରେ ରୁଜୁ ହୋଇଥିବା ମାମଲାର ଶୁଣାଣି କରିବେ। ଗତ ମାସରେ ବଟି ଆଦାୟ ମାମଲାରେ ସୁଶାନ୍ତ ଧଳସାମନ୍ତଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ ଧାରା ୩୦୨ରେ ରୁଜୁ ହୋଇଥିବା ମାମଲାକୁ ବିସ୍ତୃତ ଶୁଣାଣି କରିବେ ବୋଲି କହିଥିଲେ। ଓଡ଼ିଶା ସ୍ୱାର୍ଥ ନିହିତ ବିବାଦୀୟ କୋଟିଆ ଗ୍ରାମପୁଞ୍ଜି, ପୋଲାଭରମ ଓ ବଂଶଧାର ଜଳବିବାଦ ମାମଲାର ଶୁଣାଣି କେବେ ହେବ ସେ ନେଇ ବର୍ତ୍ତମାନ ସୁଦ୍ଧା କେ ?ଣସି ତାରିଖ ଧାର୍ଯ୍ୟ ହୋଇନାହିଁ। ଏହି ତିନିଟି ମାମଲାର ତ୍ୱରିତ ଶୁଣାଣି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କେ ?ଣସି ଆବେଦନ କରାଯାଇନଥିବାର ଜଣାପଡ଼ିଛି।

## ୪ ଦିନ ସିଝିବ ଓଡ଼ିଶା

ଭୁବନେଶ୍ୱର (ପିପିଏସ୍):ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ବାତ୍ୟା ମୋକା। ଏହା ୧୪ ତାରିଖ ପୂର୍ବାହ୍ନରେ ବାଂଲାଦେଶ ଓ ମିଆଁମାର ମଧ୍ୟରେ ଉପକୂଳ ଛୁଇଁବ। ତେବେ ଓଡ଼ିଶା ଉପରେ ବାତ୍ୟାର କୌଣସି ପ୍ରଭାବ ପଡ଼ିବନି ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି। ଏପଟେ ରାଜ୍ୟରେ ବଢିଛି ତାତି। ବିଶେଷ କରି ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାରେ ଅସହ୍ୟ ହୋଇପଡିଛି ଗ୍ରୀଷ୍ମ ପ୍ରବାହ। ଆଗାମୀ ୪-୫ ଦିନ ତାପମାତ୍ରା ବୃଦ୍ଧି ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଅନୁଗୋଳ, ବୌଦ୍ଧ, ବଲାଙ୍ଗୀର, ବରଗଡ଼, ଭଦ୍ରକ, କଟକ, ଦେଓଗଡ଼, ଢେଙ୍କାନାଳ, ଗଜପତି, ଜଗତସିଂହପୁର, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କେନ୍ଦୁଝର, ମାଲକାନଗିରି, ମୟୂରଭଞ୍ଜ, ନୟାଗଡ଼, ନୂଆପଡ଼ା, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ତାପମାତ୍ରା ଅଧିକ ହେବାର ସମ୍ଭାବନା ରହିଛି। ଗୁରୁବାର ୧୬ଟି ସହରର ତାପମାତ୍ରା ୪୦ ଉପରେ ରେକର୍ଡ ହୋଇଛି। ସର୍ବାଧିକ ୪୩.୪ ଡିଗ୍ରୀ ସହ ବୌଦ୍ଧ ଏବଂ ଝାରସୁଗୁଡା ରାଜ୍ୟର,ସବୁଠୁ ଉତ୍ତପ୍ତ ସହର ପାଲଟିଛି। ତାତି ଏମିତି ଯେ ମୁଣ୍ଡ ଉପରେ ଛତା, ମୁହଁରେ କପଡା ଆଉ ଆଖିରେ କଳା ଚଷମା ବିନା ଘରୁ ଗୋଡ କାଢିବା ମୁସ୍କିଲ। ମୁଣ୍ଡ ଫଟା ଖରା ଓ ଅସହ୍ୟ ଗରମ ସାଙ୍ଗକୁ ଗୁଳୁଗୁଳି। ଆକାଶରୁ ସତେ ଯେମିତି ନିଆଁ ବର୍ଷୁଛି। ରାସ୍ତାଘାଟ ଶୂନଶାନ୍। ଗରମ ଏମିତି ଯେ, ଘରେ ବି ଛଟପଟ ହୋଇପଡିଥିଲା ଜନଜୀବନ। ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ରିପୋର୍ଟ ମୁତାବକ, ବୌଦ୍ଧ ଓ ଝାରସୁଗୁଡାରେ ୪୩.୪, ବଲାଙ୍ଗୀରରେ ୪୧.୨, ଟିଟିଲାଗଡ଼ ସମେତ ତାଳଚେର ଓ ନୂଆପଡ଼ାରେ ୪୧, ବାରିପଦାରେ ୪୦.୬, ବରଗଡ଼ ଓ ନୟାଗଡ଼ାରେ ୪୦.୨, ମାଲକାନଗିରିରେ ୪୦ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି।

## ୧୧୮୧ ଜଣ ଏଲୋପାଥିକ ଡାକ୍ତରଙ୍କୁ ନିଯୁକ୍ତି

ଭୁବନେଶ୍ୱର: ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ ଓଡ଼ିଶା ଡାକ୍ତରୀ ଓ ସ୍ୱାସ୍ଥ୍ୟ ସେବା (ଓଏମଏଚଏସ୍) କ୍ୟାଡରରେ ୧୧୮୧ ଜଣ ଏଲୋପାଥିକ ଡାକ୍ତରଙ୍କୁ ଏନଆଇସି ଭୁବନେଶ୍ୱର ଦ୍ୱାରା ଅନଲାଇନ୍ କାଉଂସେଲିଂ ମାଧ୍ୟମରେ ସ୍ଥିର ହୋଇଥିବା ବିଭିନ୍ନ ଜିଲ୍ଲାମାନଙ୍କରେ ନିଯୁକ୍ତି ନିମନ୍ତେ ଆଦେଶ ପ୍ରଦାନ କରିଛନ୍ତି। ଓଡ଼ିଶାବାସୀଙ୍କୁ ଉଚ୍ଚକୋଟୀର ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ପ୍ରତ୍ୟେକ ବର୍ଷ ଓଡ଼ିଶା ଲୋକସେବା ଆୟୋଗଙ୍କ ଦ୍ୱାରା ଡାକ୍ତର ଚୟନ ପ୍ରକ୍ରିୟା କରାଯାଉଛି ।

## ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ଘରେ ଆୟକର ଚଢ଼ଉ



ଭୁବନେଶ୍ୱର: କେନ୍ଦୁଝର ଜିଲ୍ଲା ଚମ୍ପୁଆର ପୂର୍ବତନ ବିଧାୟକ ତଥା ଖଣି ବ୍ୟବସାୟୀ ସନାତନ ମହାକୁଡ଼ଙ୍କ ଘରେ ଆୟକର ପକ୍ଷରୁ ଚଢ଼ଉ ଚାଲିଥିବା ସୂଚନା ରହିଛି। କେନ୍ଦୁଝର , ଭୁବନେଶ୍ୱର ଏବଂ ପୈତୃକ ଗ୍ରାମ ନମ୍ପିରାରେ ଏକକାଳୀନ ଚଢ଼ଉ ହେଉଥିବା ସୂଚନା ରହିଛି। ସନାତନ ମହାକୁଡ଼ଙ୍କ କେନ୍ଦୁଝର ବାସଭବନକୁ ବିଏସଏଫ ଯବାନ ଘେରି ରହିଛନ୍ତି। ଏରେ ଅନ୍ୟ ଏକ ସୂତ୍ରରୁ ଜଣାଯାଇଛି ଯେ ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ଭୁବନେଶ୍ୱର, କେନ୍ଦୁଝର ଓ ଯୋଡ଼ା ଘର ସମେତ ୧୦ଟି ସ୍ଥାନରେ ଆୟକର ବିଭାଗ ପକ୍ଷରୁ ଏକକାଳୀନ ଚଢ଼ଉ କରାଯାଉଛି। ଏଥିରେ ବିଭାଗର ୨୦ଜଣିଆ ଟିମ୍ ସାମିଲ ଥିବା କୁହାଯାଉଛି। ରାଜଧାନୀର ସହିଦ ନଗରରେ ଥିବା ତାଙ୍କ ଘରେ ଏବଂ ତାଙ୍କ ପିଏ ବିକାଶ ମହାନ୍ତିଙ୍କ ଘରେ ଚଢ଼ଉ ଜାରି ରହିଛି। ଏହାଛଡ଼ା ଘର ପ୍ଲଟରେ ଥିବା ଏକ ଘରେ ବି ଚଢ଼ଉ କରାଯାଉଛି। ଭୋର ୫ଟା ସମୟରୁ ୬ଟି କାରରେ ଆୟକର ବିଭାଗ ଟିମ୍ ଆସି ରାଜଧାନୀରେ ଚଢ଼ଉ କରୁଛନ୍ତି। ଘର ସାମ୍ନାରେ ବିଏସଏଫ ଯବାନ ମୁତୟନ ହୋଇଛନ୍ତି। ତେବେ ଏନେଇ ଆୟକର ବିଭାଗ ପକ୍ଷରୁ ସ୍ପଷ୍ଟ ସୂଚନା ମିଳିନାହିଁ। ସୂଚନାଯୋଗ୍ୟ, ସନାତନ ମହାକୁଡ଼ ୨୦୧୪ରୁ ୨୦୧୯ ଯାଏ ଚମ୍ପୁଆର ବିଧାୟକ ଥିଲେ।

## ଲାଲ୍ ତାଣ୍ଡବ, ଘରୁ ଡାକି ନେଇ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା

ଫୁଲବାଣୀ :କିଛି ଦିନର ନୀରବତା ପରେ ପୁଣି ସକ୍ରିୟ ଲାଲ ବାହିନୀ । ବୁଧବାର ବିଳମ୍ବିତ ରାତିରେ ଦଶରୁ ଅଧିକ ମାଓବାଦୀ ଘରୁ ଡ଼ାକିନେଇ ତାଙ୍କର ବାରି ପଟରେ ହିଁ ଗୁଳିକରି ନିର୍ମମ ହତ୍ୟା କରିଛନ୍ତି ମାଓବାଦୀ । ଫିରିଙ୍ଗିଆ ଥାନା ଅନ୍ତର୍ଗତ ସୁମରବନ୍ଧ ପଂଚାୟତର ସାଉଲ୍ ପଡ଼ାଠାରେ ଘଟିଛି ଘଟଣା । ମୃତକ ହେଉଛନ୍ତି ପୂର୍ବତନ ସରପଂଚ ସୁବଳ କହଁର। ସୁବଳ ଘରେ ଶୋଇଥିବା ସମୟରେ ମାଓବାଦୀ ଘରୁ ଡାକି ନେଇ ତାଙ୍କ ଘରଠାରୁ ୨୦୦ ମିଟର ଦୂରରେ ପାଖାପାଖି ପାଂଚ ରାଉଣ୍ଡ ଗୁଳି କରି ହତ୍ୟା କରିଛନ୍ତି । ଆଗରୁ ସେ ମାଓବାଦୀଙ୍କ ଟାର୍ଗେଟରେ କୁଆଡେ ଥିଲେ । କେଉଁ କାରଣରୁ ସୁବଳକୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ । ବର୍ତ୍ତମାନ ସେଇ ଗ୍ରାମ ଜନଶୂନ୍ୟ ହୋଇ ହୋଇପଡ଼ିଛି ।

## ଝାରସୁଗୁଡା ଉପନିର୍ବାଚନ : ଶନିବାର ସକାଳ ୮ଟାରୁ ଭୋଟ୍ ଗଣତି

ଭୁବନେଶ୍ୱର: ଆସନ୍ତା ୧୩ ତାରିଖ ଶନିବାର ଦିନ ଝାରସୁଗୁଡ଼ା ଉପନିର୍ବାଚନର ଭୋଟ୍ ଗଣତି ପରେ ଫଳାଫଳ ପ୍ରକାଶ ପାଇବ। ଏନେଇ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଝାରସୁଗୁଡ଼ା ଉପନିର୍ବାଚନ ଭୋଟଗଣତି ସଂପର୍କରେ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲ ପରିସରରେ ସକାଳ ୮ ଘଟିକା ସମୟରେ ପ୍ରଥମେ ପୋଷ୍ଟାଲ ବାଲାଟ ଗଣତି ହେବ ଓ ୮.୩୦ ମିନିଟରେ ଇଭିଏମ୍ ଗଣତି ଆରମ୍ଭ ହେବ । ଭୋଟଗଣତି ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାରର ସୁବ୍ୟବସ୍ଥା କରାଯାଇଛି । ଭୋଟଗଣତି କେନ୍ଦ୍ର ତଥା ଝାରସୁଗୁଡ଼ା ଇଂଜିନିୟରିଂ ସ୍କୁଲ ଚତୁଃପାଶ୍ୱର୍ରେ ଭୋଟଗଣତି ଦିନ ସମ୍ଭାବ୍ୟ ଜନଗହଳିକୁ ପରିଚାଳନା ସହ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭୋଟଗଣତି ଦିନ ଯେପରି କୌଣସି ପ୍ରକାରର ଅସୁବିଧା ନହେବ, ସେଥି ଲାଗି ପ୍ରସ୍ତୁତ ରହିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଆଭାସୀ ବୈଠକରେ ଉପସ୍ଥିତ ଥିବା ସମସ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ ଆବୋଲି ଏସ୍ ନରୱାଣେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିଥ୍ ପି. ପୁରୁଷୋତ୍ତମ ଦାସ, ଅତିରିକ୍ତ ଜିଲ୍ଲାପାଳ ପ୍ରବୀର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।


# ଇନ୍ଦିରା ଗାନ୍ଧୀ ସ୍ମାରକୀ ପାଠାଗାର
*ଆନୁକୂଲ୍ୟରେ*
# ମାସିକ ଆଲୋଚନାଚକ୍ର

ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସଦନ, ବୈକୁଣ୍ଠସରଣୀ, ୟୁନିଟ୍-୯, ଭୁବନେଶ୍ୱର

ସମୟ : ୧୩।୫।୨୦୨୩ ଶନିବାର ସନ୍ଧ୍ୟା ୬ଟା

ବିଷୟ : "ମହାତ୍ମା ବୁଦ୍ଧ: ସାଂପ୍ରତିକ ସ୍ଥିତିରେ ବୁଦ୍ଧଙ୍କ ପ୍ରାସଙ୍ଗିକତା"

ସଭାପତି : **ପ୍ରଫେସର ବିମଳେନ୍ଦୁ ମହାନ୍ତି**
ପୂର୍ବତନ କୁଳପତି,
ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ

ସମ୍ମାନିତ ବକ୍ତା : **ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ**
ଐତିହାସିକ ତଥା ଗବେଷକ

: **ପ୍ରଫେସର ବୁଦ୍ଧଦେବ ମିଶ୍ର**
ପୂର୍ବତନ ଡିନ୍, ଓୟୁଏଟି ତଥା
ମହାତ୍ମା ଗାନ୍ଧୀ ଅହିଂସା ପ୍ରତିଷ୍ଠାନର
ସମ୍ପାଦକ

: **ଶ୍ରୀ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର**
ପୂର୍ବତନ ଉପସଭାପତି, ଭାରତୀୟ
ମହାବୁଦ୍ଧି ସମିତି ତଥା ସଭାପତି,
ଆର୍ଯ୍ୟ ସମାଜ

*ଆଗ୍ରହୀ ଶ୍ରୋତାଗଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ।*

।।ନିବେଦକ।।

ସଂଯୋଜକ:
ଗୌତମ ମିଶ୍ର
ମୋ : 9438687281

ଶ୍ରୀ ଭର୍ତ୍ତୃହରି ମହତାବ
ଅଧ୍ୟକ୍ଷ


### ସମ୍ପାଦକୀୟ

ଜାତି ବ୍ୟବସ୍ଥା ଦୁର୍ବଳ ହେଉଛି କି ?

### ବାଟେଘାଟେ



ଓଡିଶାରୁ ସିନା ବାତ୍ୟା ବିପଦ
ଯାଇ ଅଛି ଏବେ ଟଳି
ଗରମ ତାତିରୁ ନିସ୍ତାର ନାହିଁ
ଯାତନା ପଡୁଛି ବଳି
ଦାଉ ସାଧୁଛି ବିଜୁଳି
ନଈ ନାଳ ପାଟ ଶୁଖିଲା ପଡ଼ିଛି
ପାଣି ପାଇଁ ଚାଲେ କଳି
ଏଇ ପାଣି ବିନା ଗଛପତ୍ର ସବୁ
ଅକାଳେ ଯାଏ ଝାଉଁଳି
ଗରିବ ମଣିଷ ଭୋକ ଉପାସରେ
କାନ୍ଦେ ଆଖି ମଳିମଳି ।

-ରାହୀ

## ଡିସେମ୍ବର ସୁଦ୍ଧା ସବୁ ହାଇସ୍କୁଲର ରୂପାନ୍ତରଣ

ଭୁବନେଶ୍ୱର(ପିପିଏସ୍): ଡିସେମ୍ବର ସୁଦ୍ଧା ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡ଼ିକର ହେବ ରୂପାନ୍ତରଣ । ଚତୁର୍ଥ ପର୍ଯ୍ୟାୟରେ ୧୫୦୦ରୁ ଉର୍ଦ୍ଧ୍ୱ ହାଇସ୍କୁଲର ରୂପରେଖ ବଦଳିବ । ଏନେଇ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପ ଅନୁମୋଦିତ ହୋଇଛି ।୫-ଟି ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମ ଅଧୀନରେ ରାଜ୍ୟର ସମସ୍ତ ହାଇସ୍କୁଲ ଗୁଡିକୁ ଆସନ୍ତା ଡିସେମ୍ବର ମାସ ସୁଦ୍ଧା ରୂପାନ୍ତରିତ କରିବାକୁ ନିଷ୍ପତ୍ତି ନିଆଯାଇଛି । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟକ୍ରମର ସଫଳ ରୂପାୟନ ପରେ ଚତୁର୍ଥ ପର୍ଯ୍ୟାୟରେ ୧୫୦୦ରୁ ଅଧିକ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ବିଦ୍ୟାଳୟ ରୂପାନ୍ତରିତ ହେବ । ଯାହା ଡିସେମ୍ବର ଶେଷ ସୁଦ୍ଧା ଶେଷ ହେବ । ଯେଉଁଭଳି ଭାବରେ ରାଜ୍ୟର ସମସ୍ତ ହାଇସ୍କୁଲର ଛାତ୍ରଛାତ୍ରୀ ସ୍ମାର୍ଟ କ୍ଲାସରୁମରେ ପାଠପଢା ସହିତ ଇ-ଲାଇବ୍ରେରି ବ୍ୟବହାର, ଅତ୍ୟାଧୁନିକ ବିଜ୍ଞାନଗାର, ଉନ୍ନତ କ୍ରୀଡ଼ା ଭିତ୍ତିଭୂମି, ଶିଶୁ ସୁଲଭ ସ୍କୁଲ କ୍ୟାମ୍ପସ ସମେତ ଶୁଦ୍ଧ ପାନୀୟ ଜଳ ଓ ପୃଥକ ଶୌଚାଳୟର ସୁବିଧା ପାଇପାରିବେ ତାହା ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ । ଏନେଇ ମୋ ସ୍କୁଲ ଅଭିଯାନର କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ ଆଲୋଚନା ହୋଇଛି । ଏହି ପରିପ୍ରେକ୍ଷୀରେ ମୋ ସ୍କୁଲ ଅଭିଯାନ ଏହାର ହିତାଧିକାରୀ ଓ ବିଭିନ୍ନ ଅନୁଷ୍ଠାନ ସହିତ ନିର୍ଦ୍ଧାରିତ ୪ଟି କ୍ଲବ ତଥା କୌଶଳୀ, କ୍ରୀଡ଼ାଙ୍ଗନା, ଜିଜ୍ଞାସା ଓ ସାହିତ୍ୟ ସୃଜନୀ କ୍ଲବ ପାଇଁ ଆବଶ୍ୟକୀୟ ଶିକ୍ଷଣ ସାମଗ୍ରୀ ଏବଂ ଏହାର ରୂପରେଖ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନିଆଯାଇଛି । ତେବେ ବୈଠକରେ ୩୦ଟି ଜିଲ୍ଲାର ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି ।ଗତ ଏକ ମାସ ମଧ୍ୟରେ ୭ ହଜାର ୩୫୮ ଜଣ ପୁରାତନ ଛାତ୍ରଛାତ୍ରୀ ମୋ ସ୍କୁଲ୍ ଅଭିଯାନ ସହ ସାମିଲ ହୋଇଛନ୍ତି । ଏହି ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟର ବିକାଶ ପାଇଁ ୬ କୋଟି ୬୬ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ତେବେ ପୁରାତନ ଛାତ୍ରଛାତ୍ରୀ ଏବଂ ସିଏସଆର ପାଣ୍ଠି ଅନୁଦାନ ସହ ରାଜ୍ୟ ସରକାରଙ୍କ ଦୁଇଗୁଣା ଆର୍ଥିକ ସହାୟତାକୁ ମିଶାଇ ମୋଟ ୫୨୯ କୋଟି ୫୬ ଲକ୍ଷ ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟନିର୍ବାହୀ ପରିଷଦ ଅନୁମୋଦନ ପ୍ରଦାନ କରାଯାଇଛି ।ରାଜ୍ୟରେ ୨,୪୦୨ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟର ଭିତ୍ତିଭୂମି ବିକାଶରେ ଏହା ବିନିଯୋଗ ହେବ । ବାଲେଶ୍ୱରରେ ସର୍ବାଧିକ ୨ କୋଟି ୪ ଲକ୍ଷ, ଗଞ୍ଜାମରେ ୬୦ ଲକ୍ଷ, କଟକରେ ୪୮ ଲକ୍ଷ ୧୩ ହଜାର, ବଲାଙ୍ଗୀରରେ ୪୭ ଲକ୍ଷ ୪୩ ହଜାର ଏବଂ ଭଦ୍ରକରେ ୩୮ ଲକ୍ଷ ୮୭ ହଜାର ଟଙ୍କା ପୁରାତନ ଛାତ୍ରଛାତ୍ରୀ ପ୍ରଦାନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ମୋଟ ୭ ଲକ୍ଷ ୯୦ ହଜାର ପୁରାତନ ଛାତ୍ରଛାତ୍ରୀ 'ମୋ ସ୍କୁଲ୍ ଅଭିଯାନ' ମାଧ୍ୟମରେ ବିଦ୍ୟାଳୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

## ଠକ ସଂସ୍ଥାର ୧.୨୨ କୋଟି ଟଙ୍କା ବାଜ୍ୟାପ୍ତି

ଭୁବନେଶ୍ୱର: ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲୁ) ଏକ ପୋନଜି ଆପ୍ ଜଏନ୍ ଟ୍ରେଡ୍'ର ୧.୨୨ କୋଟି ଟଙ୍କା ଫ୍ରିଜ୍ କରିଛି। ଅକ୍ଷୟ କୁମାର ଏବଂ ମନୀଷ ପଲଙ୍କ ପରି ବଲିଉଡର ଲୋକପ୍ରିୟ ଅଭିନେତାଙ୍କ ଚିତ୍ର ଦେଇ ବିଜ୍ଞାପନ ମାଧ୍ୟମରେ ଜନସାଧାରଣଙ୍କୁ ଭ୍ରମିତ କରିବା ଏବଂ ବିଶ୍ୱାସ ସୃଷ୍ଟି କରିବା ନେଇ ଅନୁସନ୍ଧାନ ପରେ ଜଣାପଡ଼ିଥିଲା। ଠକ ସଂସ୍ଥାର ୧.୨୨ କୋଟି ଟଙ୍କା ବାଜ୍ୟାପ୍ତି କରାଯାଇଛି। ଗୁଗୁଲରେ ଜଏନ୍ ଟ୍ରେଡ୍ ନାମକ ଜାଲିଆତିକାରୀ ଆପ୍ ଡାଉନଲୋଡ୍ କରି ୩ଟି ବଡ଼ କଂପାନି ସମେତ ୫ଟି ଏକାଉଣ୍ଟରୁ ୧୮.୬୭ କୋଟି ଟଙ୍କାର ଜମା କରିଥିବା ମଧ୍ୟ ଜଣାଯାଇଥିଲା।



# ବ୍ଲଡ୍ ଗ୍ରୁପ୍ ଅନୁସାରେ ଫିଟ୍ ରହିବା ପାଇଁ କ'ଣ କ'ଣ ଖାଇବେ

ଆମେ ଯେବେ ଖାଦ୍ୟ ଖାଇଥାଉ ଆମ ରକ୍ତରେ ଏକ ଖାସ୍ ଧରଣର ବିପାଚନ ପ୍ରତିକ୍ରିୟା ହୋଇଥାଏ । ଏହା ଆମେ ଖାଇଥିବା ଖାଦ୍ୟରେ ଥିବା ପ୍ରୋଟିନ୍ ଏବଂ ବିଭିନ୍ନ ବ୍ଲଡ୍ ଗ୍ରୁପରେ ଥିବା ଆଣ୍ଟିଜେନ୍ ମଧ୍ୟରେ ପରସ୍ପର ପ୍ରତିକ୍ରିୟା ହେବାରୁ ହୋଇଥାଏ । ପ୍ରତି ବ୍ଲଡ୍ ଗ୍ରୁପର ନିଜର ଏକ ଆଣ୍ଟିଜେନ୍ ପ୍ରସ୍ତୁତ ହୋଇଥାଏ । ଖରାପ ଖାଦ୍ୟ ଖାଇବା ଦ୍ୱାରା ଆଣ୍ଟିଜେନରେ ବଡ଼ ଧରଣର ପ୍ରତିକ୍ରିୟା ହୋଇଥାଏ ଏବଂ ଯଦି ଆମେ ଆମ ବ୍ଲଡ୍ ଗ୍ରୁପ୍ ହିସାବରେ ଖାଦ୍ୟ ନିର୍ଦ୍ଧାରଣ କରିବା ତାହା ଅତ୍ୟନ୍ତ ଲାଭଦାୟକ ହେବ । ଏହି ଖାଦ୍ୟ ଆମକୁ ଓଜନ କମାଇବାରେ ମଧ୍ୟ ସାହାଯ୍ୟ କରିବ । ଆପଣ ଜାଣିଛନ୍ତି କି ଯଦି ଆପଣ ବ୍ଲଡ୍ ଗ୍ରୁପ୍ ହିସାବରେ ଖାଦ୍ୟ ଖାଇବେ ତେବେ ଆପଣ ଜୀବନ ସାରା ରୋଗମୁକ୍ତ ରହିବେ । ଏକ ଅନୁସନ୍ଧାନ ଅନୁସାରେ ସବୁ ପ୍ରକାର ଖାଦ୍ୟରେ ଲାକ୍ଟିନସ୍ ନାମକ ପ୍ରୋଟିନ୍ ରହିଥାଏ । ଅଲଗା ଅଲଗା ବ୍ଲଡ୍ ଗ୍ରୁପର ଲୋକଙ୍କ ରକ୍ତ ଲାକ୍ଟିନ୍ ପ୍ରୋଟିନ୍ ପ୍ରତି ଅଲଗା ଧରଣର ପ୍ରଭାବ ପକାଇଥାଏ । ଯାହା ଦ୍ୱାରା ସିଧା ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ । ପ୍ରତ୍ୟେକ ବ୍ୟକ୍ତିର ପାଚନ କ୍ରିୟା ଏବଂ ରୋଗ ପ୍ରତିରୋଧକ କ୍ଷମତା ତା'ର ବ୍ଲଡ୍ ଗ୍ରୁପ୍ ଉପରେ ନିର୍ଭର କରିଥାଏ । ଲାକ୍ଟିନ୍ ଲାଗିକି ରହିବା ଭଳି ପ୍ରୋଟିନ୍ ହୋଇଥାଏ । ଯେଉଁ ଲାକ୍ଟିନ୍ ଗୁଡ଼ିକ ବ୍ଲଡ୍ ଟାଇପ୍ ସହ ମେଳ ଖାଆନ୍ତି ନାହିଁ ସେଗୁଡ଼ିକ ଶରୀରର କୋଷଗୁଡ଼ିକ ପ୍ରତି କ୍ଷତି ପହଞ୍ଚାଇଥାଏ । ଖାଦ୍ୟରୁ ଆସୁଥିବା ଲାକ୍ଟିନ୍ ହାନିକାରକ ହୋଇନଥାଏ କିନ୍ତୁ ଅଳ୍ପ ପ୍ରଭାବ ପକାଇଥାଏ । ଯଦି ଏହି ଲାକ୍ଟିନ୍ ବ୍ଲଡ୍ ଗ୍ରୁପ୍ ସହ ମେଳ ଖାଉନାହିଁ ତେବେ ଶରୀରରେ ପୀଡ଼ା ଏବଂ ଫୁଲା ସମସ୍ୟା ସୃଷ୍ଟି ହୋଇପାରେ ।

# ମଟନ ବେସର

ଆବଶ୍ୟକ ସାମଗ୍ରୀ: ମଟନ, ଟମାଟୋ, ପିଆଜ, ସୋରିଷ, ଜିରା, ରସୁଣ, ଧନିଆ ପତ୍ର, ସୋରିଷ ତେଲ, ଲୁଣ, ହଳଦୀ ଗୁଣ୍ଡ ଓ ଲଙ୍କା ଗୁଣ୍ଡ । ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମଟନକୁ ଭଲଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ । ଏହାପରେ ସୋରିଷ, ଜିରା ଓ ରସୁଣକୁ ଏକାବଠି ଭଲଭାବେ ବାଟି ଦିଅନ୍ତୁ । ତା'ପରେ ଧୁଆହୋଇ ରହିଥିବା ମଟନରେ ଏହି ମସଲା ସହିତ ମଟନ ମସଲା ଓ ଅଳ୍ପ ତେଲ ପକାଇ ଗୋଳାଇ କିଛି ସମୟ ରଖି ଦିଅନ୍ତୁ । ଏହାପରେ କରେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ପିଆଜକୁ ପକାନ୍ତୁ । ପିଆଜ ଲାଲ ହୋଇଗଲା ପରେ ସେଥିରେ ମସଲାଗୋଳା ମଟନକୁ ପକାନ୍ତୁ । ପରେ ସେଥିରେ କଟା ଟମାଟୋ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ । ତା'ପରେ ମଟନକୁ କିଛି ସମୟ କଷନ୍ତୁ । ଏବେ ସେଥିରେ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ତା' ପରେ କରେଇକୁ ଘୋଡ଼େଇ ଦିଅନ୍ତୁ । ମଟନ ସିଝି ଯିବା ପରେ କରେଇକୁ ତଳକୁ ଓହ୍ଲାଇ ଆଣନ୍ତୁ । ଏବେ ସେଥିରେ କଟା ଧନିଆ ପତ୍ର ପକାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ମଟନ ବେସର ।

# 'ସାନ ସିନା ଦାନତା ମହାନ'





ମଣିଷ ଓ ପଶୁମାନଙ୍କର ସମ୍ପର୍କ ଅତି ନିବିଡ଼ । ଅନେକ କ୍ଷେତ୍ରରେ ପଶୁମାନେ ମଣିଷମାନଙ୍କର ଜୀବନ ବଞ୍ଚାଇଥିବାର ଉଦାହାରଣ ଆମ ସାମ୍ନାକୁ ଆସିଛି । ସେହିପରି ଏକ ତାଜା ଚିତ୍ର ଏବେ ଋଷ-ୟୁକ୍ରେନ୍‌ରେ ଲାଗିରହିଥିବା ଯୁଦ୍ଧରେ ଦେଖିବାକୁ ମିଳିଛି । ଗୋଟିଏ କୁକୁର ସେଠାରେ ଅନେକଙ୍କ ଜୀବନ ବଞ୍ଚାଇ ଚର୍ଚ୍ଚାର ପରିସରକୁ ଆସିଛି । ଋଷ୍‌ର ଲଗାତାର ଆକ୍ରମଣ ଭିତରେ କିଭ୍‌ର ପେଟ୍ରନ ନାମକ ସନ୍ଧାନୀ କୁକୁର ଋଷିୟ ସେନାମାନଙ୍କ ଦ୍ୱାରା ଖଞ୍ଜା ଯାଇଥିବା ଲ୍ୟାଣ୍ଡମାଇନକୁ ଖୋଜି ବାହାର କରିଛି । ଏହାଦ୍ୱାରା ୟୁକ୍ରେନର ସେନାମାନେ ମଧ୍ୟ ସଚେତନ ହୋଇଯାଇଛନ୍ତି । କୁକୁରକୁ ବିଶ୍ୱସ୍ତ ପ୍ରାଣୀ କୁହାଯାଉଥିବା ବେଳେ ୟୁକ୍ରେନର ସନ୍ଧାନୀ କୁକୁର ପେଟ୍ରନ୍ ନିଜ ଦେଶ ମାତୃକାକୁ ରକ୍ଷା କରିବା ପାଇଁ ନିଜର ଗୁଣ୍ଡୁଚି ମୁଷା ଭଳି ଯୋଗଦାନ ଦେଇଛି । ଏପରି ଅସୀମ ସାହସ ଓ ଉଲ୍ଲେଖନୀୟ ସେବା ପାଇଁ ଋଷର ରାଷ୍ଟ୍ରପତି ବୋଲଡ଼ିମିର ଜେଲେନସ୍କି ପେଟ୍ରନକୁ ସାହସିକତା ପଦକରେ ସମ୍ମାନିତ କରିଛନ୍ତି । କାନାଡ଼ାର ରାଷ୍ଟ୍ରପତି ଜଷ୍ଟିନ ଟ୍ରୁଡୋଙ୍କ ୟୁକ୍ରେନ ଗସ୍ତ ସମୟରେ ତାଙ୍କ ଉପସ୍ଥିତିରେ ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ପେଟ୍ରନ ଓ ତାର ମାଲିକଙ୍କୁ ପଦକରେ ସମ୍ମାନୀତ କରିଛନ୍ତି । 'ଜେକ୍ ରସେଲ ଟେରିଅର' ପ୍ରଜାତିର ଏହି ସନ୍ଧାନୀ କୁକୁର ୨୦୦ରୁ ଅଧିକ ଲ୍ୟାଣ୍ଡ ମାଇନ ବୋମା ଖୋଜି ବାହାର କରିଛି । ଏହା ସହିତ ପେଟ୍ରନକୁ ଫବୃଆରୀ ୨୪ ପରେ ଆରମ୍ଭ ହୋଇଥିବା ଅନେକ ଆକ୍ରମଣରୁ ପ୍ରତିହତ କରିବାର ଶ୍ରେୟ ମଧ୍ୟ ଦିଆଯାଇଛି । ବାସ୍ତବିକ ଜୀବନରେ ଏବେ ମହାନାୟକ ପାଲଟିଥିବା ପେଟ୍ରୋନକୁ ଯେତେବେଳେ ସମ୍ମାନିତ କରାଯାଇଥିଲା ସେତେବେଳେ ସେ ଭୋକିଥିଲା ଓ ତାର ଲାଞ୍ଜ ହଲାଇ ସମସ୍ତଙ୍କ ହୃଦୟ କିଣି ନେଇଥିଲା । ପେଟ୍ରନର ସୁନ୍ଦରତାକୁ ଦେଖି ସେଠାରେ ଉପସ୍ଥିତ ଥିବା ସମସ୍ତ ଅତିଥି ଖୁସି ହେବା ସହିତ ମନ ଖୋଲି ହସିଥିଲେ । କାନାଡ଼ାର ରାଷ୍ଟ୍ରପତି ଟ୍ରୁଡୋ ମଧ୍ୟ ପେଟ୍ରନର ପ୍ରଶଂସା କରିଥିଲେ । ଜେଲେନସ୍କି ସମ୍ମାନିତ କରିବା ସମୟରେ କହିଥିଲେ ମୁଁ ସେହି ନାୟକଙ୍କୁ ପୁରସ୍କୃତ କରିବା ପାଇଁ ଚାହୁଁଛି ଯିଏ ପ୍ରଥମରୁ ଆମ ଜନ୍ମଭୂମିର ରକ୍ଷା କରି ଆସୁଛି, ପେଟ୍ରନ୍ କେବଳ ବିସ୍ଫୋରକକୁ ଅକାମି କରିବାରେ ସଫଳ ହୋଇନାହିଁ ବରଂ ଆମର ପିଲାମାନଙ୍କୁ ମଧ୍ୟ ଏହି କ୍ଷେତ୍ରରେ ଆଗେଇବା ଓ ଆବଶ୍ୟକ ସୁରକ୍ଷା ନିୟମ ଶିଖାଇବା ପାଇଁ ସାହାଜ୍ୟ କରିଥାଏ ଯେଉଁଠି ଲ୍ୟାଣ୍ଡମାଇନ ବିସ୍ଫୋରଣ ହେବାର ସମ୍ଭାବନା ରହିଛି । ସୋସିଆଲ ମିଡିଆରେ ପେଟ୍ରନର ଭିଡିଓ ଏବେ ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ସେ ଏକ ଭ୍ୟାନ୍‌କୁ ଡେଇଁ ଜଣେ ସେନାଧିକାରୀଙ୍କ କୋଳରେ ବସୁଛି, କୌଣସି ଜାଗାରେ ଲ୍ୟାଣ୍ଡ ମାଇନ ଅଛିକି ନାହିଁ ସେ ପାରିପାର୍ଶ୍ୱିକ ପରିସ୍ଥିତି ଓ ସେଠାରେ ଥିବା ଅଳିଆ ଆବର୍ଜନାକୁ ଶୁଙ୍ଘି ତାର ସ୍ପଷ୍ଟ ସୂଚନା ଦେଇଥାଏ ।

# ରାତିରେ ଦହି ଖାଇବା ଉଚିତ ନୁହେଁ

ଗରମ ଦିନରେ ଶରୀରକୁ ଥଣ୍ଡା ରଖିବା ପାଇଁ ଆମେ ବିବିନ୍ନ ପ୍ରକାର ଖାଦ୍ୟ ଖାଇଥାଉ । ବିଶେଷକରି ଗରମ ଦିନରେ ଦହିକୁ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି । ଏଥିରେ ଥିବା ବ୍ୟାକ୍ଟେରିଆ ଖାଦ୍ୟ ହଜମ ପାଇଁ ସାହାର୍ଯ୍ୟ କରିଥାଏ । ଦହି ଖାଇବା ଦ୍ୱାରା ଦାନ୍ତ ଓ ହାଡ଼କୁ ମଧ ଉପକାର ମିଳିଥାଏ । କିନ୍ତୁ ବହୁତ ଖାଦ୍ୟ ଅଛି ଯାହା ଖାଇବା ପାଇଁ କେତେକ ନିୟମ ମାନିବାକୁ ପଡ଼େ । ଯେମିତିକି କେତେବେଳେ ଖାଇବ , କେମିତି ଖାଇବ , କାହା ସହିତ ଖାଇବ ....ଏମିତି ଅନେକ । ଦହି ବାବଦରେ ମଧ ଏମିତି କିଛି ଶୁଣା କଥାର ନିୟମ ଅଛି , ସେଥିରୁ ଗୋଟିଏ ହେଉଛି ରାତିରେ ଦହି ଖାଇବା ମନା । କିନ୍ତୁ ଦହିକୁ ରାତିରେ ଖାଇପାରିବେ , ତେବେ କେମିତି ଆସନ୍ତୁ ଜାଣିବା – ରାତିରେ ଦହି ଖାଇଲେ ଥଣ୍ଡା , କଫ, କାଶ ଆଦି ରୋଗ ଦେଖାଯାଇଥାଏ । ବିଶେଷକରି ଅଧିକ ସର୍ଦ୍ଦି ହୋଇ ନାକରୁ ପାଣି ମଧ ବାହାରିଥାଏ । ଏସବୁ କ୍ଷେତ୍ରରେ ଡ଼ାକ୍ତର ଦହି ଖାଇବାକୁ ବାରଣ କରିଥାନ୍ତି । ଆପଣ ଯଦି ରାତିରେ ଦହି ଖାଇବାକୁ ଚାହାଁନ୍ତି , ତାହେଲେ ମହି( ଲହୁଣି ବାହାରିସାରିବା ପରେ ) ଖାଆନ୍ତୁ କିଛି ଅସୁବିଧା ହେବନାହିଁ । ଯଦି ଦିନରେ ଦହି ଖାଉଛନ୍ତି ତାହେଲେ ଚିନି ନ ମିଶାଇଲେ ମଧ କିଛି ଅସୁବିଧା ନାହିଁ । ହେଲେ ରାତିରେ ଖାଇଲାବେଳେ ଚିନି କିମ୍ବା ଗୋଲମରିଚ ମିଶାଇ ଖାଆନ୍ତୁ , ଆପଣଙ୍କ କୌଣସି ଅସୁବିଧା ହେବନାହିଁ । ଏହାସହିତ ମଧ ଆପଣଙ୍କର ହଜମ ଭଲ ହେବ ଓ ଶରୀର ଥଣ୍ଡା ରହିବ । ଏହା ବ୍ୟତୀତ ଆପଣ ଯଦି ଦହି ଖାଇବାକୁ ପସନ୍ଦ କରୁଛନ୍ତି , ତାହେଲେ ଏପରି ଭାବରେ ଖାଇପାରିବେ- ଦହି ଭାତ –ଏହା ଖରାଦିନେ ଦେହ ପାଇଁ ଭଲ । ଏହା ପାକସ୍ଥଳିକୁ ଖାଦ୍ୟ ହଜମ ପ୍ରକିୟାରେ ସାହାର୍ଯ୍ୟ କରିଥାଏ । ଚିନି ସହିତ ଦହି –ଦହି ସହିତ ଏକ ଚାମଚ ଚିନି ପକାଇ ଖାଇଲେ ଯେତେ ଚାଲିଲେ ମଧ ଥକ୍କା ଅନୁଭବ କରିବେ ନାହିଁ । ମହି/ଲସି – ଏହାକୁ ବିନା ଆଲକହଲରେ ତିଆରି ଡ୍ରିଙ୍କସ ରୂପେ କେବଳ ଖରାଦିନ କାହିଁକି ଅନ୍ୟଦିନ ମାନଙ୍କରେ ମଧ ପାନୀୟ ପାଇଁ ବ୍ୟବହାର କରିପାରିବେ । ରାଇତା –ଦହିକୁ କାକୁଡ଼ି,ଟମାଟୋ,ପିଆଜ ସହିତ ମିଶାଇ ରାଇତା ପ୍ରସ୍ତୁତ କରି ଖାଇପାରିବେ । କଢ଼ି- ଦହି ସହ ବେସନ ମିଶାଇ କଢ଼ି ପ୍ରସ୍ତୁତ କରିହେବ ଯାହା ଭାତ ସହ ମଧ ଖାଇପାରିବେ ।

# ଆଜିର ରାଶିଫଳ

**ମେଷ** – ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା ସମସ୍ତ ବାଧା ବିଘ୍ନକୁ ଅତିକ୍ରମ କରି ଆଗକୁ ବଢ଼ିବାର ଯୋଜନା ସଫଳ ହେବ । ବାଦବିବାଦ, ପ୍ରତିଯୋଗୀ ପରୀକ୍ଷା, ବିଭାଗୀୟ ପରୀକ୍ଷରେ ସଫଳ ମିଳିବ ।

**ବୃଷ** – କଳା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବେ । ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ମିଳିବ । ସମସ୍ତକ୍ରମ ବହୁତ କଷ୍ଟରେ ହିଁ ସମ୍ପନ୍ନ ହେବ । ଅଥଯା ଭ୍ରମଣ କରିବ ।

**ମିଥୁନ** – ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହୋଇ କର୍ମ ନିଯୁକ୍ତି କ୍ଷେତ୍ରରେ ସଫଳ ହେବେ । ବ୍ୟବସାୟ ପ୍ରସାର ପ୍ରଚାର ଫଳରେ ବହୁତ ବଡ଼ ମୁନାଫା ଉଠେଇ ପାରିବେ ।

**କର୍କଟ** – କେତେକ କ୍ଷେତ୍ରରେ ଉଚ୍ଚାକାଂକ୍ଷା ପୂର୍ତ୍ତି ନିମନ୍ତେ କଠିନ ପରିଶ୍ରମ କରିବାକୁ ପଡ଼ିବ । ଛାତ୍ରଛାତ୍ରୀମାନେ ପାଠପମାରେ ମନଯୋଗ ଦେବେ । ପରିବାରରେ ସୁସ୍ଥ ବାତାବରଣ ଜାରି ରହିବ ।

**ସିଂହ** – ଶତ୍ରୁ ଓ ବିରୋଧୀମାନେ ପରାସ୍ତ ହେବେ । ଟିମ୍ ୱାର୍କ, ପ୍ରତିସ୍ପର୍ଦ୍ଧା ଓ ଦ୍ୱେଷର ସାମ୍ନା କରିବାକୁ ପଡ଼ିବ । ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ହେବ । ନୂଆ କାମ ନୂଆ ପ୍ରେରଣା ଦେବ ।

**କନ୍ୟା** – ।ଆୟ ଉପାର୍ଜନ ମଧ୍ୟମ ଧରଣର ହେବ । ଏକ ବିରାଟ କାର୍ଯ୍ୟର ସଂକଳ୍ପ ନେବେ ଯାହାଫଳରେ ଆର୍ଥିକ କ୍ଷେତ୍ରରେ ଟଣାଟଣି ପରିସ୍ଥିତି ଦେଖାଦେବ । ପ୍ରତିଯୋଗିତା ପରୀକ୍ଷାରେ ସଫଳ ହେବେ ।

**ତୁଳା** – ଶତ୍ରୁ ଓ ବିରୋଧୀମାନେ ଯେତେ ଚାହିଁଲେ ମଧ ଆପଣଙ୍କର କିଛି ଅହିତ ସାଧନ କରିପାରିବେ ନାହିଁ । କୀର୍ତ୍ତି ଓ ପ୍ରତିଷ୍ଠାକୁ ସ୍ପର୍ଶ ମଧ କରିପାରିବେ ନାହିଁ ।

**ବିଛା** – ଜାଗାଜମି, ଯାନବାହନ, ସମ୍ପତ୍ତି କ୍ରୟ ଓ ବିକ୍ରୟ କରିପାରିବେ । ପ୍ରେମ-ପ୍ରସଙ୍ଗରେ ନିଶ୍ଚିତ ରୂପରେ ସଫଳତା ମିଳିବ । ବ୍ୟବସାୟରେ ପରିଶ୍ରମ ଓ କଷ୍ଟର ପୁରା ଲାଭ ମିଳିବ ।

**ଧନୁ** – ରାଜନୀତି କ୍ଷେତ୍ରରେ ଯଶ, କୀର୍ତ୍ତି, ମାନ-ସମ୍ମାନ ମିଳିବ । କୌଣସି ଆଶ୍ଚର୍ଯ୍ୟଜନକ କଥା ଶୁଣି ଚକିତ ହେବେ । ନୂତନ ଦ୍ରବ୍ୟ କ୍ରୟ ବିକ୍ରୟ କରି ଆଶାତୀତ ଲାଭ ପାଇବେ ।

**ମକର** – କୌଣସି ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହିତ ସମ୍ପର୍କ ହେବା ଫଳରେ ଆଗକୁ ବଢ଼ିବାରେ ସହାୟତା ମିଳିବ । ଶତ୍ରୁ ଓ ବିରୋଧୀମାନେ ସତଚେଷ୍ଟା କଲେ ମଧ କ୍ଷତି କରିପାରିବେ ନାହିଁ ।

**କୁମ୍ଭ** – ବନ୍ଧୁ ମିତ୍ରଙ୍କ ଆଗମନ ହେବା ଫଳରେ ଶୁଭ ସମାଚାର ପ୍ରାପ୍ତି ହେବ । ଭାଗିଦାରୀଙ୍କ ସହିତ ଲାଗି ରହିଥିବା ବିବାଦ ବା ମତଭେଦର ନିରାକରଣ ହୋଇଯିବ ।

**ମୀନ** – କୌଣସି ସାମାଜିକ କାର୍ଯ୍ୟ ବା ଜନକଲ୍ୟାଣ କାର୍ଯ୍ୟର ଆୟୋଜନରେ ଯୋଗ ଦେବେ । ରାଜନୀତି କ୍ଷେତ୍ରରେ ମଧ ଲୋକପ୍ରିୟତା ବୃଦ୍ଧି ହେବ ଓ କୌଣସିଠାରୁ ଶୁଭ ସମାଚାର ଶୁଣିବାକୁ ମିଳିବ ।

# ଭୁଲରେ ମଧ କାହାକୁ ଦିଅନ୍ତୁ ନାହିଁ ଏହି ୫ଟି ଜିନିଷ ଉପହାର

ପରମ୍ପରା ଅନୁସାରେ ବିଭିନ୍ନ ଉତ୍ସବ ଏବଂ ଅବସରରେ ଆମେ ଆମ ବନ୍ଧୁ ପରିଜନଙ୍କୁ ଉପହାର ଦେଇଥାଉ । ଉପହାର ପାରସ୍ପରିକ ସମ୍ପର୍କ, ସ୍ନେହ ଓ ସୌହାର୍ଦ୍ଦ୍ୟାକୁ ମଜବୁତ କରିଥାଏ । ପରସ୍ପର ପ୍ରତି ରହିଥିବା ମନୋଭାବକୁ ମଧ ପ୍ରକାଶ କରିଥାଏ । ତେବେ କେଉଁ ଅବସର ପାଇଁ କଣ ଉପହାର ଦେବା ଉଚିତ ସେ ନେଇ ବାସ୍ତୁ ଶାସ୍ତ୍ରରେ ବିସ୍ତୃତ ପରାମର୍ଶ ଦିଆଯାଇଛି । ଏଠି ସହିତ ଭୁଲରେ ବି କେଉଁ ଜିନିଷ ଉପହାରରେ କେବେ ବି ଦେବା ଉଚିତ ନୁହେଁ ତାହା ମଧ କୁହାଯାଇଛି । ଆଜି ଆମେ ଏମିତି ୫ଟି ଜିନିଷ ବିଷୟରେ ଆଲୋଚନା କରିବା ଯାହା କେବେ ବି କାହାକୁ ଉପହାରରେ ଦେବା ଅନୁଚିତ । ଏଭଳି ଉପହାର ଦେବା ଓ ନେବା ଉଭୟଙ୍କ ପାଇଁ ଅଶୁଭ ସାବ୍ୟସ୍ତ ହୋଇଥାଏ ୧. ଶ୍ରୀ ଗଣେଶ ଏବଂ ଶ୍ରୀ ଲକ୍ଷ୍ମୀଙ୍କ ମୂର୍ତ୍ତି : ଶ୍ରୀ ଗଣେଶଙ୍କୁ ଆମେ ଅଗ୍ରପୂଜ୍ୟ ଏବଂ ଅଗ୍ରଦେବତା ଭାବେ ପୂଜା କରିଥାଉ । ସେହିଭଳି ବିଷ୍ଣୁ ପତ୍ନୀ ମହାଲକ୍ଷ୍ମୀଙ୍କୁ ମଧ ଧନଦେବୀ ଭାବେ ପୂଜା କରିଥାଉ । ବିଭିନ୍ନ ପୂଜା ଅନୁଷ୍ଠାନରେ ଗଣେଶ ଏବଂ ଲକ୍ଷ୍ମୀଙ୍କୁ ଏକତ୍ର ପୂଜା ମଧ କରାଯାଇଥାଏ । ଶ୍ରୀ ଗଣେଶଙ୍କ ମୂର୍ତ୍ତି ବା ଶ୍ରୀ ଲକ୍ଷ୍ମୀଙ୍କ ମୂର୍ତ୍ତି କାହାକୁ ଉପହାର ଦେବାରେ କିଛି ଅସୁବିଧା ନାହିଁ । ତେବେ ବାସ୍ତୁ ଶାସ୍ତ୍ର ଅନୁସାରେ ଏ ଦୁହିଁଙ୍କୁ ମିଶାଇ ଉପହାର ଦେବା ଅଶୁଭ । ଯୁକ୍ତି ହେଉଛି ଶ୍ରୀ ଗଣେଶ ହେଉଛନ୍ତି ବିଦ୍ୟାଧିପତି ଏବଂ ଅଗ୍ରପୂଜ୍ୟ । ଶ୍ରୀ ଲକ୍ଷ୍ମୀ ହେଉଛନ୍ତି ବିଷ୍ଣୁ ପତ୍ନୀ । ଶ୍ରୀ ଗଣେଶଙ୍କ ମାତୃବତ୍ତ ତେଣୁ ଏ ଦୁହିଁଙ୍କୁ ଏକାଠି କରିବା ଅନୁଚିତ । ଦୁହିଁଙ୍କୁ ମିଶାଇ ଉପହାର ଦେଲେ ଧନ କଷ୍ଟ ପଡିବା ଆଶଙ୍କା ରହିଥାଏ । ୨. ଧାରୁଆ ଅସ୍ତ୍ର : ଚାକୁ, ଛୁରୀ, କାତି ଆଦି ଧାରୁଆ ଅସ୍ତ୍ର ଯେ କେବଳ ଅନିଷ୍ଟ କରିବା ପାଇଁ ହୋଇଥାଏ ତା' ନୁହେଁ ଏସବୁ ଜିନିଷ ମଧ ଆମର କଲ୍ୟାଣ କାର୍ଯ୍ୟରେ ଲାଗିଥାଏ । କିନ୍ତୁ ଉପହାରରେ ଏହା ଦେବା ଅଶୁଭ ବୋଲ ବାସ୍ତୁଶାସ୍ତ୍ରରେ କୁହାଯାଇଛି । କାରଣ ହେଉଛି ଆମେ ସମ୍ପର୍କର ଅଭିବୃଦ୍ଧି ପାଇଁ ଉପହାର ପ୍ରଦାନ କରିଥାଉ । କିନ୍ତୁ ଧାରୁଆ ଅସ୍ତ୍ର ଯେକୌଣସି ଜିନିଷକୁ କାଟିବାର କ୍ଷମତା ରହିଥାଏ । ଯେଉଁଠି ଯୋଡିବା କଥା ଗୁରୁତ୍ୱପୂର୍ଣ ସେଠାରେ କାଟିବା ଜିନିଷ ନିଶ୍ଚୟ ହାନିକାରକ । ତେଣୁ ସମ୍ପର୍କ କ୍ଷେତ୍ରରେ ଧାରୁଆ ଅସ୍ତ୍ର ସର୍ବଦା ବର୍ଜନୀୟ । କେବଳ ସେତିକି ନୁହେଁ ଧାରୁଆ ଅସ୍ତ୍ର ସର୍ବଦା ତାମସିକ ଶକ୍ତି ଉତ୍ପନ୍ନକାରୀ । ତେଣୁ ଉପହାରରେ ତାମସିକ ଜିନିଷ ଦେଇ ସମ୍ପର୍କକୁ ତିକ୍ତ ହେବାର ଆଶଙ୍କା ରହିଥାଏ ।



# ଅଣ୍ଡା ନିଶ୍ଚୟ ଖାଆନ୍ତୁ

ଅଣ୍ଡା ଖାଇବା ଆମ ଶରୀର ପାଇଁ ହିତକାରକ ହୋଇଥାଏ । ଅଣ୍ଡାରେ ବହୁତ ପରିମାଣର ପ୍ରୋଟିନ ରହିଛି । ଯଦି ଆପଣ ଉତ୍ତମ ସ୍ୱାସ୍ଥ୍ୟ ଚାହୁଁଛନ୍ତି ତେବେ ଆପଣଙ୍କୁ ନିଶ୍ଚୟ ଅଣ୍ଡା ଖାଇବା ପାଇଁ ପଡିବ । ସିଝା ଯାଇଥିବା ଅଣ୍ଡା ଖାଇବା ଦ୍ୱାରା ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ । ଏଥିରେ ଥିବା ତତ୍ତ୍ୱ ଆପଣଙ୍କ ଶରୀର ଲାଗି ଅଧିକ ଫଳପ୍ରଦ ହୋଇଥାଏ । ଅଣ୍ଡା ଖାଇବା କାହିଁକି ଜରୁରୀ ହୋଇଥାଏ ଏହା ତ ସମସ୍ତଙ୍କୁ ଜଣା ଅଛି । ହେଲେ ଯେପରି କ୍ଷୀର ସହ ମାଛ ଖାଇବା ଅନୁଚିତ୍ ହୋଇଥାଏ ସେହିପରି ଅଣ୍ଡା ସହ ମଧ କିଛି ଜିନିଷ ଖାଇବା ଅନୁଚିତ । ଏଭଳି ଖାଇବା ଦ୍ୱାରା ଆପଣଙ୍କ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଯେମିତି ଅଣ୍ଡା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ସେମିତି ଅଣ୍ଡା ସହ ଏସବୁ ଜିନିଷ ମିଶାଇ ଖାଇଲେ ତାହା ଶରୀର ପାଇଁ କ୍ଷତିକାରର ମଧ ହୋଇପାରେ । ଆସନ୍ତୁ ଜାଣିବା ଅଣ୍ଡା ସହ କେଉଁ କେଉଁ ଜିନିଷ ମିଶାଇ ଖାଇବା ଉଚିତ୍ ନୁହେଁ । ମାଛ ଓ ମାଂସ ଖାଆନ୍ତୁ ନାହିଁ : ଅଣ୍ଡା ଖାଇବା ସହ କିମ୍ବା ଅଣ୍ଡା ଖାଇବାର କିଛି ସମୟ ପରେ ମାଂସ ଏବଂ ମାଛ କେବେହେଲେ ଖାଆନ୍ତୁନାହିଁ । ଏଭଳି ଖାଇବା ଦ୍ୱାରା ଆପଣଙ୍କ ଶରୀର ଏବଂ ତ୍ୱଚା ଖରାପ ହୋଇପାରେ । ଏହାଦ୍ୱାରା ଆପଣଙ୍କ ଦେହର ବିଭିନ୍ନ ସ୍ଥାନରେ ଲାଲ୍ ଲାଲ୍ ହୋଇ ଫଳିଯାଇପାରେ ଏବଂ ଆପଣଙ୍କ ଶରୀର ଖରାପ ହୋଇପାରେ । ଲେମ୍ବୁ ଖାଆନ୍ତୁ ନାହିଁ : ସିଝା ଅଣ୍ଡା ଖାଇବା ସହ କୌଣସି ପ୍ରକାରରେ ଲେମ୍ବୁ ଖାଆନ୍ତୁ ନାହିଁ । ଯଦି ଆପଣ ଏଭଳି ଅଭ୍ୟାସ ରଖିଥାନ୍ତି ତେବେ ତାହାକୁ ଖୁବ୍ ଶୀଘ୍ର ବଦଳାଇଦିଅନ୍ତୁ । କାହିଁକି ନା ଆପଣଙ୍କର ଏଭଳି ଅଭ୍ୟାସ ଆପଣଙ୍କୁ ମୃତ୍ୟୁ ମୁଖକୁ ଟାଣିନେଇପାରେ । ଏମିତି କରିବା ଦ୍ୱାରା ଆପଣଙ୍କୁ ହୃଦଘାତ ହେବାର ଆଶଙ୍କା ବଢିଯାଇଥାଏ । ଏଥିପାଇଁ ଆପଣ କେବେହେଲେ ସିଝା ଅଣ୍ଡା ସହ ଲେମ୍ବୁ ଖାଆନ୍ତୁ ନାହିଁ ।



# ପୁଣି ବଜାରକୁ ଫେରିଲା ବଜାଜ ଚେତକ

ସ୍କୁଟର ଲଭରଙ୍କ ପାଇଁ ଖୁସି ଖବର । ଆମ ବାପା ଅଜାଙ୍କ ସମୟର ପ୍ରସିଦ୍ଧ ଓ ଲୋକପ୍ରିୟ ହୋଇଥିବା ବଜାଜ ଚେତକ ସ୍କୁଟର ପୁଣିଥରେ ବଜାରକୁ ଦମ୍‌ଦାର ଏଣ୍ଟ୍ରି ମାରିଛି । କିନ୍ତୁ ଏଥର ପୁରାପୁରି ନୂଆ ରୂପରେ ନୂଆ ରଙ୍ଗରେ ବଜାରକୁ ଫେରିଛି ବଜାଜ ଇଲେକ୍ଟ୍ରିକ ଚେତକ ସ୍କୁଟର । ଲଗାତାର ପେଟ୍ରୋଲ ଓ ଡିଜେଲର ଦର ବଢୁଥିବାରୁ ଗ୍ରାହକମାନେ ଏବେ ବୈଦ୍ୟୁତିକ ଯାନ ମୁହାଁ ହେଲେଣି । ସେମାନଙ୍କ ଆବଶ୍ୟକତାକୁ ଆଖି ଆଗରେ ରଖି ପ୍ରତ୍ୟକ ଅଟୋ ଭେଇକିଲ କମ୍ପାନୀମାନେ ଏବେ ବୈଦ୍ୟୁତିକ ଯାନ ନିର୍ମାଣ କରୁଛନ୍ତି । ଏଥିରେ ବଜାଜ କମ୍ପାନୀ ମଧ ପଛରେ ପଡ଼ିନାହିଁ । ଏହି କ୍ରମରେ ବଜାଜ ତାର ଚେତକ ସ୍କୁଟରର ନୂଆ ବୈଦ୍ୟୁତିକ ମଡେଲକୁ ଗ୍ରାହକଙ୍କ ପାଇଁ ବଜାରକୁ ଆଣିଛି । ତାହେଲେ ଆଉ ଡେରି ନକରି ଆସନ୍ତୁ ଜାଣିବା ବଜାଜ ଚେତକ ବୈଦ୍ୟୁତିକ ସ୍କୁଟରକୁ ନେଇ ସମସ୍ତ ସୂଚନା । ଚେତକ ଇଲେକ୍ଟ୍ରୋନିକ ସ୍କୁଟରର ଦାମ୍ ଶୋରୁମରେ ୧ ଲକ୍ଷ ୧୫ ହଜାର ଟଙ୍କା ରିହିଛି । ଯଦି ଆପଣଙ୍କ ପାଖରେ ଏତେ ଟଙ୍କା ନାହିଁ ତାହେଲେ ଆପଣ ଏହାକୁ ଡାଉନ୍ ପେମେଣ୍ଟ ଦେଇ କିଣିପାରିବେ ଓ ବାକି ଟଙ୍କା ଇଏମଆଇ ମାଧ୍ୟମରେ ଦେଇପାପରିବେ । କିନ୍ତୁ ଆପଣଙ୍କ ପାଖରେ କମ୍ ଟଙ୍କା ଥିଲେ ମଧ ଚିନ୍ତାକରନ୍ତୁ ନାହିଁ କାରଣ ଆପଣ ଏହାକୁ ମାତ୍ର ୧୨ହଜାର ଦେଇ ମଧ କିଣି ପାରିବେ । ଏହି ସ୍କୁଟରକୁ କିଣିବାପାଇଁ ଅନେକ ବ୍ୟାଙ୍କ ଫାଇନାନ୍ସ ସୁବିଧା ଉପଲବ୍ଧ କରାଉଛନ୍ତି । ବଜାଜ କମ୍ପାନୀ ନିଜେ ମଧ ନିଜେ ମଧ ଫାଇନାନ୍ସ ସୁବିଧାର ଅଫର ଦେଉଛି । ଏହି ସ୍କୁଟରକୁ କିଣିବାପାଇଁ ଆପଣଙ୍କୁ କେବଳ ୧୨ହଜାର ଟଙ୍କା ଡାଉନ୍ ପେମେଣ୍ଟ ଦେବାକୁ ପଡ଼ିବ ଓ ବାକି ଟଙ୍କା ଆପଣଙ୍କୁ ଋଣରେ ମିଳିଯିବ । ଏହି ଋଣକୁ ଆପଣ ପ୍ରତ୍ୟକ ମାସ ୩ ହଜାର ୬୯୪ ଟଙ୍କା ଦେଇ ସୁଝି ପାରିବେ ।

## ଫିଲ୍ମ ଟକ୍

# ଗର୍ଭବତୀ ନାହାନ୍ତି କ୍ୟାଟ୍ରିନା କୈଫ



ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫଙ୍କୁ ତାଙ୍କୁ ଦୀର୍ଘ ଦିନ ଧରି ପରଦାରେ ଦେଖିବାକୁ ମିଳି ନଥିଲା । ଏହି ଅଭିନେତ୍ରୀଙ୍କୁ ଶେଷ ଥର ପାଇଁ ଫିଲ୍ମ 'ଫୋନ୍ ଭୁତ୍'ରେ ନଜର ଆସିଥିଲେ । ଏହା ସହିତ କ୍ୟାଟ୍ରିନା ବିବାହ ପରେ ତାଙ୍କୁ ପବ୍ଲିକ୍‌ରେ ଦେଖିବାକୁ ଖୁମ୍ ମିଳିଥିଲା । ଯେଉଁଥିପାଇଁ ତାଙ୍କ ପ୍ରଶଂସକମାନେ ସୋସିଆଲ ମିଡିଆରେ ଅନେକ ପ୍ରଶ୍ନ ପଚାରୁଛନ୍ତି । ଇଦ୍ ଅବସରରେ ଅଭିନେତ୍ରୀ ଆୟୁଷ ଶର୍ମା ଏବଂ ଅର୍ପିତା ଖାନଙ୍କ ଘରେ ନଜର ଆସିଥିଲେ, ଯାହା ପରେ ତାଙ୍କ ପ୍ରେଗନେନ୍ସି ଥିବା ନେଇ ଗୁଜବ ଆରମ୍ଭ ହୋଇଥିଲା । ଏହା ସହିତ କୁହାଯାଇଥିଲା ଯେ ଗର୍ଭବତୀ ହେତୁ ଅଭିନେତ୍ରୀ ତାଙ୍କର ପବ୍ଲିକ୍ ଆପିରିୟନ୍ସ ମିଳୁନାହିଁ । କ୍ୟାଟ୍ରିନା ପ୍ରେଗନେନ୍ସି କିମ୍ବା ବ୍ୟକ୍ତିଗତ ଜୀବନ ହେତୁ ନୁହେଁ, ବରଂ ତାଙ୍କ ବୃତ୍ତିଗତ ଜୀବନ ହେତୁ ପବ୍ଲିକ୍ ଆପିରିୟନ୍ସକୁ ହ୍ରାସ କରିଛନ୍ତି । କାହିଁକି ନା ଏକ ମିଡିଆ ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀ ତାଙ୍କର ଆଗାମୀ ଚଳଚ୍ଚିତ୍ର 'ଟାଇଗର' 'ପାଇଁ ବହୁତ ବ୍ୟସ୍ତ ଅଛନ୍ତି । ଏହି ଚଳଚ୍ଚିତ୍ରରେ ଅଭିନେତ୍ରୀ ପୁଣି ଥରେ ସଲମାନ ଖାନଙ୍କ ସହ ସ୍କ୍ରିନ୍ ସେୟାର୍ କରିବେ । ଏହି ଚଳଚ୍ଚିତ୍ର ହେତୁ କ୍ୟାଟ୍ରିନା ପବ୍ଲିକ୍ ଆପିରିୟନ୍ସ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଯାହା ଦ୍ୱାରା ଦର୍ଶକ ଥିଏଟରରେ ତାଙ୍କ ଭୂମିକାକୁ ନେଇ ଉତ୍ସାହିତ ରହିବେ । ଅଭିନେତ୍ରୀ 'ଟାଇଗର' 'ପାଇଁ ବହୁତ ପରିଶ୍ରମ କରୁଛନ୍ତି . କହିବାକୁ ଗଲେ କ୍ୟାଟ୍ରିନାଙ୍କୁ ଶେଷ ଥର ପାଇଁ ଫିଲ୍ମ 'ଫୋନ୍ ଭୁତ୍'ରେ ଦେଖିବାକୁ ମିଳିଥିଲା ।

# ପାକିସ୍ତାନରେ ବିସ୍ଫୋରକ ସ୍ଥିତି

## ହିଂସାରେ ୬ ଜଣଙ୍କ ମୃତ୍ୟୁ



ଇସଲାମାବାଦ: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଗିରଫ ହେବାପରେ ଦେଶବ୍ୟାପୀ ହିଂସାତ୍ମକ ବିକ୍ଷୋଭ ଜାରି ରହିଛି। ପିଟିଆଇ ସମର୍ଥକମାନେ ଚାରିଆଡ଼େ ଭଙ୍ଗାରୁଜା ଓ ପୋଡ଼ାଜଳା କରୁଛନ୍ତି। ପାକିସ୍ତାନର ପଂଜାବରେ ପ୍ରାୟ ୧୦୦୦ ଲୋକ ଗିରଫ ହୋଇଛନ୍ତି। ପିଟିଆଇ ସମର୍ଥକମାନେ ସେନା ମୁଖ୍ୟାଳୟ, ପୁଲିସ କୋଠା, ପୁଲିସ ଗାଡ଼ି ଏବଂ ବିଭିନ୍ନ ସରକାରୀ ସମ୍ପତ୍ତିକୁ ଟାର୍ଗେଟ୍ କରି ନିଆଁ ଲଗାଇ ଦେଇଛନ୍ତି। ଆନ୍ଦୋଳନକାରୀ ପେଟ୍ରୋଲ ବୋମା ଏବଂ ପଥର ମାଡ଼ କରୁଛନ୍ତି। ହିଂସା ଯୋଗୁଁ ୬ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସରକାରୀ ଗଣମାଧ୍ୟମ ପ୍ରତିଷ୍ଠାନ ଏବଂ ସେନା ଅଧିକାରୀଙ୍କ ବାସଭବନଗୁଡ଼ିକୁ ମଧ୍ୟ ଆଜି ଟାର୍ଗେଟ୍ କରାଯାଇଛି। ପାକିସ୍ତାନରେ ସମସ୍ତ କଲେଜ ଏବଂ ୟୁନିଭର୍ସିଟି ଆସନ୍ତା ୨ ଦିନ ପର୍ଯ୍ୟନ୍ତ ବନ୍ଦ ରହିବ। ପରବର୍ତ୍ତୀ ନିର୍ଦ୍ଦେଶ ହେବା ପର୍ଯ୍ୟନ୍ତ ସମଗ୍ର ପାକିସ୍ତାନରେ ଧାରା ୧୪୪ ଜାରି ବଳବତ୍ତର ରହିବ। ଇସଲାମାବାଦରେ ଆଇନ ଶୃଙ୍ଖଳା ଦାୟିତ୍ୱ ସେନା ହାତରେ ରହିଛି। ଇସଲାମାବାଦରେ ଆଜି ପିଟିଆଇ ସମର୍ଥକଙ୍କ ପଥର ମାଡ଼ରେ ୭ ଜଣ ପୁଲିସ କର୍ମୀ ଆହତ ହୋଇଛନ୍ତି। ପାକିସ୍ତାନର ପଂଜାବ ପ୍ରଦେଶରେ ୧୩୦ ପୁଲିସ କର୍ମୀ ଆହତ ହୋଇଥିବା ରିପୋର୍ଟ ମିଳିଛି। ପାକିସ୍ତାନର ଖାଇବର ପଖତୁଙ୍ଖୱା ଏବଂ ପଂଜାବ ପ୍ରଦେଶରେ ସେନା ବ୍ୟାପକ ମୁତୟନ ହୋଇଛନ୍ତି। ପୂରା ଦେଶରେ ମୋବାଇଲ ଡାଟା ଏବଂ ସୋସିଆଲ ମିଡିଆ ସର୍ଭିସ ବନ୍ଦ ରହିଛି। ଅନ୍ୟପକ୍ଷରେ ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଗିରଫକୁ ଇସଲାମାବାଦ ହାଇକୋର୍ଟ ନ୍ୟାୟ ସଙ୍ଗତ କହିବାପରେ ଇମ୍ରାନଙ୍କ ପାଇଁ ସମସ୍ୟା ବଢ଼ିଛି। ଅତିରିକ୍ତ ସେସନ୍ସ କୋର୍ଟ ଇମ୍ରାନଙ୍କ ବିରୋଧରେ ତୋଷଖାନା ମାମଲାରେ ଚାର୍ଜଫ୍ରେମ୍ କରିଛନ୍ତି। ଇମ୍ରାନ ଦେଶର ପ୍ରଧାନମନ୍ତ୍ରୀ ଥିବା ସମୟରେ ବିଦେଶରୁ ପାଇଥିବା ଉପହାର ବାବଦରେ ବିସ୍ତୃତ ତଥ୍ୟ ଏବଂ ସୂଚନା ଦେବାରେ ବିଫଳ ହେବାରୁ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୧୮ରେ କ୍ଷମତାକୁ ଆସିଥିବା ଇମ୍ରାନ ଆରବ ଶାସକଙ୍କ ଏବଂ ଅନ୍ୟ ରାଷ୍ଟ୍ରମାନଙ୍କଠାରୁ ଦାମୀ ଉପହାର ପାଇଥିଲେ। ଏହି ଉପହାରଗୁଡ଼ିକୁ ତୋଷଖାନାରେ ଜମା କରାଯାଇଥିଲା। ପରେ ସେ ଏହି ଉପହାରକୁ ରିହାତି ମୂଲ୍ୟରେ କିଣିଥିଲେ ଏବଂ ଏହାକୁ ବହୁ ମୂଲ୍ୟରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଇମ୍ରାନଙ୍କୁ ଆଜି କଡ଼ା ସୁରକ୍ଷା ମଧ୍ୟରେ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିବାବେଳେ ଦୁର୍ନୀତି ମାମଲାରେ ୮ ଦିନ ପାଇଁ ତାଙ୍କୁ ରିମାଣ୍ଡରେ ନେବାକୁ ଏନ୍‌ଏବିକୁ ଅନୁମତି ମିଳିଛି। ଅଲ କାଦିର ଟ୍ରଷ୍ଟ୍ ଜମି ଦୁର୍ନୀତି ମାମଲାରେ ଇମ୍ରାନ ଗିରଫ ହୋଇଛନ୍ତି। ଅନ୍ୟପକ୍ଷେ ଇମ୍ରାନଙ୍କ ସହଯୋଗୀ ଅସଦ ଉମରଙ୍କୁ ଆଜି କୋର୍ଟ ପରିସରରୁ ଗିରଫ କରାଯାଇଛି। ପିଟିଆଇର ଅନ୍ୟତମ ବରିଷ୍ଠ ନେତା ଶାହ ମହମ୍ମଦ କୁରେସୀ ଆଜି ଗିରଫ ହୋଇଛନ୍ତି ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରଚାରିତ ହୋଇଥିବା ବେଳେ କୁରେସୀ ଏହାକୁ ଖଣ୍ଡନ କରିଛନ୍ତି। ଅନ୍ୟପକ୍ଷେ ଇସଲାମାବାଦ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଂଜ କରି ପିଟିଆଇ ସୁପ୍ରିମକୋର୍ଟରେ ଆବେଦନ କରିଥିବାରୁ ସର୍ବୋଚ୍ଚ ଅଦାଲତଙ୍କ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଇମ୍ରାନ ଖାନ୍ ଆଜି କୋର୍ଟରେ କହିଛନ୍ତି, ତାଙ୍କ ଜୀବନ ପ୍ରତି ବିପଦ ଅଛି ଏବଂ ତାଙ୍କୁ ନିର୍ଯାତନା ଦିଆଯାଉଛି। ତାଙ୍କୁ ୱାସରୁମ୍ ବ୍ୟବହାର କରିବାକୁ ଦିଆଯାଉନି ଏବଂ ହତ୍ୟା ପାଇଁ ଷଡ଼ଯନ୍ତ୍ର ହେଉଛି। ତାଙ୍କର ହୃଦ୍‌ଘାତ ଘଟାଇବା ଉଦ୍ଦେଶ୍ୟରେ ଏକ ଇଂଜେକ୍ସନ ଦିଆଯାଇଛି ବୋଲି ଇମ୍ରାନ ଅଦାଲତରେ କହିଛନ୍ତି।

## ଏହା ଦେଶର ଇତିହାସରେ କଳା ଅଧ୍ୟାୟ, ପାକ୍ ସେନା

ଇସଲାମାବାଦ : ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତହରିକ-ଏ-ଇନସାଫ(ପିଟିଆଇ)ର ମୁଖ୍ୟ ଇମ୍ରାନ ଖାଁ ଗିରଫ ହେବା ପରେ ଦେଶରେ ହିଂସା ପରିସ୍ଥିତି ଉପୁଜିଛି। ପାକିସ୍ତାନର ପ୍ରତିଟି ସହରରେ ଇମ୍ରାନଙ୍କ ସମର୍ଥକ ବିରୋଧ ପ୍ରଦର୍ଶନ କରୁଛନ୍ତି। ଉପୁଜିଥିବା ହିଂସାରେ ଏବେ ପର୍ଯ୍ୟନ୍ତ ୧୫ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ପାକିସ୍ତାନ ପୋଲିସ ଓ ସେନାର ସମ୍ପତ୍ତି ମଧ୍ୟ ନଷ୍ଟ ହୋଇଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଶହବାଜଙ୍କ ନିର୍ଦ୍ଦେଶରେ ପାକର ୪ଟିରୁ ୨ଟି ରାଜ୍ୟକୁ ସେନାକୁ ହସ୍ତାନ୍ତର କରିଦିଆଯାଇଛି। ଇମ୍ରାନଙ୍କ ଗିରଫକୁ ୨୪ ଘଣ୍ଟା ବିତି ଯାଇଥିବା ବେଳେ ଦେଶରେ ଉପୁଜିଥିବା ହିଂସାକୁ ନେଇ ଏବେ ପାକିସ୍ତାନ ସେନାର ବୟାନ ସାମ୍ନାକୁ ଆସିଛି। ପାକିସ୍ତାନ ସେନାର ମିଡିଆ ୱିଙ୍ଗ, ଇଣ୍ଟର ସର୍ଭିସେଜ ପବ୍ଲିକ ରିଲେସନ୍ସ(ଆଇଏସପିଆର) ମଙ୍ଗଳବାର ମେ' ୯ରେ ହୋଇଥିବା ହିଂସାକୁ ଦେଶର ଇତିହାସରେ ଏକ 'କଳା ଅଧ୍ୟାୟ' ବୋଲି କହିଛି। ଆଇଏସପିଆର ତା'ର ଟୁଇଟର ହ୍ୟାଣ୍ଡେଲରେ ଉର୍ଦ୍ଦୁରେ ଜାରି କରାଯାଇଥିବା ଏକ ବୟାନରେ କହିଛି, ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁଙ୍କ ଗିରଫ ପରେ ହୋଇଥିବା ବିରୋଧ ପ୍ରଦର୍ଶନ ଉଦାହରଣ ଦିଆଯାଉଛି। ଆଇଏସପିଆର କହିଛି, ବିରୋଧ ପ୍ରଦର୍ଶନରେ ବିଶେଷ ଭାବେ ପାକିସ୍ତାନୀ ସେନାର ସମ୍ପତ୍ତି ଓ ପ୍ରତିଷ୍ଠାନକୁ ଟାର୍ଗେଟ କରାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ ବାସଭବନ ଉପରକୁ ବୋମାମାଡ଼ ହୋଇଛି। ଲାହୋରସ୍ଥିତ ତାଙ୍କ ଘର ଉପରକୁ ଦୁର୍ବୃତ୍ତମାନେ ୩ଟି ପେଟ୍ରୋଲ ବୋମା ମାଡ଼ କରିଛନ୍ତି। ଇମ୍ରାନଙ୍କ ଗିରଫ ପରେ ପାକିସ୍ତାନରେ ପ୍ରବଳ ଉତ୍ତେଜନା ଲାଗିରହିଛି। ପାକିସ୍ତାନ ତେହେରିକ-ଇ-ଇନ୍ସାଫ (ପିଟିଆଇ) ପାର୍ଟିର ୫୦୦ରୁ ଅଧିକ ଆନ୍ଦୋଳନକାରୀ ବୁଧବାର ସକାଳେ ପ୍ରଧାନମନ୍ତ୍ରୀଙ୍କ ମଡେଲ ଟାଉନ ଲାହୋର ବାସଭବନରେ ପହଞ୍ଚି ସେଠାରେ ଥିବା ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ। ସେମାନେ ପ୍ରିମିୟର ଘର ଭିତରେ ପେଟ୍ରୋଲ ବୋମା ମଧ୍ୟ ଫିଙ୍ଗିଥିଲେ। ବର୍ତ୍ତମାନ ଦେଶବ୍ୟାପୀ ହିଂସା ଲାଗିରହିଥିବା ବେଳେ ୭ ଜଣଙ୍କର ମୃତ୍ୟୁ ଘଟିସାରିଲାଣି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ବ୍ୟକ୍ତିଗତ ପରିଚୟପତ୍ର ପ୍ରଦାନ କରୁଛନ୍ତି ଆମେରିକା ରାଷ୍ଟ୍ରଦୂତ ଏରିକି ଗ୍ରେସେଟି

## ଥରିଲା ଟୋକିଓ

ଟୋକିଓ : ଜାପାନର ରାଜଧାନୀ ଟୋକିଓ ଏବଂ ଏହାର ଆଖପାଖ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଛି। ଏହି ସମୟରେ ଅନେକ ଲୋକ ଆହତ ହୋଇଛନ୍ତି ଏବଂ ସାମାନ୍ୟ କ୍ଷୟକ୍ଷତି ହୋଇଥିବା ଜଣେ ଅଧିକାରୀ କହିଛନ୍ତି। ଜାପାନ ପାଣିପାଗ ବିଭାଗ ଅନୁଯାୟୀ, ଏହି ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୪ ଥିଲା। ଏହି ଭୂକମ୍ପର କେନ୍ଦ୍ର ଟୋକିଓର ଦକ୍ଷିଣ ପୂର୍ବର ଚିବା ପ୍ରିଫେକ୍ଚରରେ ଥିଲା। ତେବେ ବର୍ତ୍ତମାନ ସୁଦ୍ଧା ସୁନାମିକୁ ନେଇ କୌଣସି ସତର୍କ ସୂଚନା ଦିଆଯାଇନାହିଁ। ଜାପାନ ବିଶ୍ୱର ସବୁଠୁ ଭୂକମ୍ପ ପ୍ରବଣ ଦେଶମାନଙ୍କ ମଧ୍ୟରୁ ଅନ୍ୟତମ। ୨୦୧୧ରେ ଏକ ବଡ଼ ଭୂକମ୍ପ ଏବଂ ପରବର୍ତ୍ତୀ ସମୟରେ ସୁନାମି ଆସି ହଜାର ହଜାର ଲୋକ ପ୍ରାଣ ହରାଇଥିଲେ।

## ନୀତୀଶଙ୍କୁ ଝଟକା: ଜେଡିୟୁ ଛାଡି ଭାଜପାରେ ମିଶିଲେ ବରିଷ୍ଠ ନେତା



ନୂଆଦିଲ୍ଲୀ : ପୂର୍ବତନ କେନ୍ଦ୍ର ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂ ଜେଡିୟୁ ଛାଡି ଗୁରୁବାର ଦିଲ୍ଲୀରେ ଭାରତୀୟ ଜନତା ପାର୍ଟି (ଭାଜପା)ରେ ସାମିଲ ହୋଇଛନ୍ତି। ଭାଜପାରେ ଯୋଗଦେବା ପରେ ରାମଚନ୍ଦ୍ର ପ୍ରସାଦ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଟାର୍ଗେଟ କରିଛନ୍ତି। ସିଂ କହିଛନ୍ତି, ନୀତୀଶ କୁମାର ବିହାରର କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, କିନ୍ତୁ ସେ ବର୍ତ୍ତମାନ କଣ କରୁଛନ୍ତି। ଦିନେ ସେ ଓଡ଼ିଶାରେ, ଅନ୍ୟ ଦିନ ଝାଡଖଣ୍ଡରେ ଏବଂ ସେ ମହାରାଷ୍ଟ୍ରରେ ଅଛନ୍ତି। ସେ ବର୍ତ୍ତମାନ ବିରୋଧୀ ଏକତା ବିଷୟରେ କହୁଛନ୍ତି, କିନ୍ତୁ ପ୍ରଶ୍ନ ଉଠିଛି କିଏ ତୁମର ନେତା ତୁମେ କୌଣସି ନେତା ବିନା ବିରୋଧୀ ଏକତା କିପରି ଆଶା କରୁଛ ?

## ସଚିନ ପାଇଲଟଙ୍କ ୫ ଦିନିଆ ଜନସଂଘର୍ଷ ଯାତ୍ରା



ଜୟପୁର : ରାଜସ୍ଥାନ ବିଧାନସଭା ନିର୍ବାଚନ ପୂର୍ବରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲୋଟ୍ ଏବଂ କଂଗ୍ରେସ ହାଇକମାଣ୍ଡଙ୍କ ଉପରେ ଚାପ ପକାଇବା ପାଇଁ ଦଳର ନେତା ସଚିନ ପାଇଲଟ୍ ଅଜମେରରୁ ତାଙ୍କର ଜନ ସଂଘର୍ଷ ପଦଯାତ୍ରା ଆରମ୍ଭ କରିଥିଲେ । ଏହା ପୂର୍ବରୁ ପାଇଲଟ ଅଜମେରର ଜୟପୁର ରୋଡରେ ଅଶୋକ ଉଦ୍ୟାନ ନିକଟରେ ଏକ ସଭା କରିଥିଲେ। ଏଥିରେ ସେ କହିଛନ୍ତି ଯେ ଏହି ଯାତ୍ରା କୌଣସି ବ୍ୟକ୍ତି ବିରୁଦ୍ଧରେ ନୁହେଁ ବରଂ ଦୁର୍ନୀତି ବିରୁଦ୍ଧରେ। ପାଇଲଟ କହିଛନ୍ତି, ଆମେ ଆମର ସ୍ୱର ଉତ୍ତୋଳନ କରିବା, ତୁମର ସ୍ୱର ଶୁଣିବା, ଲୋକଙ୍କ ସ୍ୱର ହେବା ପାଇଁ ଏହି ଯାତ୍ରା କରିଛୁ। କଂଗ୍ରେସ ନେତା କହିଛନ୍ତି, ଜନ ସଂଘର୍ଷ ଯାତ୍ରା କାହା ବିରୁଦ୍ଧରେ ନୁହେଁ। ଜନ ସଂଘର୍ଷ ଯାତ୍ରା ଦୁର୍ନୀତି ବିରୋଧରେ। ଜନ ସଂଘର୍ଷ ଯାତ୍ରା ଯବାନଙ୍କ ସୁରକ୍ଷା ପାଇଁ । ଆମର ବାଳକ ଏବଂ ବାଳିକାମାନେ ଶିକ୍ଷିତ ହେବା ଉଚିତ ଏବଂ ସେହି ପଦବୀରେ ବସିବା ଉଚିତ ଯେଉଁଠାରୁ ସମସ୍ତ ନୀତି ନିର୍ମିତ ହୋଇଛି । ଏହି ଯାତ୍ରା ଅଜମେରରୁ ଆରମ୍ଭ ହୋଇ ଜୟପୁର ଆଡକୁ ଆସିବ ଏବଂ ପ୍ରାୟ ୧୨୫ କିଲୋମିଟର ଦୂରତା ଅତିକ୍ରମ କରିବ । ପାଇଲଟଙ୍କ କହିବାନୁସାରେ, ଏହି ଘୋଷଣା ପରେ ଲୋକମାନେ ତାଙ୍କୁ କହିଥିଲେ ଯେ ତୁମେ ଏପରି ପ୍ରବଳ ଉତ୍ତାପରେ ଏକ ପଦଯାତ୍ରା କରିବାକୁ ଚାହୁଁଛ । ତାଙ୍କ ସ୍ୱର୍ଗତ ପିତା ରାଜେଶ ପାଇଲଟ ଏବଂ ମାତା ରାମା ପାଇଲଟଙ୍କ ରାଜନୈତିକ ଜୀବନ ବିଷୟରେ ପାଇଲଟ କହିଛନ୍ତି ଯେ ଆମର ବିଶ୍ୱସ୍ତତା ଉପରେ, ଆମର ସଚ୍ଚୋଟତା ଉପରେ ବିରୋଧୀ ମଧ୍ୟ ଆଙ୍ଗୁଳି ନିର୍ଦ୍ଦେଶ କରିପାରିବେ ନାହିଁ। ଏହା ସହିତ ପାଇଲଟ କାଗଜ ଲିକ୍ ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଏବଂ ବସୁନ୍ଧରା ରାଜେଙ୍କ ନେତୃତ୍ୱରେ ପୂର୍ବ ବିଜେପି ସରକାରଙ୍କ ଦୁର୍ନୀତି ମାମଲା ଉଠାଇଥିଲେ। ପୂର୍ବ ବିଜେପି ସରକାରଙ୍କ ଦୁର୍ନୀତି ମାମଲାରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପାଇଲଟ ଏପ୍ରିଲ ୧୧ରେ ଏଠାରେ ଏକ ଦିନିଆ ଉପବାସ ମଧ୍ୟ ପାଳନ କରିଥିଲେ। ଚଳିତ ବର୍ଷ ଶେଷ ସୁଦ୍ଧା ରାଜସ୍ଥାନରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ ୨୦୧୮ ଶେଷରେ ରାଜ୍ୟରେ କଂଗ୍ରେସ ସରକାର ଗଠନ ହେବା ଦିନଠାରୁ ପାଇଲଟ ଏବଂ ମୁଖ୍ୟମନ୍ତ୍ରୀ ଗେହଲୋଟଙ୍କ ମଧ୍ୟରେ ନେତୃତ୍ୱକୁ ନେଇ ବିବାଦ ଲାଗି ରହିଛି।

## ସୁଦାନରେ ଗୃହଯୁଦ୍ଧ ତୀବ୍ର : ୨୫ ମୃତ



ଖାର୍ତ୍ତୁମ : ସୁଦାନରେ ଚାଲିଥିବା ଗୃହଯୁଦ୍ଧ ଶେଷ ହେବାର ନାମ ନେଉନାହିଁ। ସେଠାରେ ଉନ୍ନତି ଆଣିବା ପରିବର୍ତ୍ତେ ଅବସ୍ଥା ଖରାପ ହେବାରେ ଲାଗିଛି। ଏଥି ସହିତ, ହାଉସା ଏବଂ ନୁବା ନାମକ ଦୁଇ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଚାଲିଥିବା ହିଂସା ଘଟଣାରେ ସୁଦାନରେ ୨୫ ଲୋକଙ୍କର ମୃତ୍ୟୁ ଘଟିଛି। ଦକ୍ଷିଣ ସୁଦାନରେ ଏସବୁ ଲୋକଙ୍କର ମୃତ୍ୟୁ ଘଟିଛି ବୋଲି ଦେଶର ଡାକ୍ତର ସଂଘ କହିଛି ଯେ ଦେଶର ପ୍ରତିଦ୍ୱନ୍ଦ୍ୱୀ ଟପ ଜେନେରାଲଙ୍କ ମଧ୍ୟରେ ମୁହାଁମୁହିଁ ହେବାର ଆଶଙ୍କା ବଢ଼ିଛି। ଆଦିବାସୀ ସଂଘର୍ଷ ସେନା ମୁଖ୍ୟ ଜେନେରାଲ ଅବଦେଲ ଫତ୍ତାହ ବୁରହାନ ଏବଂ ସାମରିକ ସାମରିକ ଜେନେରାଲ ମହମ୍ମଦ ହାମଦାନ ଡାଗାଲୋଙ୍କ ମଧ୍ୟରେ ଚାଲିଥିବା ବିବାଦ ଏହା ସହ ଜଡିତ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ରାପିଡ ସପୋର୍ଟ ଫୋର୍ସ ନାମକ ଏକ ଶକ୍ତିଶାଳୀ ପାରାମିଲିଟାରୀ ଗୋଷ୍ଠୀର ନେତୃତ୍ୱ ନେଉଥିବା ଅବଦେଲ ଫତ୍ତାହ ବୁରହାନ ଏବଂ ଜେନେରାଲ ମହମ୍ମଦ ହାମଦାନ ଡାଗାଲୋ। ଦକ୍ଷିଣ ସୁଦର୍ଶନ ସୀମାବର୍ତ୍ତୀ ହ୍ୱାଇଟ ନାଇଲ ପ୍ରଦେଶର ରାଜଧାନୀ କୋଷ୍ଟି ସହରର ହାଉସା ଏବଂ ନୁବା ଜନଜାତିଙ୍କ ମଧ୍ୟରେ ସୋମବାର ଦିନ ଆଦିବାସୀ ହିଂସା ଆରମ୍ଭ ହୋଇଥିଲା। ସୁଦାନର ଦକ୍ଷିଣ ଏବଂ ପଶ୍ଚିମରେ ଆଦିବାସୀ ହିଂସା ଏକ ନୂଆ ଘଟଣା ନୁହେଁ। ଦେଶବ୍ୟାପୀ ବିବାଦରେ ଏପର୍ଯ୍ୟନ୍ତ ୬୦୦ ରୁ ଅଧିକଙ୍କ ଜୀବନ ଗଲାଣି। ହଜାର ହଜାର ଲୋକ ବିସ୍ଥାପିତ ହୋଇଛନ୍ତି। ଏଥି ସହିତ ହିଂସା ଅନ୍ୟ ଅଞ୍ଚଳରେ ମଧ୍ୟ ବ୍ୟାପିଛି। ଡାକ୍ତର ଗୋଷ୍ଠୀ ସୁଦର୍ଶନ ଡାକ୍ତର ସିଣ୍ଡିକେଟ ଅନୁଯାୟୀ ଗତ ମାସରେ ସଶସ୍ତ୍ର ସଂଗ୍ରାମୀମାନେ ପଶ୍ଚିମ ଡାରଫୁରର ଜେନେନା ସହରରେ ଆକ୍ରମଣ କରି ଅତି କମରେ ୧୦୦ଜଣଙ୍କର ମୃତ୍ୟୁ ଘଟିଥିଲା। ଜାତିସଂଘର ସ୍ଥାନାନ୍ତରଣ ଏଜେନ୍ସି କହିଛି, ବର୍ତ୍ତମାନ ସୁଦାନରେ ଚାଲିଥିବା ହିଂସା ଯୋଗୁଁ ୭ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ପ୍ରକାଶିତ ଅପଡେଟ ଆକଳନଗୁଡିକରେ, ଏହା ଏକ ସପ୍ତାହ ପୂର୍ବରୁ ଦ୍ୱିଗୁଣିତ ହୋଇଛି। ଏଜେନ୍ସି ଆକଳନ ଅନୁଯାୟୀ, ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ୩.୭ ନିୟୁତ ଲୋକ ଆଭ୍ୟନ୍ତରୀଣ ବିସ୍ଥାପିତ ହୋଇସାରିଛନ୍ତି। ଜାତିସଂଘର ଡେପୁଟି ମୁଖପାତ୍ର ଫରହାନ ହକ କହିଛନ୍ତି ଏହି ବିବାଦ କାରଣରୁ ୧୯ ମିଲିୟନରୁ ଅଧିକ ଲୋକଙ୍କୁ ପ୍ରଭାବିତ କରିଥିବା ଜଣା ପଡ଼ିଛି।

## ବାଇଡେନ ସରକାର ଆଗତ କଲେ ନାଗରିକତ୍ୱ ଅଧିନିୟମ

ୱାଶିଂଟନ : ଆମେରିକାର ଶାସକ ଡେମୋକ୍ରାଟିକ ପାର୍ଟି ଆମେରିକାର ନାଗରିକତ୍ୱ ଆଇନ ପ୍ରଣୟନ କରିଛି। ଏହା ଏକ ସଂସଦ ବିଲ। ଗ୍ରୀନ କାର୍ଡ ପାଇଁ ଦେଶର କୋଟା ଶେଷ କରିବା ଏବଂ ଏଚ-୧-ବି ଭିଜା ସିଷ୍ଟମକୁ ସଂଶୋଧନି କରିବା ପାଇଁ ଏହି ବିଲର ଉଦ୍ଦେଶ୍ୟ। ଆମେରିକାର ନାଗରିକତା ଅଧିନିୟମ ୨୦୨୩ ମହିଳା ସାଂସଦ ଲିଣ୍ଡା ଏସ ନଚେଜଙ୍କ ଦ୍ୱାରା ଆଗତ ହୋଇଥିଲା। ଆମେରିକାର ନାଗରିକତ୍ୱ ପାଇବାକୁ ସ୍ୱପ୍ନ ଦେଖୁଥିବା ସମସ୍ତ ୧.୧ କୋଟି ଅଣ-ଦସ୍ତାବିଜିତ ପ୍ରବାସୀମାନଙ୍କ ପାଇଁ ଏହି ବିଲରେ ଏକ ରୋଡମ୍ୟାପ ରହିଛି। ଏଥିରେ ଟିପିଏସ ଧାରକ ଏବଂ କିଛି କୃଷକ ମଧ୍ୟ ଅନ୍ତର୍ଭୁକ୍ତ । ଏଥିରେ ତୁରନ୍ତ ନାଗରିକତା ଦେବାକୁ କୁହାଯାଇଛି। ଏହା ମଧ୍ୟ ଆମେରିକାରେ ପାଞ୍ଚ ବର୍ଷ ଧରି ରହିଆସିଥିବା, ପୃଷ୍ଠଭୂମି ଯାଞ୍ଚ ଏବଂ ଟିକସ ଦେବାର ଅବହେଳିତ ପ୍ରବାସୀମାନଙ୍କୁ ନାଗରିକତ୍ୱ ପ୍ରଦାନ କରିବାକୁ ଚେଷ୍ଟା କରୁଛି।

## ଜାମ୍ମୁ-କଶ୍ମୀରର ବିଭିନ୍ନ ସ୍ଥାନରେ ଏନ୍‌ଆଇଏ ପକ୍ଷରୁ ଚଢ଼ାଉ

ନୂଆଦିଲ୍ଲୀ: ଜାମ୍ମୁ କାଶ୍ମୀରର ବିଭିନ୍ନ ସ୍ଥାନରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ଚଢ଼ାଉ ହୋଇଛି। କିଛି ଆତଙ୍କବାଦୀ ଗୋଷ୍ଠୀ ସେମାନଙ୍କ ପାକିସ୍ତାନୀ କମାଣ୍ଡର୍ଙ୍କ ନିର୍ଦ୍ଦେଶରେ ଦେଶରେ ଅପରାଧିକ ଷଡଯନ୍ତ୍ର ରଚୁଥିବା ସୂଚନା ପାଇବା ପରେ ଏନ୍‌ଆଇଏ ଏହି ଚଢ଼ାଉ ଆରମ୍ଭ କରିଛି। ତେବେ ଚଢ଼ାଉ ଶ୍ରୀନଗର, ଅନନ୍ତନାଗ, କୁପୱାରା, ପୁଞ୍ଚ, ରାଜେ ?ରୀ ଏବଂ କିସ୍ତ୍ୱାର୍ ଆଦି ସ୍ଥାନରେ ହୋଇଛି। ମେ ୫ ତାରିଖରେ ରାଜେ ?ରୀ ଜିଲ୍ଲାର ଆତଙ୍କବାଦୀଙ୍କ ସହ ଗୁଳି ବିନିମୟରେ ପାଞ୍ଚ ଜଣ ସେନା ଯବାନ ସହିଦ ହେବା ପରେ ଏହି ଚଢ଼ାଉ ହୋଇଛି।

## ଉତ୍ତର ପ୍ରଦେଶ ଲୋକେ ଦୈନିକ ୧୧୫ କୋଟି ଟଙ୍କାର ମଦ ପିଅନ୍ତି

ପ୍ରୟାଗରାଜ: ଉତ୍ତର ପ୍ରଦେଶର ଲୋକମାନେ ଦୈନିକ ୧୧୫ କୋଟି ଟଙ୍କାର ମଦ ଓ ବିଅର୍ ପିଅନ୍ତି ବୋଲି ପ୍ରୟାଗରାଜରେ ଥିବା ରାଜ୍ୟ ଅବକାରୀ ବିଭାଗର ପ୍ରସ୍ତୁତ କରିଥିବା ସଦ୍ୟତମ ତଥ୍ୟାବଳିରୁ ଜଣାପଡ଼ିଛି। ରେକର୍ଡ ଅନୁସାରେ, ରାଜ୍ୟର ପ୍ରାୟ ପ୍ରତ୍ୟେକ ଜିଲ୍ଲାରେ ଦୈନିକ ୨.୫ କୋଟିରୁ ୩ କୋଟି ଟଙ୍କା ମୂଲ୍ୟର ମଦ ବିକ୍ରୟ ହୋଇଥାଏ।

ଗତ ଦୁଇ ବର୍ଷ ମଧ୍ୟରେ ଏହା ଉଲ୍ଲେଖଯୋଗ୍ୟ ବୃଦ୍ଧି। ଦୁଇବର୍ଷ ପୂର୍ବେ ରାଜ୍ୟବାସୀ ଦୈନିକ ୮୫ କୋଟି ଟଙ୍କାର ମଦ ଓ ବିୟର୍ ପାନ କରୁଥିଲେ। ଅବକାରୀ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ରାଜ୍ୟରେ ଏମିତି କେତେକ ଜିଲ୍ଲା ଅଛି ଯେଉଁଠି ଦିନକ ମଧ୍ୟରେ ୧୨ କୋଟିରୁ ୧୫ କୋଟି ଟଙ୍କାର ମଦ ଓ ବିୟର୍ ପାନ କରାଯାଉଛି। ପରିସଂଖ୍ୟାନ ଅନୁସାରେ, ପ୍ରୟାଗରାଜରେ ଦେ ?ନିକ ହାରାହାରି ୪.୫ କୋଟି ଟଙ୍କାର ବିକ୍ରୟ ହୁଏ। ସେହି ହିସାବରେ ଅଧିକ ମଦ ଓ ବିୟର୍ ବିକ୍ରୟ ହେଉଥିବା ଜିଲ୍ଲାଗୁଡ଼ିକରେ ରହିଛି: ନଇଡ଼ା ଓ ଗାଜିଆବାଦ (ଦୈନିକ ୧୩ରୁ ୧୪ କୋଟି ଟଙ୍କା), ଆଗ୍ରାରେ (ଦୈନିକ ୧୨ରୁ ୧୩ କୋଟି ଟଙ୍କା), ମିରଟ୍ (ପ୍ରାୟ ୧୦ କୋଟି ଟଙ୍କା), ଲକ୍ଷ୍ନୌରେ (୧୦ରୁ ୧୨ କୋଟି ଟଙ୍କା), କାନପୁରରେ (୮ରୁ ୧୦ କୋଟି ଟଙ୍କା) ଏବଂ ବାରାଣସୀରେ (ଦୈନିକ ୮ରୁ ୮ କୋଟି ଟଙ୍କା)। ଗତ ୩ ବର୍ଷରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ମଦ ଓ ବିୟର୍ ପାନ ବୃଦ୍ଧି ପାଇଛି। ସମଗ୍ର ରାଜ୍ୟରୁ ସଂଗ୍ରହ ହେଉଥିବା ରାଜସ୍ୱରୁ ୪୫%ରୁ ୫୦% ହେଉଛି ଦେଶୀ ମଦର ଅଂଶ ବୋଲି ଜଣେ ଅବକାରୀ ଅଧିକାରୀ କହିଛନ୍ତି। ମଦ ବିକ୍ରି ବୃଦ୍ଧିର କାରଣ ସଂକ୍ରାନ୍ତରେ ପ୍ରୟାଗରାଜ ଜିଲ୍ଲା ଅବକାରୀ ଅଧିକାରୀ ଜିତେନ୍ଦ୍ର କୁମାର ସିଂହ କହିଛନ୍ତି, ରାଜସ୍ୱ ବୃଦ୍ଧି ସଂକ୍ରାନ୍ତରେ ଏକାଧିକ କାରଣ ରହିଛି। ଅଧିକ ସାମଜିକ ଗ୍ରହଣୀୟତା, ଗ୍ରାହକମାନଙ୍କର ଜୀବନଯାପନ ମାନ ବୃଦ୍ଧି ଏବଂ ମଦ ଚୋରାଚାଲାଣ ଉପରେ ଫଳପ୍ରଦ ପ୍ରତିବନ୍ଧକ ଆଦି ବହୁ କାରଣ ଏଥିପାଇଁ ଦାୟି। ଏସବୁ ମଦ ବିକ୍ରି ବୃଦ୍ଧି ଉପରେ ସକାରାତ୍ମକ ପ୍ରଭାବ ପକାଇଛି।

## କୈଳାସ ମାନସରୋବର ଯାତ୍ରା ଖର୍ଚ୍ଚ ଦୁଇଗୁଣ ବୃଦ୍ଧି



ବେଜିଂ : ତିନି ବର୍ଷ ବନ୍ଦ ହେବା ପରେ ଚାଇନ ସରକାର ନେପାଳ-ଚାଇନା ସୀମାରେ କୈଳାସ ମାନସରୋବର ତୀର୍ଥଯାତ୍ରା ପାଇଁ ଅନେକ ପଏଣ୍ଟ ଖୋଲିଛନ୍ତି। ତେବେ ନେପାଳର ଗଣମାଧ୍ୟମ ରିପୋର୍ଟ କରିଛି, ନୂତନ ପ୍ରତିବନ୍ଧକ, ଉଭୟ ପର୍ଯ୍ୟଟକ ଏବଂ ଟୁର୍ ଅପରେଟରଙ୍କ ପାଇଁ ଯାତ୍ରା ଅନୁମତିର ଅଧିକ ମୂଲ୍ୟ ତୀର୍ଥଯାତ୍ରୀଙ୍କୁ ହଇରାଣରେ ପକାଇବ। ଚାଇନା ଦ୍ୱାରା ଘୋଷିତ ଭିଜାର ନୂତନ ମୂଲ୍ୟ ନେପାଳ ଟୁର୍ ଅପରେଟରମାନଙ୍କୁ ଆଶ୍ଚର୍ଯ୍ୟ କରିଛି। ନେପାଳର ଟୁର୍ ଅପରେଟରମାନେ ଚାଇନ ସରକାରଙ୍କୁ ଜଟିଳ ନିୟମ ଲାଗୁ କରିଥିବା ଅଭିଯୋଗ କରିଛନ୍ତି ଯାହା ବିଦେଶୀ ତୀର୍ଥଯାତ୍ରୀ, ବିଶେଷ କରି ଭାରତୀୟ ତୀର୍ଥଯାତ୍ରୀଙ୍କୁ କୈଳାସ ମାନସରୋବର ଯାତ୍ରା ଠାରୁ ଦୂରରେ ରଖିବା ପାଇଁ ପରିକଳ୍ପନା କରାଯାଇଛି। ଟପ ଟୁର୍ ଅପରେଟରମାନେ ନେପାଳରେ ଚାଇନା ରାଷ୍ଟ୍ରଦୂତ ଚେନ ଗୀତଙ୍କୁ ଏକ ସ୍ମାରକପତ୍ର ଦାଖଲ କରି ନୂତନ ନିୟମ ଦ୍ୱାରା ସୃଷ୍ଟି ହୋଇଥିବା ସମସ୍ୟାର ବିବରଣୀ ଦେଇଛନ୍ତି। ନେପାଳ ଆସୋସିଏଶନ ଅଫ ଟୁର୍ ଆଣ୍ଡ ଟ୍ରାଭେଲ ଏଜେଣ୍ଟ, ନେପାଳର ଟ୍ରେକିଂ ଏଜେନ୍ସି ଆସୋସିଏଶନ ଏବଂ କୈଳାସ ଟୁର୍ ଅପରେଟର୍ସ ଆସୋସିଏଶନ ନେପାଳ ତୀର୍ଥଯାତ୍ରୀଙ୍କ ଗତିବିଧିକୁ ସହଜ କରିବାକୁ ରାଷ୍ଟ୍ରଦୂତଙ୍କ ମାଧ୍ୟମରେ ଚାଇନା ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ଲାଟଫର୍ମ ଉପଲବ୍ଧ ନାହିଁ। ଭିଜା ପାଇବା ପାଇଁ ଏକମାତ୍ର ଉପାୟ ହେଉଛି ଦିଲ୍ଲୀର ଚାଇନା ଦୂତାବାସ କାର୍ଯ୍ୟାଳୟ ମାଧ୍ୟମରେ। ଭିଜା ସାକ୍ଷାତକାର ପାଇଁ ସେମାନଙ୍କ ମଧ୍ୟରୁ ଅତି କମରେ ଚାରିଜଣ ଶାରୀରିକ ଭାବରେ ଉପସ୍ଥିତ ରହିବାକୁ ପଡିବ। ଏଭଳି ନିୟମ ପଛରେ କୌଣସି ତର୍କ ନାହିଁ, କାରଣ ଟୁର୍ ଅପରେଟରମାନେ ଏହାକୁ ଚାଇନା ସରକାରଙ୍କ ଏକ ବେଆଇନ କାର୍ଯ୍ୟ ବୋଲି କହିଛନ୍ତି। ତୀର୍ଥଯାତ୍ରୀ, ଟୁର୍ ଅପରେଟର ଏବଂ ନେପାଳୀ ଶ୍ରମିକଙ୍କ ପାଇଁ ତୀର୍ଥଯାତ୍ରାରେ ଜଡିତ ଖର୍ଚ୍ଚ ମଧ୍ୟ ଚାଇନା ବୃଦ୍ଧି କରିଛି। ନେପାଳୀ ଶ୍ରମିକମାନଙ୍କ ପାଇଁ 'ଘାସ କ୍ଷୟକ୍ଷତି ଚାର୍ଜ' ୧୫ ଦିନ ରହିବା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ୧୦୦ ଡଲାରରୁ ୩୦୦ ଡଲାର (୨୪୦୦୦ଟଙ୍କା) କୁ ବୃଦ୍ଧି କରାଯାଇଛି। ନେପାଳର ନାଗରିକମାନେ ତୀର୍ଥଯାତ୍ରୀମାନଙ୍କ ପାଇଁ ଗାଇଡ, କୁଲି ଏବଂ ରୋଷେଇ କର୍ମଚାରୀ ଭାବରେ କାର୍ଯ୍ୟ କରନ୍ତି। ପୂର୍ବରୁ ସୀମାରେ ଥିବା ଇମିଗ୍ରେଶନ କାର୍ଯ୍ୟାଳୟରେ ନେପାଳର ଶ୍ରମିକମାନଙ୍କ ପାଇଁ ଭିସା ଉପଲବ୍ଧ ଥିଲା, କିନ୍ତୁ ବର୍ତ୍ତମାନ ସେମାନଙ୍କୁ ଭିସା ପାଇବା ପାଇଁ ରାଇଜିଂ ମଲରେ ଥିବା ଭିସା ସୁବିଧା ସେବା କେନ୍ଦ୍ରକୁ ଯିବାକୁ ପଡିବ। ତୀର୍ଥଯାତ୍ରୀମାନଙ୍କୁ ତିବ୍ବତ ପଠାଇବା ପାଇଁ ୬୦ ହଜାର ଆମେରିକୀୟ ଡଲାର କିମ୍ବା ୮ ନିୟୁତ ନେପାଳୀ ଟଙ୍କା ଜମା କରିବାକୁ ଟୁର ଅପରେଟରମାନଙ୍କୁ କୁହାଯାଇଛି।

## ଭଦ୍ରକର ଚର୍ଚ୍ଚିତ ନୀଳକଣ୍ଠ ହତ୍ୟା ଘଟଣା

# ୩ ମାସ ପରେ ମୁଖ୍ୟ ଅଭିଯୁକ୍ତକୁ ତାମିଲନାଡୁରୁ ଗିରଫ କଲା ପୁଲିସ



ଭଦ୍ରକ, (ପିପିଏସ) : ଭଦ୍ରକର ବହୁ ଚର୍ଚ୍ଚିତ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱ ଚରମ୍ପା ପଞ୍ଚାୟତସ୍ଥିତ ରାଣୀତାଲ-ଧାମରା ରେଳପଥ ଓଭରବ୍ରିଜ୍ ନିକଟରେ ହତ୍ୟାର ଶୀକାର ହୋଇଥିବା ନୀଳକଣ୍ଠ ଓରଫ ରିଣ୍ଟୁ ଦାଶ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତକୁ ଗ୍ରାମାଞ୍ଚଳ ଥାନା ପୁଲିସ୍ ସୁଦୂରୁ ତାମିଲନାଡୁରୁ ଗିରଫ କରିଛି। ଏ ସଂପର୍କରେ ଆଜି ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସୌରଭ ଓତା ଓ ଗ୍ରାମାଞ୍ଚଳ ଥାନାଧିକାରୀ ଅମିତାଭ ଦାସ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଗତ ଫେବୃୟାରୀ ୨ ତାରିଖରେ ଭଦ୍ରକ ସହରାଞ୍ଚଳ ଥାନା ଅଧୀନସ୍ଥ ଅସ୍ଥଳ ପୂଜାରୀସାହିର ଯୁବକ ଅଜୟ ଦାସର ମୃତ ଶରୀର ଅତ୍ୟନ୍ତ ବିଭତ୍ସ ଅବସ୍ଥାରେ ରାଣୀତାଲ ଧାମରା ରେଳପଥ ଓଭରବ୍ରିଜ୍ ନିକଟରୁ ଉଦ୍ଧାର ହୋଇଥିଲା। ସେତେବେଳେ ଏହି ହତ୍ୟାକାଣ୍ଡକୁ ନେଇ ତାର ପିତା ଅଜୟ ଦାଶ ଗ୍ରାମାଞ୍ଚଳ ଥାନାରେ ଦେଇଥିବା ଅଭିଯୋଗ ପତ୍ର ମୂଳେ ତାଙ୍କ ପୁତ୍ର ନୀଳକଣ୍ଠ ୧ ତାରିଖ ଦିନ ଘରକୁ ଫେରିନଥିଲା। ତା ପରଦିନ ସେମାନଙ୍କ ପରିବାର ତାର ବିଭତ୍ସ ମୃତ ଶରୀର ଉପରୋକ୍ତ ସ୍ଥାନରେ ପଡିଥିବାର ଖବର ପାଇଥିଲେ। ଫଳରେ ସେମାନେ ଏହି ହତ୍ୟାକାଣ୍ଡରେ ପୂର୍ବ ଶତ୍ରୁତା ରହିଥିବାର ସନ୍ଦେହ କରି କେତେକ ଅଭିଯୁକ୍ତଙ୍କ ନାମ ପୁଲିସ୍‌କୁ କହିଥିଲେ। ତେବେ ପୁଲିସ୍ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ତଦନ୍ତ କାଳରେ ପୁଲିସ୍ ମୋବାଇଲ୍ ଟ୍ରାକିଂ କରି ତିନିମାସ ପରେ ମୁଖ୍ୟ ଅଭିଯୁକ୍ତ କୁଆଁସ ଗ୍ରାମର ସାଗର ଦାସକୁ ତାମିଲନାଡୁରୁ ଗିରଫ କରି ଭଦ୍ରକ ଆଣିଥିଲା। ତେବେ ଆଜି ମୁଖ୍ୟ ଅଭିଯୁକ୍ତ ସାଗରକୁ କୋର୍ଟ ଚାଲାଣ କରାଯିବା ଅବସରରେ ଏସ୍‌ଡିପିଓ ଓ ଥାନାଧିକାରୀ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ନୀଳକଣ୍ଠ ସହିତ ସାଗରର ପୂର୍ବ ଶତ୍ରୁତା ଲାଗି ରହିଥିଲା। ଘଟଣାଦିନ ରାଜଘାଟ ପୋଲ ନିକଟରେ ଉଭୟ ଦେଖା ହୋଇଥିଲେ। ସାଗର ତାକୁ ସାଙ୍ଗରେ ଏକ ଅଟୋ ଯୋଗେ ଡାକି ଜାତୀୟ ରାଜପଥ ଧାମରା ବ୍ରିଜ୍ ନିକଟକୁ ନେଇଥିଲା। ସେଠାରେ ସାଙ୍ଗରେ ମଦ ପିଇବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ସାଗର ଉତ୍ତ୍ୟକ୍ତ ହୋଇ ଘାସକଟା କତାରେ ନୀଳକଣ୍ଠର ମୁଣ୍ଡ, ମୁହଁ ଓ ବେକକୁ ହାଣିବାରୁ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା। ମୃତକଙ୍କ ପିତା ଅଜୟ ଦାସଙ୍କ ଅଭିଯୋଗ କ୍ରମେ ମାମଲା ନଂ ୫୦/୨୩ ରୁଜୁ ହୋଇଥିଲା। ପୂର୍ବରୁ ଏଥିରେ ସଂପୃକ୍ତ ସାଗରର ଶାଶୁ ସଂଜୁ ମୁଖୀ, ଶଳା ଅମର ମୁଖୀ ଓ ସ୍ତ୍ରୀ ଚାନ୍ଦିନୀ ମୁଖୀଙ୍କୁ ଗ୍ରାମାଞ୍ଚଳ ଥାନା ପୁଲିସ୍ ଗିରଫ କରିଥିଲା। ତେବେ ନୀଳକଣ୍ଠଙ୍କ ପିତା ଆଜି ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ତାଙ୍କ ପୁତ୍ରର ହତ୍ୟାକାଣ୍ଡରେ ଅନେକଙ୍କର ସଂପୃକ୍ତି ରହିଛି। ଯେଉଁମାନଙ୍କୁ ପୁଲିସ୍ ଗିରଫ କରିବା ଉଚିତ୍।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ କମିଟି ବୈଠକ

ଛତ୍ରପୁର, (ହି.ସ.) : ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ଜିଲ୍ଲା ସ୍ତରୀୟ କମିଟି ବୈଠକ ଆଭାସୀ ମାଧ୍ୟମରେ ଗୁରୁବାର ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗଞ୍ଜାମ ଜିଲ୍ଲା ସଦାସର୍ବଦା ସଜାଗ ରହିଛି । ବିଶେଷ କରି ବିଜୁଳି, ଘଡଘଡି ଆଘାତ ଜନିତ କ୍ଷୟକ୍ଷତି ଯେପରି ହେବ ନାହିଁ ସେ ଦିଗରେ ତତ୍ପର ରହିବାକୁ ସମସ୍ତ ସଂପୃକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ । ପୂର୍ବ ବର୍ଷ ମାନଙ୍କରେ ହୋଇଥିବା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରି ଏହି ଜିଲ୍ଲା ସୁନାମ ଆଣି ଜାତୀୟ ସ୍ତରରେ ସମ୍ମାନିତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ଅଭିଜ୍ଞତାକୁ ନେଇ ଏହି ଜିଲ୍ଲା ଆଗାମୀ ଭବିଷ୍ୟତରେ ଆସୁଥିବା ବିପର୍ଯ୍ୟୟକୁ ମଧ୍ୟ ମୁକାବିଲା କରିବାରେ ସକ୍ଷମ ହୋଇ ପାରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ବ୍ୟକ୍ତ କରିଥିଲେ । ପାଣିପାଗ ବିଶେଷଜ୍ଞ ମାନଙ୍କ ଆକଳନ ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଓଡିଶା ପ୍ରତି ବିପଦ ନାହିଁ । ତଥାପି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ସଦା ସର୍ବଦା ପ୍ରସ୍ତୁତ ରହିବା ଅପରିହାର୍ଯ୍ୟ । ଏହି ଆଭିମୁଖ୍ୟ ନେଇ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କମିଟିରେ ଜିଲ୍ଲାର ସମସ୍ତ ସାଂସଦ, ବିଧାୟକ, ଲାଇନ୍ ବିଭାଗୀୟ ଅଧିକାରୀଗଣ ନିଜ ନିଜ ବକ୍ତବ୍ୟରେ ମୁକାବିଲା ସକାଶେ ସଜାଗ ଥିବା ଜଣାଇଥିଲେ। ପ୍ରାରମ୍ଭରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ନିଜ ବକ୍ତବ୍ୟରେ ଜିଲ୍ଲାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାକୁ ଭୂୟସୀ ପ୍ରଶଂସା କରି ସମ୍ଭାବ୍ୟ ବନ୍ୟା, ବାତ୍ୟା ସକାଶେ ସମସ୍ତ ପ୍ରସ୍ତୁତି ଯୋରଦାର କରିବାକୁ ଜଣାଇଥିଲେ । ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ ନିଜ ବକ୍ତବ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱ ଯୋଗୁଁ ଓଡିଶା ଦେଶ ବିଦେଶରେ ସୁନାମ ଆଣିଛି । ଗଞ୍ଜାମ ଜିଲ୍ଲା ଏହାର ପରିଚାଳନା କ୍ଷେତ୍ରରେ ଓଡିଶାରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟକରିଛି । ବିଶେଷ ଭାବରେ ବ୍ରହ୍ମପୁର ସହରରେ ଜମି ରହୁଥିବା ବନ୍ୟାଜଳର ନିଷ୍କାସନ ଦିଗରେ ପଦକ୍ଷେପ ନେବା ସମ୍ପର୍କରେ ମତ ରଖି ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳ, ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଇତ୍ୟାଦି ବିଷୟରେ ଗୁରୁତ୍ୱ ଦେବାକୁ ଜଣାଇଥିଲେ । ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳୀ ସ୍ୱାଇଁ ପ୍ରମୁଖ ଲୋକ ପ୍ରତିନିଧିଗଣ ନିଜ ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଯେଉଁ ସବୁ ପଦକ୍ଷେପ ଗ୍ରହଣ କରାଯାଇଛି ତାହାକୁ ପ୍ରଶଂସା କରି ନଦୀ ବନ୍ଧ ଗୁଡିକର ମରାମତି, ଜନ ସାଧାରଣଙ୍କ ଜୀବନ କିଭଳି ସୁରକ୍ଷିତ ରହିବ, ବିପର୍ଯ୍ୟୟର ମୁକାବିଲା ସକାଶେ ନିୟୋଜିତ ଜାତୀୟ ବିପର୍ଯ୍ୟୟ ରାପିଡ୍ ଫୋର୍ସ ଏବଂ ଅଗ୍ନିଶମ ନିର୍ବାପକ କର୍ମଚାରୀଙ୍କ ରହଣୀ ସ୍ଥାନ ଠାରୁ ବାତ୍ୟା ପ୍ରଭାବିତ ଅଞ୍ଚଳକୁ କିଭଳି ସଠିକ୍ ସମୟରେ ପହଞ୍ଚି ପାରିବେ ସେହି ରାସ୍ତାର ଗମନାଗମନ ସୁବିଧା କରିବା,. ଜିଲ୍ଲାରେ ଥିବା ଶିଳ୍ପ ସଂସ୍ଥା ଗୁଡିକୁ ପୂର୍ବରୁ ସତର୍କ ଓ ସଜାଗ କରି ରଖିବା, ଚିଲିକା ନିକଟବର୍ତ୍ତି ଖରଖରୀ ନାଳକୁ ଜଳ ନିଷ୍କାସନ ହୋଇ ପାରିଲେ ଚାଷୀକୁଳ ଉପକୃତ ହେବା ଇତ୍ୟାଦି ବିଷୟ ନେଇ ପ୍ରସ୍ତୁତି କରିବାକୁ ଅବଗତ କରାଇଥିଲେ। ଗୋଳନ୍ଥରା ଓ ଗୋପାଳପୁର ଥାନା ଠାରେ ପୂର୍ବରୁ କ୍ରେନ୍ ରଖିବାର ବ୍ୟବସ୍ଥା କଲେ ସୁବିଧା ହେବ ବୋଲି ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍. ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରିୟ ରଞ୍ଜନ ପୃଷ୍ଟି ବିଭିନ୍ନ ଲାଇନ୍ ବିଭାଗ କିଭଳି ସମ୍ଭାବ୍ୟ ବାତ୍ୟାର ମୁକାବିଲା ନିମନ୍ତେ ପୂର୍ବ ପ୍ରସ୍ତୁତ କରିରଖିଛନ୍ତି ତାହା ପଚାରି ବୁଝିଥିଲେ। ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଗଣ ନିଜ ନିଜ ସ୍ତରରେ କିଭଳି ପ୍ରସ୍ତୁତ କରିରଖିଛନ୍ତି ତାହା ବୈଠକରେ ସମସ୍ତ କମିଟି ସଦସ୍ୟଙ୍କ ଅବଗତି ନିମନ୍ତେ ଜଣାଇଥିଲେ। ନଦୀ ଏବଂ କେନାଲ ଗୁଡିକର ମରାମତି, ଜଳ ନିଷ୍କାସନ ନିମନ୍ତେ ନାଳ ନର୍ଦ୍ଦମା ସଫେଇ, ଅତ୍ୟାବଶ୍ୟକୀୟ ସାମଗ୍ରୀ ମହଜୁଦ୍, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପଶୁ ସମ୍ପଦର ସୁରକ୍ଷା, କୃଷିକାର୍ଯ୍ୟର ଆକଳନ, ନିରାପଦ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଯୋଗାଯୋଗ ନିମନ୍ତେ ଟେଲିଫୋନ୍ ବ୍ୟବସ୍ଥା, ଓଡ୍ରାଫ୍, ଏନଡିଆରଏଫ୍, ଡିଫେନ୍ସ ଫୋର୍ସ, ଟେଲି କମ୍ୟୁନିକେସନ୍, ରାସ୍ତା, ପୋଲର ଦୁଇ ପାର୍ଶ୍ୱର ସୁରକ୍ଷା, ରିଲିଫ୍ କାର୍ଯ୍ୟରେ ନିୟୋଜିତ ଦଳଙ୍କୁ ପ୍ରଶିକ୍ଷଣ ଅତ୍ୟାଦି ସମସ୍ତ ବିଷୟ ନେଇ ଆଲୋଚନା କରାଯାଇଥିଲା। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁକାନ୍ତ ମିଶ୍ର, ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ

ଭୁବନ, (ହି.ସ.) : ଓଡ଼ିଶା ବିଜ୍ଞାନ ମଣ୍ଡଳ, ଢ଼େଙ୍କାନାଳ ଶାଖା ଆନୁକୂଲ୍ୟରେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ପ୍ରଯୁକ୍ତି ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ବିଜ୍ଞାନ ମଣ୍ଡଳ ଢ଼େଙ୍କାନାଳ ଶାଖା ସମ୍ପାଦକ ଅଧ୍ୟାପକ ଶୁଭମ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହେଉଥିବା ଏହି ସେମିନାରରେ ପଦାର୍ଥ ବିଜ୍ଞାନୀ ତଥା ବାଜି ରାଉତ କଲେଜର ପୂର୍ବତନ ଅଧ୍ୟକ୍ଷ ଡ଼ କିଶୋର ଚନ୍ଦ୍ର ଦାଶ ପରମାଣୁ ଇତିହାସ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଚୀନ ଯୁଗରୁ ମହର୍ଷି କନ୍ନଡ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଓ ଷଷ୍ଠ ମଧ୍ୟରେ ଅଣୁ, ପରମାଣୁ ସମ୍ବନ୍ଧରେ ଆବିଷ୍କାର କରିଥିଲେ। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଅଣୁ ଓ ପରମାଣୁ ସମ୍ବନ୍ଧରେ ଗବେଷଣା ଜାରି ରହିଛି। ଆଜିର ଦିନରେ ଭାରତ ପରମାଣୁ ବୋମା ପରୀକ୍ଷା କରି କରି ସଫଳତା ହାସଲ କରିଥିଲା ଓ ଭାରତ ପରମାଣୁ ରାଷ୍ଟ୍ର ଭାବେ ପରିଗଣିତ ହୋଇଥିଲା। ଆଇଆଇଟି ରୁକ୍‌କିର ପୂର୍ବତନ ଛାତ୍ର ଡ ସତ୍ୟ ତାପସ ପରମାଣୁ ଗବେଷଣା ଓ ଭାରତ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କାମାକ୍ଷା ନଗର ପ୍ରଧାନ ଆଚାର୍ଯ୍ୟ ଗୌର ଚରଣ ନନ୍ଦ, ଓଡ଼ିଶା ବିଜ୍ଞାନ ମଣ୍ଡଳ ଗଠନ ସଂପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭ ରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇ କୌଶଳ ସହ ପ୍ରଯୁକ୍ତିର ମିଳନରେ ଦେଶକୁ ବିକାଶଶୀଳ କରିବାରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଶା ବିଜ୍ଞାନ ମଣ୍ଡଳ ଢ଼େଙ୍କାନାଳ ଜିଲ୍ଲା ସଂଯୋଜକ ପଦନ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଦେଢମାସ ବ୍ୟାପୀ ପାଳିତ ନରିପୁରରେ ଶ୍ରୀରାମ ନବମୀ, ଧୁମ୍‌ଧାମରେ ପାଣିକୁ ଗଲେ ମୂର୍ତ୍ତି



ଭଦ୍ରକ, (ପିପିଏସ) : ଭଦ୍ରକ ସହର ନରିପୁର ଅସ୍ଥଳ ଗ୍ରାମ ସ୍ଥିତ ମା' ବୁଢ଼ୀ ଜାଗୁଳାଇ ଜାଡ଼ି ବାସୁଳୀ ପାର୍ଶ୍ୱ ରାମ ମନ୍ଦିରରେ ଶ୍ରୀରାମ ନବମୀ ମହୋତ୍ସବ ରାମ ନବମୀ ଠାରୁ ଏକମାସ ୧୨ ଦିନ ଧରି ପାଳିତ ହୋଇଛି। ଗତକାଲି ଏହାର ଭସାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାରେ ସମ୍ପନ୍ନ ହୋଇଛି। ଏଥିରେ ପୂଜା କର୍ମକର୍ତ୍ତା, କାଉନସିଲର, ସାମ୍ବାଦିକ, ଶୁଭେଚ୍ଛୁ ଏବଂ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ପୂଜା କର୍ମରେ ପ୍ରତ୍ୟେକ ଦିନ ପ୍ରସାଦ ସେବନ, ସନ୍ଧ୍ୟା ଆଳତୀ ଶ୍ରଦ୍ଧାଳୁମାନେ ଦର୍ଶନ କରିଥାଆନ୍ତି। ଦୈନନ୍ଦିନ ବିଗ୍ରହଙ୍କଠାରେ ପୂଜାର୍ଚ୍ଚନା ଓ ନୀତିକାନ୍ତି ହୋଇଥାଏ। ପ୍ରତ୍ୟେକ ସନ୍ଧ୍ୟାରେ ଭାଗବତ ପାଠ, ପ୍ରବଚନ, ପାଲା, ପାରାୟଣ, ହନୁମାନ ଚାଳିଶାପାଠ, ଧର୍ମ ଚର୍ଚ୍ଚା ହେବା ସହ ବିଶିଷ୍ଟ ସଂଗୀତଜ୍ଞ ଶ୍ରୀଚରଣ ମହାନ୍ତିଙ୍କ ଟ୍ରୁପ୍‌ଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶ୍ରୀରାମ ନବମୀରେ ପ୍ରତିଦିନ ଗ୍ରାମବାସୀଙ୍କ ପକ୍ଷରୁ ପାଳି ଭୋଗ ଲାଗି ହୋଇ ପ୍ରସାଦ ସେବନ ସମସ୍ତେ କରିଥାନ୍ତି। ଉଲ୍ଲେଖ ଯୋଗ୍ୟ ଯେ ପାଳି ଭୋଗ ଶେଷ ନହେବା ଯାଏ ପ୍ରଭୁ ପୂଜା ପାଇଥାନ୍ତି। ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ଦେବୀ ସୀତା, ହନୁମାନଙ୍କ ବିଗ୍ରହ ମେଢ ଏକ ଶୋଭାଯାତ୍ରାରେ ଘଣ୍ଟବାଦ୍ୟ, ଶାଙ୍ଖ ଧ୍ୱନୀରେ ଗ୍ରାମରୁ ନିଆଯାଇ ନଗର ପରିକ୍ରମା ସମୟରେ ବଲାଙ୍ଗୀରର ଦୁଲ୍‌ଦୁଲି, ପୁରୀ ସାହିଯାତ, ଘୋଡ଼ାନାଚ, ଦଶଭୁଜା ମା'କାଳୀ, ନୃସିଂହ, ଶ୍ରୀଗଣେଶ, ନାଗାର୍ଜୁନ ବେଶ ପ୍ରଦର୍ଶନ ହୋଇଥିବାରୁ ଜନସାଧାରଣ ଏବଂ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଶ୍ରୀରାମ ନବମୀ ପାଳନର ବିଭିନ୍ନ ଦିବସରେ ବିଧାୟକ ସଂଜୀବ କୁମାର ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଯୁବନେତା ସୂର୍ଯ୍ୟକୁମାର ଦାସ, କାଉନସିଲର ଗୀତାଞ୍ଜଳୀ ଦାସ, ପୂର୍ବତନ କାଉନସିଲର ତଥା ଶ୍ରୀରାମ ନବମୀ ପୂଜା କମିଟି ସମ୍ପାଦକ ଗଜେନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ଅମର ନାୟକ, ଦୁର୍ଗାଶଙ୍କର ବିଶ୍ୱାଳ, ସମାଜସେବୀ ବୀରେନ୍ଦ୍ର ଦାସ, ସତ୍ୟ ଦାସ, ମୃତ୍ୟୁଞ୍ଜୟ ମହାପାତ୍ର, ସୁଧର ପାଢୀ, ପତିତପାବନ ଦାଶ, ଶିକ୍ଷାବିତ୍ ତ୍ରିଲୋଚନ ନାୟକ, ବାସୁଦେବପୁର ସାଂସଦ ପ୍ରତିନିଧି ସୁରେଶ ମହାନ୍ତି, ଆକାଶବାଣୀ ସମ୍ବାଦଦାତା ଅଶୋକ କୁମାର ନାୟକ ପ୍ରମୁଖ ଯୋଗ ଦେଇ ଶ୍ରୀରାମ ନବମୀ ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନା ଯେ ୧୯୮୫ରୁ ଅଦ୍ୟାବଧି ୩୮ ବର୍ଷ ଧରି ପୂଜା କମିଟି ସମ୍ପାଦକ ଶ୍ରୀ ଗଜେନ୍ଦ୍ର ପଣ୍ଡା, ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରି ଆସୁଛନ୍ତି। ଅସ୍ଥଳ ଶ୍ରୀରାମ ମଣ୍ଡପର ଉନ୍ନତି ଓ ବିକାଶ ଉପରେ ବିଭିନ୍ନ ଦାବି ବିଧାୟକ ସଂଜୀବ ମଲ୍ଲିକ, ସାଂସଦ ମଞ୍ଜୁଲତା ମଣ୍ଡଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେମାନେ ଏ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ। ଭସାଣ ଶୋଭାଯାତ୍ରା ଶେଷ ହୋଇ ସାଳନ୍ଦୀ ନଦୀଘାଟରେ ବିସର୍ଜନ କରାଯାଇଥିଲା। ଭସାଣ ଯାତ୍ରାରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ସୁରକ୍ଷା ଯୋଗାଇ ଦିଆଯାଇଥିବା ବେଳେ ଶୋଭାଯାତ୍ରାରେ ଶତାଧିକ ପୁରୁଷ ମହିଳା ଯୋଗ ଦେଇଥିଲେ। ଇତି ମଧ୍ୟରେ ଏହି ଅସ୍ଥଳ ଗ୍ରାମର ସାର୍ବଜନୀନ ମା' ଶୀତଳା ଦେବୀଙ୍କ ପୂଜା ଉତ୍ସବ ଓ ଭସାଣି ହୋଇଯାଇଛି।

# ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଆଶାକର୍ମୀ ମାନଙ୍କ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, (ହି.ସ.) : ନିଖିଳ ଓଡିଶା ଆଶା କର୍ମଚାରୀ ସଂଘ ଜିଲ୍ଲା କମିଟି ପକ୍ଷରୁ ଏକ ୧୪ ଦଫା ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଆଶାକର୍ମୀ ମାନଙ୍କର ପ୍ରାପ୍ୟ ପ୍ରତି ମାସର ପ୍ରଥମ ସପ୍ତାହରେ ପ୍ରଦାନ କରାଯିବା, ପେନଶନ ପ୍ରମୋଶ ପ୍ରଦାନ କରାଯିବା, ୫ ଲକ୍ଷ ଟଙ୍କା ମୃତ୍ୟୁକାଳୀନ ସହାୟତା ପ୍ରଦାନ, ସମସ୍ତ ଆଶା କର୍ମୀଙ୍କୁ ମୋବାଇଲ ସେଟ୍ ପ୍ରଦାନ କରିବା, ସହରାଂଚଳ ଓ ଗ୍ରାମାଂଚଳରେ ସମାନ କାମକୁ ସମାନ ଦରମା, ଏନ.ଏଚ.ଏମ୍ ର ସମସ୍ତ କର୍ମଚାରୀଙ୍କୁ ସରକାରୀ ଚାକିରୀର ମାନ୍ୟତା ପ୍ରଦାନ କରାଯିବା ଆଦି ଦାବି ଗୁଡିକ ରହିଛି । ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମିର୍ଜା ବାବର ବେଗଙ୍କୁ ଏହି ଦାବିପତ୍ର ପ୍ରଦାନ ସମୟରେ ଏ.ଆଇ.ଟି.ୟୁସି ର ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ଆଶାକର୍ମୀ ସଂପାଦକ କାନ୍ତିପ୍ରଭା ନାୟକଙ୍କ ସମେତ, ଭଗବତୀ ନାୟକ, ନନ୍ଦିନୀ ସ୍ୱାଇଁ, ଭଜହରି ପ୍ରଧାନ, ବାସନ୍ତି ସାହୁ, ହେମଲତା ସାହୁ, ମୀରା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ମିଲ ମାଲିକ ଓ ଭଡା ଗାଡି ମାଲିକଙ୍କ ଭିତରେ ବିବାଦ

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ତହସିଲ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ପୁର ପଂଚାୟତ ନୂଆହାଟ ଗ୍ରାମର ଗାଡି ମାଲିକ ମାନେ ଦୀର୍ଘବର୍ଷ ହେଲା ବଳଭଦ୍ରପୁର ଠାରେ ଗଢି ଉଠିଥିବା ସ ମିଲ ମାନଙ୍କର ନିଜର ଗାଡି କାଠ ବୋହିବା ପାଇଁ ଭଡାରେ ଲଗାଇଥାନ୍ତି । କିନ୍ତୁ ଗତ କିଛିଦିନ ହେଲା ସ ମିଲ ମାଲିକ ମାଲିକମାନେ ସ୍ଥାନୀୟ ଲୋକଙ୍କର ଗାଡିକୁ ଭଡାରେ ନ ନେବାରୁ ଉଭୟଙ୍କ ମଧ୍ୟରେ ବିବାଦ ତେଜିବାରେ ଲାଗିଛି । ସ ମିଲ ମାଲିକ ମାନଙ୍କର ମନମୁଖୀ କାର୍ଯ୍ୟ ପାଇଁ ସ୍ଥାନୀୟ ଅଂଚଳର ବାସିନ୍ଦା ଓ ଗାଡି ମାଲିକ ମାନେ ଅତିଷ୍ଠ ହୋଇ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସ ମିଲ ଗୁଡିକରେ ସ୍ଥାନୀୟ ଶିକ୍ଷିତ ଯୁବକ ମାନେ ଛୋଟ ଛୋଟ ଗାଡି ଋଣ କରି ନିଜର ପରିବାର ଭରଣ ପୋଷଣ କରିଥାନ୍ତି । କିନ୍ତୁ ଓ ମିଲ ମାଲିକ ମାନଙ୍କର ମନମୁଖୀ କାର୍ଯ୍ୟ ଯୋଗୁଁ ଏହି ଭଡାଗାଡି ଗୁଡିକ କାର୍ଯ୍ୟରେ ନଲାଗି ଛିଡାହୋଇ ରହୁଛି । ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଲକ୍ଷ୍ମୀନାରାୟଣ ପୁର ସରପଂଚ ଅରକ୍ଷୀତ କାଣ୍ଡି, ପୂର୍ବତନ ସରପଂଚ ମହେନ୍ଦ୍ର କୁମାର ସିଂହ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମିତି ସଭ୍ୟ ଫନିନ୍ଦ୍ର ବେହେରା, ନଟବର ବେହେରା ଓ ଅଂଚଳ ବାସୀମାନେ ଉପ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# ବ୍ରହ୍ମପୁର ରକ୍ତଭଣ୍ଡାରରେ ରକ୍ତ ଅଭାବ

ଗଞ୍ଜାମ, (ପିପିଏସ) : ବ୍ରହ୍ମପୁର ବଡଡାକ୍ତରଖାନା ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ଦେଖା ଦେଇଛି। ରୋଗୀମାନେ ଦିନ ଦିନ ଅପେକ୍ଷାକରି ମଧ୍ୟ ଆବଶ୍ୟକ ରକ୍ତ ନ ପାଇ ମୃତ୍ୟୁସହ ସଂଗ୍ରାମ କରୁଛନ୍ତି। ତେବେ ଗ୍ରୀଷ୍ମପ୍ରବାହ ହେତୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇପାରୁନି ଏବଂ ରକ୍ତଦାତାମାନେ ଏହି କାରଣରୁ ରକ୍ତ ଦାନ କରିବାକୁ ଅମଂଗ ହେଉଛନ୍ତି ବୋଲି ରକ୍ତଭଣ୍ଡାର କର୍ତ୍ତୃପକ୍ଷ ସଫେଇ ଦେବାସହ ତୁରନ୍ତ ରକ୍ତ ସଂଗ୍ରହ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।

## ପ୍ରଧାନଶିକ୍ଷକଙ୍କ ପଦୋନ୍ନତିକୁ ନେଇ ଅଭିଯୋଗ

# ଅଭିଯୋଗର ସତ୍ୟତା ନାହିଁ ବୋଲି କହିଲେ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ

ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ତଥା କୋହ୍ଲ ମଧ୍ୟଇଂରାଜୀ ସ୍କୁଲର ପ୍ରଧାନଶିକ୍ଷକ ରମାକାନ୍ତ ଦାସଙ୍କୁ ଲେବଲ-୩ ପଦୋନ୍ନତି ଦିଆଯାଇଛି। ତେବେ ଏହି ପଦୋନ୍ନତିରେ ସରକାରୀ ନିୟମକୁ ଉଲଙ୍ଘନ କରାଯାଇଥିବା ନେଇ ଜିଲାଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅପରପକ୍ଷେ ଅଭିଯୋଗ ଭିତ୍ତିହୀନ ବୋଲି ସଂଘ ସାଧାରଣ ସମ୍ପାଦକ ଶ୍ରୀ ଦାସ ଦର୍ଶାଇବା ସହ ଯୋଗ୍ୟତା ଭିତ୍ତିରେ ତାଙ୍କୁ ପଦୋନ୍ନତି ମିଳିଥିବା ଗୁରୁବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ପଦୋନ୍ନତି ପାଇଁ ଆବଶ୍ୟକୀୟ ଯୋଗ୍ୟତା ଥିବାରୁ ସରକାରଙ୍କ ଅନୁମୋଦନ କ୍ରମେ ୨୯.୪.୨୩ ତାରିଖରେ ଜିଲା ଶିକ୍ଷାଧିକାରିଙ୍କ ଚିଠି ନଂ ୪୪୪୯ ଏବଂ ୩୦.୪.୨୩ ତାରିଖରେ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନଂ ୧୧୩୦ ମୁତାବକ ସେ କୋହ୍ଲ ଏମ.ଇ ସ୍କୁଲର ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ସରକାରୀ ନିୟମାନୁଯାୟୀ ସେ ଲେଭଲ ୪ ପ୍ରଧାନଶିକ୍ଷକରୁ ଲେଭଲ ୩ ପ୍ରଧାନଶିକ୍ଷକକୁ ପଦୋନ୍ନତି ପାଇଛନ୍ତି। ପଦୋନ୍ନତିରେ କୌଣସି ଅନିୟମିତତା ହୋଇନଥିଲେ ମଧ୍ୟ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଦୁର୍ଭାଗ୍ୟଜନକ ବୋଲି ସେ ଦର୍ଶାଇଛନ୍ତି।

# ରଥଖଳାରେ ୩୦ରୁ ଉର୍ଦ୍ଧ୍ୱ ଚକ ପ୍ରସ୍ତୁତ

ପୁରୀ, (ହି.ସ.) : ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ସୁଦ୍ଧା ୩ ରଥର ୪୨ଟି ଚକ ମଧ୍ୟରୁ ୩୦ରୁ ଉର୍ଦ୍ଧ୍ୱ ଚକ ନିର୍ମାଣ ଶେଷ ହୋଇଛି। ଆସନ୍ତାକାଲି ଭଉଁରି ତିଥିରେ ପ୍ରତ୍ୟେକ ରଥର ଦୁଇଟି ଚକ ସହ ନାହାକା ଅଖ ସଂଯୋଗ କରାଯାଇ ଡ଼େରାଯିବ । ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରାଯାଇ ରଥର ଚକ ଗୁଡ଼ିକ ଡ଼େରା ଯିବ। ରଥ ଖଳାରେ ଅର ଓ ପଇ କାମ ଜୋରସୋରରେ ଚାଲିଛି। ନନ୍ଦିଘୋଷ ରଥର ୧୬ ଚକ। ତାଳଧ୍ୱଜ ରଥର ୧୪ ଚକ ଓ ଦର୍ପଦଳନ ରଥର ୧୨ଟି ଚକ କାର୍ଯ୍ୟ ସରିବା ପରେ ନାହାକା ୬ଟି ଚକକୁ ଛାଡ଼ି ଅନ୍ୟ ୩୬ ଟି ଚକକୁ ଭୋଇ ସେବାୟତମାନେ ପୂଜାର୍ଚ୍ଚନା କରି ରଥ ନିର୍ମାଣ ପରେ ଡ଼େରା କରିବେ । କରତି ସେବକଙ୍କ ଦ୍ୱାରା ଗୟଳ ଚିରଟ କାମ ଚାଲୁଅଛି । ରୂପକାର ସେବକମାନେ ଗୁଜରେ ରୂପ ଖୋଦେଇ କାମ ଜାରି ରଖିଛନ୍ତି। ବିଶ୍ୱକର୍ମା ମହାରଣା, ଭୋଇ ସେବାୟତ, ରୂପକାର ସେବାୟତ, ବିନ୍ଧ କାରିଗର,କରତି ସେବକଙ୍କ ସହ ଅନ୍ୟ ସେବକମାନେ ଅକ୍ଷୟ ତୃତୀୟା ଠାରୁ ସଂକଳ୍ପ ଓ ହବିସ୍ୟ କରି ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି। ଜୁନ ୨୦ରେ ପବିତ୍ର ଶ୍ରୀଗୁଣ୍ଡିଚା ଯାତ୍ରା। ବିଶ୍ୱରୁ ଲକ୍ଷାଧିକ ଭକ୍ତ ପୁରୀକୁ ଆଗମନ କରିବେ।

# ଷ୍ଟେଟ୍ ବ୍ୟାଙ୍କର ନୂତନ ଏଟିଏମ ଉଦ୍‌ଘାଟନ

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଜାତୀୟ ରାଜପଥ ନିକଟରେ ଷ୍ଟେଟ୍ ବ୍ୟାଙ୍କର ର ଏକ ନୂତନ ଏଟିଏମ ଶ୍ୟାମସୁନ୍ଦରପୁର ଗଡା ଠାରେ ଉଦ୍‌ଘାଟନ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର ଏହାକୁ ଉଦ୍ ଘାଟନ କରିଥିବା ବେଳେ କେନ୍ଦ୍ରାପଡା ଷ୍ଟେଟ୍ ବ୍ୟାଙ୍କର ଶାଖାର ମୁଖ୍ୟ ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟ, ସଦର ଥାନା ଅଧିକାରୀ ସରୋଜ କୁମର ସାହୁ, ସମାଜସେବୀ ବଳରାମ ସାହୁ, ଚିନ୍ମୟୀ ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନୟାଗଡ଼ରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା



ଓଡ଼ଗାଁ : ଓଡ଼ଗାଁ ନିକଟବର୍ତ୍ତୀ ଆମ୍ରାପୁର ଗ୍ରାମରେ ୫୫ ଫୁଟ୍‌ର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥିଲା। ପଣ୍ଡିତ ନରସିଂହ ଜେନା ଓ ତାଙ୍କ ଦୁଇଭାଇ ଶେଷଦେବ ଏବଂ ପଦ୍ମନାଭଙ୍କ ଉଦ୍ୟମରେ ଏହି ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ପଣ୍ଡିତ ଶ୍ରୀ ଜେନାଙ୍କ ଉଦ୍ୟମରେ ଏଠାରେ ୫୫ ଫୁଟ୍ ଉଚ୍ଚର ଜଗନ୍ନାଥ ମନ୍ଦିର ନିର୍ମିତ କରାଯାଇଛି। ପ୍ରତିଷ୍ଠା ଅବସରରେ ଧର୍ମ ଆଲୋଚନା ସଭା ହୋଇଥିଲା। ଏଥିରେ ଶତାଧିକ ଭକ୍ତ ଓ ସନ୍ନ୍ୟାସୀ ଯୋଗ ଦେଇଥିଲେ। ନିଖିଳୋତ୍କଳ ସଂସ୍କୃତ ମହାମଣ୍ଡଳର ସଭାପତି ତଥା ସଂସ୍କୃତ କବି ପଣ୍ଡିତ ପ୍ରବୋଧ କୁମାର ମିଶ୍ର ଏହି ଅବସରରେ ଶ୍ରୀ ଜେନାଙ୍କୁ ସେବକ ଶେଖର ସମ୍ମାନରେ ଭୂଷିତ କରିଥିଲେ। ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀ ଆଶୀର୍ବାଦ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ବିଶିଷ୍ଟ ଅତିଥି ଭାବେ କିସ୍‌ର ଶ୍ରୀ ପ୍ରଶାନ୍ତ କୁମାର ରାଉତରାୟ ଅଧ୍ୟାପିକା ଅର୍ଚ୍ଚନା ଜେନା, ମନୋଜ କୁମାର ରଥ, ଇଂ ଅନିତା ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ।

# ଅଗ୍ନି ବିପନ୍ନ ପରିବାରକୁ ବିଜେପି ତରଫରୁ ସହାୟତା ପ୍ରଦାନ

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା ବିଜେପି ତରଫରୁ ଅଗ୍ନି ବିପିନ୍ନ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ଜିଲ୍ଲାର ମହାକାଳପଡା ବ୍ଲକ କଂସାର ବଡ ଦାଣ୍ଡୁଆ ପଂଚାୟତର ବଗ ଗହଣ ଗ୍ରାମର ରବି ମଣ୍ଡଳଙ୍କ ଘରେ ନିଆଁ ଲାଗି ବ୍ୟାପକ କ୍ଷତି ହୋଇଥିଲା । ଘରେ ଥିବା ସମସ୍ତ ଆସବାବ ପତ୍ର, ବର୍ଷକର ଆହାର ଜଳି ପାଉଁଶ ହୋଇ ଯାଇଥିବାର ଖବର ପାଇ ଜିଲ୍ଲା ବିଜେପି ସଭାପତି କିଶୋର କୁମାର ପଣ୍ଡା, ରାଜ୍ୟ ଓବିସି ମୋର୍ଚ୍ଚା ସଂପାଦକ ଡ଼ଃ ଦୁର୍ଗା ପ୍ରସନ୍ନା ନାୟକ, ମଣ୍ଡଳ ସଭାପତି ପ୍ରଶାନ୍ତ ସେଠୀଙ୍କ ସମେତ ରାମଚନ୍ଦ୍ର ରାଉତ, ଶୁକଦେବ ସର୍ଦ୍ଦାର, କେଶବ ଭୋଳ, ଦିଲିପ ବେହେରା ପ୍ରମୁଖ ଶ୍ରୀ ମଣ୍ଡଳଙ୍କ ଘରେ ପହଁଚି ଶୁଖିଲା ଖାଦ୍ୟ, ବାସନ ଓ ପାଲ ପ୍ରଦାନ କରିବା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି ।

# ପୌରପାଳିକାର ବିକାଶ ଓ ଉନ୍ନତିର ଲୋକାର୍ପିତ ଉତ୍ସବ

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ପୌର ପରିଷଦ ତରଫରୁ ରଣପଡା ଠାରେ ନିର୍ମାଣ କରାଯାଇ ଥିବା ନୂତନ ମଡେଲ ଶ୍ମଶାନ ସହିତ ହଜାରି ବଗିଚା ଠାରେ ଆହାର କେନ୍ଦ୍ର, ତିନିମୁହାଣୀ ଠାରେ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କ ନିର୍ମାଣ କରାଯାଇଛି। ଗୁରୁବାର ୩ ଗୋଟି ପ୍ରକଳ୍ପର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମାନ୍ୟବର ସାଂସଦ ଅନୁଭବ ମହାନ୍ତି, ମାନ୍ୟବର ମନ୍ତ୍ରୀ ଶକ୍ତି, ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ପ୍ରତାପ କେଶରୀ ଦେବ, ମାନ୍ୟବର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ, ସମବାୟ କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗୀତାଞ୍ଜଳୀ ସେଠୀ, ପୌର ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ଦ୍ୱାରା ଲୋକାର୍ପିତ କରାଯାଇଛି । ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ପୌରାଂଚଳ ର ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ବରିଷ୍ଠ ସମାଜସେବୀ ରଞ୍ଜିତ ସାହୁ, ଅଜୟ ରାଉତ, ମୁରଲୀ ସେଠୀଙ୍କ ସମେତ ରାଜେଶ ପଣ୍ଡା, ଦେବଦାସ ମହାନ୍ତି, ଧିରେନ ସାହୁ, ପ୍ରଦିପ ମହାନ୍ତି, ଆଇନଜୀବି ତଥା ଜିଲ୍ଲା ବିଜେଡି ଲିଗାଲ ଫଣ୍ଡ କାର୍ଯ୍ୟକାରୀ ସଭାପତି ସଂଜୟ ଜେନା, ମିଶନ ଶକ୍ତି ମହିଳା ମଣ୍ଡଳର ସଦସ୍ୟ ମାନେ, ସମସ୍ତ କାଉନନସିଲର ସମେତ ଭାବଗ୍ରାହୀ ପତି, ଗୌରାଙ୍ଗ ବେହେରା, ଜଗନ୍ନାଥ ସାହୁ, ନିହାର ରଞ୍ଜନ ମହାପାତ୍ର, ବହୁ ଦଳୀୟ କର୍ମୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ହତ୍ୟା ମାମଲାରେ ୨ ଗିରଫ

ଜୟପୁର, (ହି.ସ.) : ହତ୍ୟା ମାମଲାରେ ୨ ଅଭିଯୁକ୍ତ କୁ ଗିରଫ କରିଛି ଜୟପୁର ସଦର ପୋଲିସ । ଏହି ମାମଲାରେ ୨ ଅଭିଯୁକ୍ତ କୁ ଗିରଫ କରିଛି । ପୋଲିସ ସୁଚନା ଅନୁଯାଇ ଗତ ୬.୫.୨୩ ତାରିଖରେ ଲାଲୁ ହରିଜନ (୨୧), ବନ କୁମାର ପରଜା(୩୦) ଓ ଡମ୍ବୁ ଗାଧବା (୩୫) । ୩ ଜଣ ମିଶି ମାଛ ଧରିବାକୁ ଗ୍ରାମ ନିକଟସ୍ଥ ଏକ ନଦୀକୁ ଯାଇଥିଲେ। କୌଣସି କାରଣକୁ ନେଇ ୩ ଜଣ ମଧ୍ୟରେ ବଚସା ହୋଇଥିଲା । ଅଭିଯୁକ୍ତ ଡମ୍ବୁ ଓ ବନ ଏକ ପଥରେ ଲାଲୁର ମୁଣ୍ଡକୁ ବାର ବାର ଆକ୍ରମଣ କରଥିଲେ। ଫଳରେ ଲାଲୁ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଲାଲୁର ମୃତ ଶରୀରକୁ ଉକ୍ତ ନଦୀରେ ହିଁ ଶବକୁ ଭସାଇ ଦେଇଥିଲେ । ଗତ ୮ ତାରିଖ ରେ ଭାସି ରଣ୍ଡାପାଲି ସ୍ଥିତ ଏକ ନଦୀରେ ଶବ କୁ ଠାବ କରାଯାଇଥିଲା । ଶବକୁ ଉଦ୍ଧାର କରି ଥିଲା ଜୟପୁର ସଦର ପୋଲିସ। ଏନେଇ ଅପମୃତ୍ୟୁ ମାମଲା ରୁଜୁ କର ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଯାଇଥିଲା। ଶବ ବ୍ୟବଚ୍ଛେଦରେ ହତ୍ୟା କରାଯାଇଥିବା ନେଇ ରିପୋର୍ଟ ଆସିଥିଲ। ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ୨ ଅଭିଯୁକ୍ତକୁ ଗିରଫ କରିଥିଲା।

# ବାଲିମେଳା ହାଇସ୍କୁଲର ୨୦୦୦ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ମାଲକାନଗିରି, (ହି. ସ.) : ମାଲକାନଗିରି ଜିଲା ବାଲିମେଳା ଟାଉନ ହଲ ଠାରେ ବାଲିମେଳା ହାଇସ୍କୁଲର ୨୦୦୦ମସିହା ମାଟ୍ରିକ ବ୍ୟାଚର ଛାତ୍ରଛାତ୍ରୀଙ୍କର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇ ଅଛି। କାର୍ଯ୍ୟକ୍ରମ ରେ ନିମନ୍ତ୍ରିତ ଅତିଥି ତଥା ପଢି ଆସିଥିବା ବିଦ୍ୟାଳୟ ଓ କଲେଜର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ହଳଦୀ ପାଣିରେ ପାଦ ଧୋଇ ଫୁଲ ଚନ୍ଦନ ଲଗାଇ ମଞ୍ଚ ଉପରକୁ ଆମନ୍ତ୍ରିତ କରାଯାଇଥିଲା । ଏହାପରେ ସମସ୍ତ ଅତିଥି ମାନେ ଦିବଙ୍ଗତ ଶିକ୍ଷକ ରାଜକିଶୋର ମହାନ୍ତି, ସୁବାସ ଚନ୍ଦ୍ର ମହାନ୍ତି, ବିବେକାନନ୍ଦ ରାଉତରାୟଙ୍କ ତୈଳଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ନିରବ ପ୍ରାଥନା କରିଥିଲେ। ୨୦୦୦ମସିହାର ଛାତ୍ର ଦେବୀପ୍ରସାଦ ଗୌଡ଼ ସ୍ୱାଗତ ଭାଷଣ ଦେବା ସହ ବାଣିଶ୍ରୀ କଳା ନିକେତନ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ସଭା କାର୍ଯ୍ୟ ଆରମ୍ଭରେ ସମସ୍ତ ଛାତ୍ରଛାତ୍ରୀ ନିଜର ସ୍ମୃତିଚାରଣ କରିଥିଲେ ଏହାପରେ ନିମନ୍ତ୍ରତ ଅତିଥି ତଥା ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ, ଅଭିମନ୍ୟୁ ବେହେରା, ଅବସରପ୍ରାପ୍ତ ଅଧ୍ୟାପକ ସୁରେଶ ଚନ୍ଦ୍ର ତ୍ରିପାଠୀ, ଅଧ୍ୟକ୍ଷ ଅମୂଲ୍ୟ ପ୍ରଧାନ, କାର୍ଯ୍ୟରତ ଗୋଷ୍ଠି ଶିକ୍ଷା ଅଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ, ରାମକୃଷ୍ଣ ପାଢ଼ୀ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ ନାୟକ, ଶିକ୍ଷୟତ୍ରୀ ପ୍ରତିମା ପାଲ, ଶିବପ୍ରସାଦ ନାଲା, ଦାମୋଦର ପଣ୍ଡା, ଅମରେଶ୍ୱର ବେହେରା ,ପ୍ରମୁଖ ନିଜନିଜର ପୁରୁଣା ଛାତ୍ର ଛାତ୍ରୀ ଙ୍କୁ ଦେଖି ଅତ୍ୟନ୍ତ ଖୁସି ବ୍ୟକ୍ତ କରି ଭାବବହୁଳ ପରିବେଶ ଦେଖିବାକୁ ମିଳିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

# ଆମେ ତୃତୀୟ ସାମ୍ମୁଖ୍ୟରେ ନାହୁଁ

ଏହି ସାମ୍ମୁଖ୍ୟରେ ଆମେ ନାହୁଁ। ଆଗାମୀ ନିର୍ବାଚନରେ ବିଜେଡି ଲୋକସଭା ଓ ବିଧାନସଭା ଆସନରେ ଏକାକି ଲଢ଼ିବ କି ପଚାରିବାରେ ସେ କହିଛନ୍ତି, ସର୍ବଦା ଏହା ଆମର ମୁଖ୍ୟ ନୀତି ରହିଆସିଛି। ସେପଟେ ନବୀନ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ସେଠାରେ ଅନ୍ୟ ରାଜନୈତିକ ଦଳ ମୁଖ୍ୟଙ୍କ ସହ ଭେଟିବା ନେଇ ଆଲୋଚନା ହେଉଥିଲା। ହେଲେ ଆଜି ଏଭଳି କୌଣସି ରାଜନୈତିକ ଭେଟଘାଟ ନ ଥିବା ସେ ସ୍ପଷ୍ଟ କରିଛନ୍ତି। ସେହିପରି ଭାରତ ନେଟ୍ ଫେଜ୍ ଟୁରେ ଓଡ଼ିଶାକୁ ଅନ୍ତର୍ଭୁକ୍ତ କରି ପଞ୍ଚାୟତଗୁଡ଼ିକୁ ମାଗଣାରେ ସାମିଲ କରିବା, ବ୍ୟାକିଂ ସେବାରୁ ବଞ୍ଚିତ ପଞ୍ଚାୟତ ଗୁଡ଼ିକରେ ତୁରନ୍ତ ଏହି ସେବା ଉପଲବ୍ଧ କରିବା ଓ ରାଜ୍ୟରେ ଅସମ୍ପୂର୍ଣ୍ଣ ଜାତୀୟ ରାଜପଥ ଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ବି ପ୍ରଧାନମନ୍ତ୍ରୀଙ୍କ ନିକଟରେ ନବୀନ ଦାବି ରଖିଥିବା ସୂଚନା ମିଳିଛି।

# ବଳରାମ ଯୋଜନାର ଋଣ ଆଦାୟ ଓ ନୂତନ ଋଣ ପ୍ରଦାନ ପାଇଁ ବ୍ଲକ ସ୍ତରୀୟ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡା, (ହି.ସ.) : ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃଷକ ମାନଙ୍କର ଉନ୍ନତି କରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିବା ବେଳେ ସେଥିମଧ୍ୟରୁ ବଳରାମ ଯୋଜନା ଅନ୍ୟତମ । କେନ୍ଦ୍ରାପଡା ତହସିଲଦାର ଅଞ୍ଜଳୀ ତରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କର ଶାଖା ପରିଚାଳକ ତାପସ ପ୍ରସାଦ ସିଂହ, ଏଲଡିଏମ୍ ମଳୟ କୁମାର ମିତ୍ର, ଆତ୍ମାର ଅଧ୍ୟକ୍ଷ ଅଶୋକ କୁମାର ବରାଳ, ଜିଲ୍ଲା ନାର୍ବାଡ ଅଧିକାରୀ ଅଶୋକ କୁମାର ଆଚାର୍ଯ୍ୟ, ବ୍ଲକ କୃଷି ଅଧିକାରୀ ମନରଞ୍ଜନ ରାଉଳ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ରାପଡା ବ୍ଲକ ଅଧିନରେ ବଳରାମ ଯୋଜନାରେ ଋଣ ନେଇଥିବା ପ୍ରାୟ ୫୦୦ ଗୋଷ୍ଠୀଙ୍କୁ ପ୍ରାୟ ୪ କୋଟି ୯୫ ଲକ୍ଷ୍ୟ ୬୧ ହଜାର ଟଙ୍କା ଋଣ ପ୍ରଦାନ କରା ଯାଇଥିଲା। ଏଥି ମଧ୍ୟରୁ ୧୨୫ଟି ଗୋଷ୍ଠୀ ୧ କୋଟି ୧୨ ଲକ୍ଷ ୨୦୦୦ ଟଙ୍କା ଋଣ ପରିଶୋଧ କରି ପୁନର୍ବାର ଋଣ ନେଇଥିବା ବେଳେ ୩୭୫ ଗୋଷ୍ଠୀ ବଳରାମ ଯୋଜନାରେ ନେଇଥିବା ଋଣ ପରିଶୋଧ କରୁନଥିବାରୁ ଏନେଇ କୃଷି ସମବାୟ ସମିତିରେ ଋଣ ନେଇଥିବା ଗୋଷ୍ଠୀ ମାନଙ୍କୁ ଡାକି ସେମାନଙ୍କୁ ସଚେତନ କରାଇବା ସହିତ ଋଣ ପରିଶୋଧ କରି ପୁନର୍ବାର ଋଣ ନେବା ପାଇଁ ସଚେତନ କରାଯିବ ବୋଲି ସ୍ଥିର କରାଯାଇଛି। ଆୟୋଜିତ ଏହି ବୈଠକରେ ସଂପାଦକ ବୈରାଗୀ ସାହୁ, ଶ୍ରୀହର୍ଷ ମହାନ୍ତି, ହେମନ୍ତ ପାତ୍ର, ବସନ୍ତ କୁମାର ରାଉତ, ସୁବୋଧ ଲେଙ୍କା, କାଳନ୍ଦୀ ବିଶ୍ୱାଳ ସଂପାଦକଙ୍କ ସମେତ ନାରାୟଣ ସ୍ୱାଇଁ, ଅକ୍ଷୟ କୁମାର ପାଣି, ଦୁର୍ଗାଶିଷ ମହାନ୍ତି, ପଦ୍ମନାଭ ସାହୁ, ପ୍ରଦ୍ୟୁମ୍ନ ଜେନା ପ୍ରମୁଖ ସଭାପତିଙ୍କ ସହ କୃଷି ସେବା ସମବାୟ ସମିତିର ସଭାପତି, ସଂପାଦକ, କୃଷକ ସାଥୀ, ଗ୍ରାମୀୟ କୃଷି କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଶେଷରେ ଆତ୍ମାର ଅଧ୍ୟକ୍ଷ ଅଶୋକ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦୁଝରରେ ଦନ୍ତାହାତୀର ଉତ୍ପାତ
# ଭାଙ୍ଗିଲା ଘର ଓ ନଷ୍ଟକଲା କଦଳୀବଗିଚା

କେନ୍ଦୁଝର , (ହି.ସ) : କେନ୍ଦୁଝରରେ ବଣୁଆ ହାତୀଙ୍କର ଉପଦ୍ରବ କମିବାର ନାମ ଧରୁନାହିଁ । ପ୍ରାୟ ସମୟରେ ବଣୁଆ ହାତୀଙ୍କର ଉପଦ୍ରବ ଲାଗି ରହୁଛି । କେତେବେଳେ ଦଳବଦ୍ଧ ହାତୀଙ୍କର ଉପଦ୍ରବ ତ ଆଉ କେତେବେଳେ ଦନ୍ତା ହାତୀର ଉପଦ୍ରବ । ଏବେ କେନ୍ଦୁଝର ଜିଲ୍ଲାର ପାଟଣା ରେଞ୍ଜ ଅଞ୍ଚଳରେ ଗୋଟିଏ ଗୋଠଛଡା ଦନ୍ତାହାତୀ ମାତିଥିବା ବେଳେ ସମଗ୍ର ଅଂଚଳରେ ଏକ ଅଜଣା ଭୟର ବାତାବରଣ ସୃଷ୍ଟି ହୋଇଛି । ଦନ୍ତାହାତୀଟି ମଙ୍ଗଳବାର ଭୋର ସମୟରେ ଘଟଗାଁ ରେଞ୍ଜରୁ ଆସି ପାଟଣା ରେଞ୍ଜରେ ଉପଦ୍ରବ ଆରମ୍ଭ କରିଛି । ପାଟଣା ରେଞ୍ଜରେ ୪ ଟି ପରିବାର ଙ୍କର ଘର ଭାଙ୍ଗି ସେମାନଙ୍କର ସଂଚିତ ଧାନ ଚାଉଳ ଖାଇଯାଇଥିଲେ ମଧ୍ୟ ପରିବାର ଲୋକମାନେ ଅଳ୍ପକେ ବର୍ତ୍ତିଯାଇଥିଲେ । । ତେଲକୋଇ ରେଞ୍ଜର ମଲ୍ଲୀପଶି ବିଟର ରାମଚନ୍ଦ୍ରପୁର ସୁମି ମୁଣ୍ଡାଙ୍କ ଘର ଉପରେ ଆକ୍ରମଣ କରି ଦନ୍ତାଟି ତାଙ୍କର ଦୁଇ ବଖରା ଖପର ଘର ଭାଙ୍ଗି ଦେଇଥିବା ବେଳେ ଧନୁର୍ଜୟପୁର ଗାଁର ବିରାମ ମାଝୀଙ୍କର ଗୋଟିଏ ଘର ଏବଂ ଟଙ୍କଧର ମହାନ୍ତଙ୍କର ଟାଇଲ ଘର ସହ ଗୋବରବେଡା ଗ୍ରାମର ଦିବାକର ମହାନ୍ତଙ୍କ ଟାଇଲ ଛପର ଘରକୁ ମଧ୍ୟ ଭାଙ୍ଗି ଦେଇଛି । ଏବଂ ରାମଚନ୍ଦ୍ରପୁର ଗାଁର ତନୁ ନାଏକଙ୍କ କଦଳୀ ବଗିଚାକୁ ସଂପୁର୍ଣ୍ଣ ନଷ୍ଟ କରିଦେଇଛି । ମଙ୍ଗଳବାର ଦିନ ହାତୀଟି ଜମୁନାପଶି ଜଙ୍ଗଲରେ ଡେରା ପକାଇଥିବା ରେଞ୍ଜର ଘାସିନାଥ ପାତ୍ର ସୂଚନା ଦେବା ସହ କ୍ଷତିଗ୍ରସ୍ତ ଲୋକଙ୍କର କ୍ଷୟକ୍ଷତି ଆକଳନ କରାଯିବା ପରେ କ୍ଷତିପୂରଣ ଦିଆଯିବ ବୋଲି କହିଛନ୍ତି । ଜମୁନାପଶି ଜଙ୍ଗଲରେ ଡେରା ପକାଇଥିବା ଦନ୍ତାଟି ସଂଧ୍ୟା ସମୟରେ ବଡପାଟଣା ପଂଚାୟତ ମାଧପୁର ଗ୍ରାମରେ ପ୍ରବେଶ କରି ସୁହାଗ ନାଏକ ଓ ଦାଶରଥି ମୁଣ୍ଡାଙ୍କର ଘର ଭାଙ୍ଗିଛି । ଫଳରେ ଲୋକମାନଙ୍କ ମଧ୍ୟରେ ଏକ କୋକୁଆ ଭୟ ସୃଷ୍ଟି ହୋଇଛି । ପରେ ପରେ ଦନ୍ତା ହାତୀଟି ବେଗନା ଗ୍ରାମରେ ନରହରି ସେଠୀ ଓ ଆର୍ତତ୍ରାଣ ସେଠୀଙ୍କର ଘରର ପ୍ରାଚୀର ଭାଙ୍ଗି ଦେଇଛି । ଅନୁରୁପ ଭାବେ ସିଲିପଦା ଗ୍ରାମର ଗୁଣନିଧି ମହାନ୍ତ , ମାଳତୀ ମହାନ୍ତ , ବଲାଣୀପଶି ଗ୍ରାମର ଦମୟନ୍ତୀ ମହାନ୍ତ ଓ ଖୁଂଟାପଡା ଗ୍ରାମର ଗହ୍ଲା ମୁଣ୍ଡାଙ୍କର ଘରକୁ ମଧ୍ୟ ଦନ୍ତା ଭାଙ୍ଗି ଦେଇଛି । ଏବଂ ଏବେ ବଡଦେଉଳି ଜଙ୍ଗଲରେ ଡେରା ପକାଇଥିବା ବନ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଫଳରେ ଅଂଚଳବାସୀଙ୍କ ମଧ୍ୟରେ ଏକ ଭୟର ବାତାବରଣ ଲାଗି ରହିଛି । ତୁରନ୍ତ ବନ ବିଭାଗ ହାତୀଟିକୁ ସେ ଅଂଚଳରୁ ତଡି ଦେବାକୁ ସେମାନେ ଦାବି କରିଛନ୍ତି ।

## ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ଉପରେ ସମୀକ୍ଷା

ଜୟପୁର, (ହି.ସ) - ପଛୁଆ ବର୍ଗର ସାମାଜିକ ଓ ଅର୍ଥନୈତିକ ସର୍ଭେ ଆରମ୍ଭ ହୋଇଛି । ମେ ୧ରୁ ଆରମ୍ଭ ହୋଇଥିବା ବେଳେ ୨୭ ତାରିଖ ଯାଏ ସର୍ଭେ ହେବ । ଏନେଇ ସର୍ଭେର ସ୍ଥିତି ଉପରେ ସମୀକ୍ଷା କରାଯାଇଛି । ଜୟପୁର ବ୍ଲକ ସଭାଗୃହରେ ଏବିଡିଓ ମନୋଜ ନାୟକ, ଜିପିଓ ପ୍ରଶାନ୍ତ ମିଶ୍ର ସମୀକ୍ଷା କରିଛନ୍ତି । ଜୟପୁର ପୌରାଂଚଳରେ ୯ଟି ସେଂଟର କରାଯାଇଥିବା ବେଳେ ଜୟପୁର ବ୍ଲକ ୯୩ଟି ସେଂଟର କରାଯାଇଛି । ବିଡିଓ ରାଜୀବ ଦାସ, ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ତତ୍ୱବଧାନରେ ସର୍ଭେ ଜାରି ରହିଛି । ଅଙ୍ଗନବାଡୀ କର୍ମି ଓ ଆଇସିଡିଏସ ସୁପରଭାଇଜର, ପୌର କର୍ମଚାରୀ ଗଣନାକାରୀ ଓ ପରିଦର୍ଶକ ଭାବେ ନିୟୋଜିତ ଅଛନ୍ତି । ଗ୍ରାମ ଓ ସହରରେ ଥିବା ସ୍କୁଲ ଓ ଅଙ୍ଗନବାଡୀ କେନ୍ଦ୍ର ରେ ସେଂଟର କରାଯାଇଛି । ଏନେଇ ଲୋକଙ୍କୁ ସଚେତନ କରାଯିବା ସହ ପଛୁଆ ବର୍ଗ ପରିବାରର କୈଣସି ବ୍ୟକ୍ତି ବିଶେଷ ଯାଇ ସେଂଟରରେ ପରିବାର ସମସ୍ତଙ୍କ ତଥ୍ୟ ପ୍ରଦାନ କରିବେ ବୋଲି ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି ।

## ଇଲେକ୍ଟ୍ରି ଖୁଣ୍ଟରେ ପିଟିହେଲା କାର୍
## ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ସହ ୭ ଯାତ୍ରୀ



ଖପ୍ରାଖୋଲ(ପିପିଏସ୍): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ଥାନା ବୈଜଳସାଗର ଛକଠାରେ ଗୁରୁବାର ସକାଳ ପ୍ରାୟ ୮ଟାରେ ଏକ କାର୍ ରାସ୍ତା କଡ଼ ଇଲେକ୍ଟ୍ରି ଖୁଣ୍ଟି ସହ ପିଟି ହୋଇ ପାଖ ଚାଷଜମିକୁ ପଶି ଯାଇଥିବା ଜଣାପଡ଼ିଛି । କିନ୍ତୁ ସୌଭାଗ୍ୟବଶତଃ ଅଳ୍ପକେ ବର୍ତ୍ତିଛନ୍ତି ଯାଇଥିବା କାର୍ ଡ୍ରାଇଭର ସହ କାର୍‌ରେ ଥିବା ୭ ଜଣ ଯାତ୍ରୀ । ସୂଚନା ଅନୁଯାୟୀ କଣ୍ଟାବାଞ୍ଜି ର ସଚୀନ ଜିନ୍ଦଲ ତାଙ୍କ ପରିବାର ସହ ଗୋଟିଏ ମାରୁତି ଆର୍ଟିଗା କାର୍ (ଓଡି ୦୩ଏକ୍ସ ୧୭୯୮) ରେ କଣ୍ଟାବାଞ୍ଜିରୁ ହରିଶଙ୍କର ମନ୍ଦିରକୁ ଦର୍ଶନ କରିବା ପାଇଁ ଯାଉଥିଲେ । ଏହି ସମୟରେ ଡ୍ରାଇଭରର ଆଖିକୁ ନିଦ ଲାଗିଯିବାରୁ ଗୁରୁବାର ସକାଳ ପ୍ରାୟ ୮ଟା ସମୟରେ ଖପ୍ରାଖୋଲ ଥାନା ଅନ୍ତର୍ଗତ ବୈଜଳସାଗର ଛକ ବୁଲାଣିରେ ରାସ୍ତା କଡରେ ଥିବା ଇଲେକ୍ଟ୍ରି ଖୁଣ୍ଟରେ କାର୍ ପିଟି ହୋଇ ଚାଷଜମିରେ ଗଳି ପଡିଥିଲା । କିନ୍ତୁ ସୌଭାଗ୍ୟବଶତଃ ଗାଡି ଭିତରେ ଡ୍ରାଇଭର ସମେତ ୭ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ । ଛକରେ ଥିବା କିଛି ସ୍ଥାନୀୟ ଲୋକ ଏନେଇ ଆମ୍ବୁଲାନ୍ସ ଏବଂ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ପରେ ଖପ୍ରାଖୋଲ ପୋଲିସ ମଧ ଘଟଣାସ୍ଥଳରେ ପହଞ୍ଚି ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ଉଦ୍ଧାର କରିଥିଲା । ସମସ୍ତ ଯାତ୍ରୀ ସାମାନ୍ୟ ଆହତ ହୋଇଥିବାବେଳେ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ କଣ୍ଟାବାଞ୍ଜି ଡାକ୍ତରଖାନରେ ଭର୍ତ୍ତି କରାଯାଇଥିବା ଜଣାଯାଇଛି । ପରେ ଖପ୍ରାଖୋଲ ପୋଲିସ୍ ଗାଡିକୁ ଜବତ କରି ଅଧିକ ତଦନ୍ତ କରୁଥିବା ଖପ୍ରାଖୋଲ ଥାନାଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି ।

## ମହିଳାଙ୍କ ଝୁଲନ୍ତା ଶବ ଉଦ୍ଧାର

କନ୍ଧମାଳ, (ହି.ସ.)- କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଓ ଟିକାବାଲି ଥାନା ଅଂଚଳର ଲାଇନପଡା ଓ ଟିକାବାଲି ରାସ୍ତାରେ ଦ୍ୱବା ଡୁଙ୍ଗୁରିପଡା ଗ୍ରାମ ନିକଟସ୍ଥ ମୁଣ୍ଡାକିଆ ଜଙ୍ଗଲରେ ଥିବା ଏକ ଗଛରୁ ଜଣେ ମହିଳାଙ୍କ ଝୁଲନ୍ତା ଶବକୁ ଉଦ୍ଧାର କରିଛି । ମହିଳା ଜଣକ କୁସୁମେଣ୍ଡି ପଂଚାୟତର ବେରେଡାପଦର ଗ୍ରାମର ନିଳାଂଚଳ ପ୍ରଧାନଙ୍କ ପତ୍ନୀ, ପ୍ରତିମା ମଲ୍ଲିକ (୨୩) ବୋଲି ପୁଲିସ ସୁତ୍ରରୁ ଜଣାପଡିଛି । ଖବର ପାଇ ଟିକାବାଲି ଥାନା ଓ ଲାଇନପଡା ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିଥିଲେ । ସେଠାରେ ଘୁ.ଉଦୟଗିରି ଉପଖଣ୍ଡ ପୋଲିସ ଅଧିକାରୀ ତିରିପତି ରାଓ ପଟ୍ଟନାୟକ ଓ ଚକାପାଦ ତହସିଲଦାର ପ୍ରଭାସ କୁମାର ବୁଡାୟକଙ୍କ ଉପସ୍ଥିତିରେ ଶବକୁ ସିନାକ୍ତ କରିବା ସହିତ ବ୍ୟବଛେଦ ପାଇଁ ଫୁଲବାଣୀ କୁ ପଠାଇ ଏହି ସଂକ୍ରାନ୍ତରେ ଏକ ମାମଲା ୬୧/୨୩ ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି । ତେବେ ଏହା ଆତ୍ମହତ୍ୟା ନୁହେଁ ବରଂ ଏକ ହତ୍ୟା କାଣ୍ଡ ବୋଲି ମୃତ ମହିଳାଙ୍କ ମା ନବତୀ ମଲ୍ଲିକ ଟିକାବାଲି ଥାନାରେ ଏକ ଅଭିଯୋଗ କରିଥିବା ଜଣାପଡିଛି । ତେବେ ଶବ ବ୍ୟବଛଦେ ରିପୋର୍ଟ ଆସିବା ପରେ ହିଁ ଘଟଣା ବାବଦରେ ଜଣାପଡିବ ବୋଲି ପୋଲିସ ସୁତ୍ରରୁ ଜଣାପଡିଛି। ସୂଚନା ଅନୁଯାୟୀ ଗତ ଦୁଇ ବର୍ଷ ପୁର୍ବେ ପ୍ରତିମା ଓ ନିଳାଂଚଳଙ୍କ ବିବାହ ହୋଇଥିଲା ତାଙ୍କର ଏକ ବର୍ଷର ଗୋଟିଏ କନ୍ୟା ସନ୍ତାନ ଅଛି । ସ୍ୱାମୀ ଏକ ଯଜ୍ଞ କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ଗତ ଶନିବାରଠାରୁ ପ୍ରତିମା ନିଖୋଜ ଥିବା ଜଣାପଡିଛି । ଅଜି ତାଙ୍କ ଶବ ମିଳିବା ପରେ ତାଙ୍କ ପରିବାର ପକ୍ଷରୁ ଏହି ପ୍ରତିକ୍ରିୟା ପ୍ରକାଶ ପାଇଛି ।

## ଆଇଜିଏଚ୍‌ରେ ଗୁରୁତର ଇଲେକ୍ଟ୍ରିକାଲ୍ ଫ୍ଲାସ୍ ବର୍ଣ୍ଣ ପୀଡିତଙ୍କ ସଫଳ ଚିକିତ୍ସା
## ଡିଆଇସିଙ୍କ ଦ୍ୱାରା ନର୍ସ ଓ ପାରାମେଡିକାଲ ଷ୍ଟାଫ୍ ସମ୍ବର୍ଦ୍ଧିତ



ରାଉରକେଲା(ପିପିଏସ୍): ସେଲ ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଇସ୍ପାତ ଜେନେରାଲ୍ ହସ୍ପିଟାଲ ବର୍ଣ୍ଣ ସେଣ୍ଟରର ଡ୍ରେସର ଓ ନର୍ସଙ୍କୁ ନେଇ ଏକ ଦଳଙ୍କୁ ନବଜୀବନ ଲାଭ କରିଥିବା ଜଣେ ଅତ୍ୟନ୍ତ ଗୁରୁତର ଇଲେକ୍ଟ୍ରିକାଲ୍ ଫ୍ଲାସ୍ ବର୍ଣ୍ଣ ପୀଡିତ ରୋଗୀଙ୍କ ସଫଳ ଚିକିତ୍ସାରେ ପ୍ରଶଂସନୀୟ ସେବାଦାନ ପାଇଁ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଆଇଜିଏଚ୍ ସମ୍ମେଳନ କକ୍ଷଠାରେ ମଇ ୧୦ ତାରିଖରେ ଆୟୋଜିତ ଏକ ଉତ୍ସବରେ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି କେ ହୋତା, ସମସ୍ତ ସିଏମଓ, ଅନ୍ୟ ବରିଷ୍ଠ ଡାକ୍ତର, ଆଇଜିଏଚ୍‌ର ନର୍ସ ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ । କର୍ମିକ ବିଭାଗର ଜିଏମ ଜି ଆର ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶ୍ରୀ ଭୌମିକ ଚିକିତ୍ସା ଦଳଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ସମର୍ପିତ ପ୍ରତିବଦ୍ଧ ସେବାଭାବର ଉଚ୍ଚ ପ୍ରଶଂସା କରିଥିଲେ । ସେ ଅନ୍ୟମାନଙ୍କୁ ମଧ ଅନୁରୂପ ସେବାଭାବ ପ୍ରଦର୍ଶନ କରିବା ପାଇଁ ଅନୁପ୍ରେରିତ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ, ପାୱାର ଡିଷ୍ଟ୍ରିବ୍ୟୁସନ ବିଭାଗରେ ନିୟୋଜିତ ମେଷର୍ସ ସିମେନ୍ସର ୩୩ ବର୍ଷୀୟ ଶ୍ରୀ ଉମେଶ ମହାତୋ ଗତ ଡିସେମ୍ବର ୧ ତାରିଖରେ ଏକ ଇଲେକ୍ଟ୍ରିକାଲ୍ ଫ୍ଲାସ୍ ବର୍ଣ୍ଣରେ ମୁହଁ, ବେକ, ଛାତି, ପେଟ, ପେରିନିୟମ ଏବଂ ଗୋଡର ନିମ୍ନଅଂଶରେ ଜଳାପୋଡା ଜନିତ ଆଘାତପ୍ରାପ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ବର୍ଣ୍ଣ କେସ୍ ଅନୁଯାୟୀ ମୃତ ଚର୍ମର କ୍ରମିକ ଏକ୍ସାଇଜନ୍ କରାଯାଇଥିଲା ଏବଂ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ଏହି କ୍ଷତ ସୁସ୍ଥ ହେବା ପରେ ଡେପୁଟି ସିଏମଓ ଡାକ୍ତର ମନୋରଂଜନ ସାମନ୍ତରାୟଙ୍କ ନେତୃତ୍ୱରେ ନିଶ୍ଚେତକ ଦଳଙ୍କ ସହଯୋଗରେ ବରିଷ୍ଠ ପରାମର୍ଶଦାତା ଡାକ୍ତର ଗିରିଜା ଶଙ୍କର ସାହୁ ଏବଂ ଆସିଷ୍ଟାଣ୍ଟ ସିଏମଓ ଡାକ୍ତର ସୀମା ଲାକ୍ରା ଅପ୍ରେଲ ମାସରେ ରୋଗୀଙ୍କ ମୁଖ ଓ ଶରୀର ଟିସୁ ବିକୃତିଗୁଡିକୁ ସଠିକ ପୁନଃନିର୍ମାଣ କରିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀରେ ସ୍ପ୍ଲିଟ୍ ଥିକନେସ ସ୍କିନ୍ ଗ୍ରାଫ୍ଟିଙ୍ଗ୍ କରିଥିଲେ । ନର୍ସିଙ୍ଗ ସେବା ଯୋଗାଇଦେଇଥିବା ସିଷ୍ଟରମାନଙ୍କ ମଧରେ ଜାସିଣ୍ଟା ଏକ୍କା, ସିଷ୍ଟର ପ୍ରଜ୍ଞା ମହାନ୍ତି ଏବଂ ସିଷ୍ଟର ତିଲୋତ୍ତମା ମହାନ୍ତି । ଶଲ୍ୟଚିକିତ୍ସା ପରବର୍ତ୍ତୀ ସନ୍ତୋଷଜନକ ରିପୋର୍ଟ ମିଳିବା ପରେ ରୋଗୀଙ୍କୁ ମଇ ୮ ତାରିଖରେ ଡିସଚାର୍ଜ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ବର୍ଣ୍ଣ ଚିକିତ୍ସା, ପ୍ଲାଷ୍ଟିକ୍ ସର୍ଜରୀ, ସ୍କିନ ଗ୍ରାଫଟିଙ୍ଗ ମାମଲାରେ ଆଇଜିଏଚ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଯାହା ନିକଟସ୍ଥ ଡାକ୍ତରଖାନା ଏବଂ ଏପରିକି ପଡୋଶୀ ରାଜ୍ୟର ଡାକ୍ତରଖାନାଙ୍କ ଦ୍ୱାରା ପଠାଯାଇଥିବା ଅନେକ ଜଟିଳ ମାମଲାରେ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇଦେଉଛି ।

## ଜବରଦଖଲ ଉଚ୍ଛେଦ କଲା ପୌର ପ୍ରଶାସନ

ଜୟପୁର, (ହି.ସ) - ଜୟପୁର ପୌର ପ୍ରଶାସନ ତରଫରୁ ଜବର ଦଖଲ ଉଚ୍ଛେଦ ହୋଇଛି । ଲକ୍ଷ୍ମୀ ପଣ୍ଡା ଛକ ଠାରୁ ଟ୍ରାଫିକ ଛକ ଯାଏ ଜାତୀୟ ରାଜପଥ ରାସ୍ତା କଡ ଡ୍ରେନ ଉପରେ ଜବର ଦଖଲ କରି ବ୍ୟବସାୟ କରୁଥିଲେ । ସେହି ସବୁ ଜବର ଦଖଲକୁ ଉଚ୍ଛେଦ କରାଯାଇଛି । ଏହା ସହ ମୁଖ୍ୟ ରାସ୍ତାର ଜଗତ ଜନନୀ ଛକ ଯାଏ ମଧ ଉଭୟ ପଟେ ଦୋକାନୀମାନେ ଜବର ଦଖଲ କରି ବ୍ୟବସାୟ କରୁଥିବାରୁ ଉଚ୍ଛେଦ କରାଯାଇଛି । ଏନେଇ ଉଚ୍ଛେଦ କରିବା ପାଇଁ ଆଗରୁ ପୌର ପ୍ରଶାସନ ତରଫରୁ ଡାକ ବାଜୀ ଯନ୍ତ୍ର ଦ୍ୱାରା ବ୍ୟବସାୟୀଙ୍କୁ ସଚେତନ ମଧ କରାଯାଇଥିଲା । ବ୍ୟବସାୟ କରିବା ଦ୍ୱାରା ରାସ୍ତା ଜାମ ହେବା ସହ ଟ୍ରାଫିକ ସମସ୍ୟା ଦେଖାଯାଉଥିଲା । ଏହାକୁ ଗୁରୁତ୍ୱ ନେଇ ପୌର ପ୍ରଶାସନ ତରଫରୁ ୨ଟି ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଛି । ଏହି ଜବର ଦଖଲ ଉଚ୍ଛେଦ ସମୟରେ ଜୟପୁର ପୌର କାର୍ଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ଜମାଦାର ପି ଜଗଦିଶ, ପୌର କର୍ମଚାରି, ଟାଉନ ପୋଲିସ ଉପସ୍ଥିତ ଥିଲେ । ଆଗାମୀ ୨ ଦିନ ପରେ ମଧ ଜବର ଦଖଲ ଉଚ୍ଛେଦ କରାଯିବ ବୋଲି ପୌର କାର୍ଯ୍ୟନିବାହୀ ଅଧିକାରିପଟ୍ଟନାୟକ ସୂଚନା ଦେଇଛନ୍ତି ।

## ସୌଦାମିନୀ ହତ୍ୟା ଘଟଣାର ପ୍ରଶାସନର ବିଫଳତାକୁ ନେଇ ରିଲେ ଅନଶନ ୧୭ ଦିନରେ ପହଁଚିଲା



ପାରଳାଖେମୁଣ୍ଡି,(ପିପିଏସ୍): ନବୋଦୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀର ହତ୍ୟା ଘଟଣା ପ୍ରତିବାଦରେ ଜିଲ୍ଲାପାଳଙ୍କ ଅଫିସ ସମୁଖରେ ଚାଲୁ ରହିଥିବା ରିଲେ ଅନଶନ ଗୁରୁବାର ୧୭ ଦିନରେ ପହଞ୍ଚିଲା । ଗଜପତି ପ୍ରଶାସନ ଓ ପୋଲିସ ସମ୍ପୃକ୍ତ ଘଟଣା ନେଇ କୌଣସି ପଦକ୍ଷେପ ଗ୍ରହଣ ନ କରିବା ପ୍ରତିବାଦରେ ଆଗାମୀ ୧୭ ତାରିଖରେ ପାରଳାଖେମୁଣ୍ଡିଠାରେ ବନ୍ଦ ପାଳନ କରାଯିବ ସ୍ଥିର ହୋଇଥିବା ସୂଚନା ମିଳିଛି । ପାରଳାଖେମୁଣ୍ଡି ନବଦୋୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ସୌଦାମିନୀକୁ ହତ୍ୟା କରି ସୁପରୀକଳ୍ପିତ ଭାବେ ଫାଶୀ ହୋଇ ଆତ୍ମହତ୍ୟା କରିଥିବା ଗତ ଫେବୃଆରି ୧୯ ତାରିଖରେ ଦର୍ଶାଯାଇଥିଲା । ଯାହାକୁ ପରିବାରବର୍ଗ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ଦର୍ଶାଇ ପାରଳା ଥାନାରେ ଲିଖିତ ଅଭିଯୋଗ କରି ଏଥିରେ ସଂପୃକ୍ତ ଦୋଷୀଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ରଖିଥିଲେ । ଦୀର୍ଘ ଦିନ ପରେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପ୍ରତିବାଦରେ ସୌଦାମିନୀଙ୍କ ମାତା ସୁଜ୍ଞାନୀ ଗମାଙ୍ଗ କିଛି ପରିବାର ବର୍ଗ ଏବଂ ପାରଳାଖେମୁଣ୍ଡିର ସିପିଆଇଏମ ଦଳର ସହଯୋଗରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ରିଲେ ଅନଶନ ଗତ ୨୫ ତାରିଖ ଦିନ ଆରମ୍ଭ କରିଥିଲେ । ଏହି ରିଲେ ଅନଶନ ଆଜି ୧୭ ଦିନରେ ପହଂଚିଲା. ରିଲେ ଅନଶନ ଧାରଣାରେ ସୁଜ୍ଞାନୀ ଗମାଙ୍ଗ, ଦଣ୍ଡପାଣି ରଇତ, ଡି. ଭେଙ୍କେଟ ରାଓ, ଭି. ଜେମ୍ସ, ମୋହିତ ମିଶାଲ, ଏମୁ ବାଙ୍ଗାରି, ଗୋକୁଳ ଦଳ ବେହେରା, ସୁନାମ ମଣ୍ଡଳ, କେ ବାଲକ୍ରିଷ୍ଣା ପ୍ରମୁଖ ଧାରଣା ଦେଇ ପ୍ରବଳ ଅସନ୍ତୋଷ ବ୍ୟକ୍ତ କରି ଗଜପତି ପ୍ରଶାସନ ଓ ପୋଲିସକୁ କଟୁ ସମାଲୋଚନା କରିଛନ୍ତି ।

## ଏମ୍‌ଏସ୍‌ପି ପ୍ଲାଣ୍ଟରେ ବେଲ୍ଟରେ କଟି ଶ୍ରମିକ ମୃତ

ଝାରସୁଗୁଡା(ହି.ସ) : ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ମରକୁଟାସ୍ଥିତ ଏମଏସପି ପ୍ଲାଣ୍ଟରେ ପୁଣି ଏକ ଅଘଟଣ ଘଟିଛି । ଏଠାରେ କଳଙ୍କି ସଫା କରିବା ବେଳେ ବେଲ୍ଟରେ କଟିଯିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ପର୍ଶ୍ଚିମବଙ୍ଗର ଦୁର୍ଯ୍ୟୋଧନ ବେଉରା(୩୫) । ସୂଚନା ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଥିବା ବେଳେ ବ୍ୟବଛେଦ ପାଇଁ ପଠାଇଛି ।

## ରେଳ ଉପଭୋକ୍ତା ସଂଘ ପକ୍ଷରୁ ସାଂସଦଙ୍କୁ କୃତଜ୍ଞତା

ବଲାଙ୍ଗିର, (ହି.ସ): ବଲାଙ୍ଗିର ରେଳ ଉପଭୋକ୍ତା ସଂଘ ବିଭିନ୍ନ ସମୟରେ ବିଭିନ୍ନ ସମସ୍ୟାକୁ ନେଇ ଲୋକ ଲୋଚନକୁ ଆଣି ଜିଲ୍ଲାର ପ୍ରତିନିଧି ଏବଂ ରେଳ ବିଭାଗର ଉପରିସ୍ତ କର୍ମଗ୍ଦରୀଙ୍କୁ ଜଣାଇ ଆସିଛନ୍ତି । ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଏହି ଦାବିଗୁଡିକୁ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ଚିଠି ମାଧ୍ୟମରେ ବଲାଙ୍ଗିରବାସୀଙ୍କ ଦୁଃଖ ଜଣାଇଥିବାରୁ ସଂଘ ତରଫରୁ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ଦିବାକର ହୋତା, ଅଶୋକ ଗ୍ଦନ୍ଦ, ନାରାୟଣ ପାଢି, ପ୍ରଭାକର ମିଶ୍ର, ଧର୍ମବ୍ରତ ରଥ ପ୍ରମୁଖ ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଦାବି ମାନଙ୍କ ମଧ୍ୟରେ ମୁଖ୍ୟତଃ ଦିଲ୍ଲୀ-ପ୍ରୟାଗରାଜ କୁ ସିଧାସଳଖ ଟ୍ରେନର ବ୍ୟବସ୍ଥା, ଭୁବନେଶ୍ୱର କୁ ଗୋଟିଏ ଦିନରେ ଫେରି ଆସିବା ବ୍ୟବସ୍ଥା, ବଲାଙ୍ଗିର ଖୋର୍ଦ୍ଧା ରେଳପଥର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବଲାଙ୍ଗିର ଷ୍ଟେସନକୁ ଗ୍ରେଡ ଏ ମାନ୍ୟତା ଦେବା, ରେଳ ବଗି ଧୋଇବା ବ୍ୟବସ୍ଥା, ଖରାକୁ ଦେଖି ଯାତ୍ରୀଙ୍କ ଉପରେ ଶିତଳ ଜଳ ସିଞ୍ଚନ ଓ ପ୍ରାଥମିକତା ଭାବରେ ବୟସ୍କ ଓ ରୋଗୀମାନଙ୍କ ପାଇଁ ଦୁଇଟି ଲିଫ୍ଟ ର ବ୍ୟବସ୍ଥା ସହ ଅନ୍ୟ ଏକ ପାଦଚଲାପଥ ନିର୍ମାଣ, ୨ ଏବଂ ୩ ନଂ. ପ୍ଲାଟଫର୍ମରେ ପିଇବା ପାଣିର ବ୍ୟବସ୍ଥା କରିବା ପାଇଁ ଏଥିରେ ଉଲ୍ଲେଖ ଅଛି ।

## ବଲାଙ୍ଗୀର ଜିଲ୍ଲା ଆଗଲପୁରରୁ ବସ୍ ଗଡ଼ିବ

ବଲାଙ୍ଗୀର, (ହି.ସ.): ବଲାଙ୍ଗୀର ଜିଲ୍ଲା ସଦର ମହକୁମା ଠାରୁ ପ୍ରାୟ ୫୦ କି.ମି. ଦୂରତାରେ ଆଗଲପୁର ଅବସ୍ଥିତ । ଦେଶ ସାଧୀନତା ହେବା ଠାରୁ ଗୋଟାଏ ଅନୁନ୍ନତ ବ୍ଲକ୍ ଭାବରେ ପରିଚିତ ରହି ଆସୁଥିଲା । ଜିଲ୍ଲାର ଲୋକଙ୍କ ପାଇଁ ଗୋଟାଏ ଢଗ ହୋଇ ରହିଥିଲା "ଯଦି ଯିବୁ ଆଗଲପୁର ଥରିଥିବୁ ଚୁଡ଼ା ଗୁଡ଼" । କିନ୍ତୁ ତାହା ଏବେ ଭୁଲ୍ ପ୍ରମାଣିତ ହୋଇ ସାରିଲାଣି । ରାଜ୍ୟରେ ସରକାର ବଦଳିଲା । ବିଜେଡି ସରକାର ଆସୁ ଆସୁ ବହୁ ଦିନରୁ ଏଠିକାର ଲୋକଙ୍କ ପାଇଁ ଏକ ସପ୍ନ ସାକାର ହେଲା । ମୁଖ୍ୟମନ୍ତ୍ରୀ ନବୀନ ବାବୁ ଏକ ନିର୍ବାଚନୀ ସଭାକୁ ଆସିଥିବା ସମୟରେ ଅଙ୍ଗ ନଦୀ ଉପରେ ଏକ ବିରାଟ ପୋଲ ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଲେ । ସେହି ପୋଲ ନିର୍ମାଣରେ ଅବଶ୍ୟ ସ୍ଥାନୀୟ ତତ୍କାଳୀନ ସରପଂଚ ଓ ଯୁବ ଇଂଜିନିୟର୍ସ ଶ୍ରୀ ନାୟକ ବାବୁଙ୍କ ପ୍ରଚେଷ୍ଟା ମଧ ରହିଛି । ପୋଲ ନିର୍ମାଣ ହେବା ପରେ ଆସ୍ତେ ଆସ୍ତେ ଆଗଲପୁର ବିକାଶ ହେବାରେ ଲାଗିଲା । ପରବର୍ତୀ ସମୟରେ ଭରସୁଜା ଦେଇ ଯାଇଥିବା ଆଗଲପୁର ରାସ୍ତା ଉପରେ ପୁଣି ଅଙ୍ଗ ନଦୀ ଉପରେ ଏକ ବିରାଟ ପୋଲ ନିର୍ମାଣ ହେଲା । ଏଇ କିଛିମାସ ହେବ ସେହି ପୋଲ ଉଦ୍‌ଘାଟନ ହୋଇ ଲୋକେ ଯିବା ଆସିବା କରିବାର ସୁବିଧା ପାଇଲେ । ବଲାଙ୍ଗୀର ଠାରୁ ପଡ଼ୋଶୀ ରାଜ୍ୟ ରାୟପୁରକୁ ଅଳ୍ପ ରାସ୍ତା ହେଲା । ବାଣିଜ୍ୟ ଓ ପରିବହନ ପାଇଁ ଏକ ସୁଯୋଗ ସୃଷ୍ଟି ହେଲା । ଦୁଇଟି ବଡ଼ ପୋଲ ହିଁ ଆଗଲପୁର ବିକାଶ ପାଇଁ ବଡ଼ ସହଯୋଗ ରହିଲା । ବିଭିନ୍ନ ସମ୍ପ୍ରଦାୟ ଲୋକେ ଏଠି ବସବାସ କରୁଥିବା ଆଗଲପୁର ଏବେ ହୁ ହୁ ବଢ଼ିଚାଲିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଗମନାଗମନ ସୁବିଧା ପାଇଁ ଏକ ବସ୍‌ଷ୍ଟାଣ୍ଡ ଅନୁମୋଦିତ କରିଛନ୍ତି । ସେହି ବସ୍‌ଷ୍ଟାଣ୍ଡ କେବେ ଠାରୁ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇ ଆଗଲପୁର ଠାରୁ ବସ୍ ଗଡ଼ିବା ଆରମ୍ଭ ହୋଇଥାନ୍ତା କିନ୍ତୁ ବିଡ଼ମ୍ବନା ବିଷୟ ରାଜ୍ୟ ସଡ଼କ ପରିବହନ ନିଗମ ଅଧିକାରୀ ଓ ପୂର୍ବତନ ତହସିଲଦାରଙ୍କ ମଧ୍ୟରେ ଜାଗା ଚିହ୍ନଟରେ ଟଣାଓଟରା ହୋଇ ତାହା ପଡ଼ିରହିଲା । ଏବେ ନୂତନ ତହସିଲଦାର ଯୋଗଦେବା ପରେ ତହସିଲଦାର ମହୋଦୟା ସ୍ଥାନ ନିରୂପଣ କରି ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି । ରାଜ୍ୟ ସଡ଼କ ପରିବହନ ନିଗମ ଅଧିକାରୀ ଯଥାଶୀଘ୍ର ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବେ ଓ ଆଗଲପୁର ଠାରୁ ହିଁ ବିଭିନ୍ନ ଦିଗକୁ ବସ୍ ଗଡ଼ିବ ବୋଲି ଜଣାପଡ଼ିଛି । ଏବେ ଆଗଲପୁର ନୂତନ ତହସିଲଦାର ସରୋଜା ବେହେରାଙ୍କୁ ସବୁ ଦିଗରୁ ପ୍ରଶଂସାର ସୁଅ ଛୁଟୁଛି ।

## କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଜିଲାସ୍ତରୀୟ ସମୀକ୍ଷା ବୈଠକ

ଜୟପୁର, (ହି.ସ) - କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାଯ୍ୟାଳୟରେ ଜିଲାସ୍ତରୀୟ ସମିକ୍ଷା ବୈଠକ ଅନୁଷ୍ଟିତ ହୋଇଛି । ଏହି ସମିକ୍ଷା ବୈଠକରେ କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ରହି ସଭାପତିତ୍ୱ କରିଥିଲେ । ଏଥିରେ ବ୍ୟାଙ୍କର ବରିଷ୍ଠ ନିର୍ଦ୍ଦେଶକ ରମାକାନ୍ତ ରାଉଳ, ରାଜ୍ୟ ସମବାୟ ବ୍ୟାଙ୍କର ନିଦ୍ଦେଷକ ଜଗନ୍ନାଥ ନୁନ୍ଦୁକା, ଡିଆରସିଏସ ସିଏଚ ପ୍ରଭାନୀ ପ୍ରସାଦ, ଏଆରସିଏସ ଲକ୍ଷ୍ମୀ ଧର ରାଉତ, ବ୍ୟାଙ୍କର ସମ୍ପାଦକ କୃଷ୍ଣ ଚନ୍ଦ୍ର ଜାନି, ବରିଷ୍ଠ ଅଧିକାରି ହରି ହର ତ୍ରିପାଠି, ଅରୁଣ କୁମାର ସାହୁ. ଲ୍ୟାମ୍ପ ଓ ବ୍ୟାଙ୍କ ୟୁନିୟନର ସଭାପତି ଦିଗାମ୍ବର ନାୟକ ଉପସ୍ଥିତ ଥିଲେ । ଉକ୍ତ ସଭାରେ ସମବାୟ ଆନ୍ଦୋଳନକୁ ଜିଲାରେ ଅଧିକ କ୍ରିୟାଶିଳ କରି ଚାଷ ଓ ଚାଷୀର ଉନ୍ନତିରେ ସମବାୟ ସଂସ୍ଥାର ସହଭାଗିତା ସୁନିଶ୍ଚିତ କରିବା ପାଇ ତଥା ଓଡିଶା ରାଜ୍ୟ ସରକାରଙ୍କ କୃଷି ଓ କୃଷକର ଉନ୍ନତି ପାଇ ପ୍ରଣିତ ବିଭିନ୍ନ ଯୋଜନା ଗୁଡିକ କାଯ୍ୟକାରି କରିବା ପାଇଁ ଆଲୋଚନା କରାଯାଇଥିଲା । ଗତ ରବି ରୁତୁରେ ଶେଷ୍ଠ ପ୍ରଦର୍ଶନ କରିଥିବା ସେମିଳିଗୁଡା ବ୍ରାଂଚ ମ୍ୟାନେଜର ସୁରେନ୍ଦ୍ର ନାଥ ନାୟକ, ପଟ୍ଟାଙ୍ଗି ଲ୍ୟାମ୍ପ ପରିଚାଳନା ନିଦ୍ଦେଷକ ଦିଗାମ୍ବର ନାୟକ, ବୋରିଗୁମ୍ମା ବ୍ରାଂଚ ଇନଚାର୍ଜ ପି. ହର ପ୍ରସାଦ ରାଓ ତଥା ସମଗ୍ରୀକ ଶ୍ରେଷ୍ଟ ପ୍ରଦର୍ଶନ ପାଇ ବୋରିଗୁମ୍ମା ବ୍ରାଂଚ ମ୍ୟାନେଜର ମନୋଜ କୁମାର ଦାସଙ୍କ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ବୈଠକରେ କୋରାପୁଟ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କର ୨୦ଟି ଲ୍ୟାମ୍ପର ନବନବାଚିତ ସଭାପତି ଓ ପରିଚାଳନା ନିର୍ଦ୍ଦେଶକ, ସମସ୍ତ ଶାଖା ପରିଚାଳକ ଉପସ୍ଥିତ ଥିଲେ ।

## ବେଲପଡା ବ୍ଲକ ଏମ୍‌ଡିଏମ୍ ପାଚିକା ସଙ୍ଘ ପକ୍ଷରୁ ୧୬ଦଫା ଦାବିପତ୍ର

ବଲାଙ୍ଗୀର, (ହି.ସ.) : ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଏମ୍‌ଡିଏମ୍ ପାଚିକା ସଙ୍ଘ ପକ୍ଷରୁ ୧୬ ଗୋଟି ଦାବିନେଇ ବେଲପଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରଥମେ ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ସଙ୍ଘ ବଲାଙ୍ଗୀର ଜିଲ୍ଲା ସମ୍ପାଦିକା ଶ୍ରୀମତୀ ମାଧବୀ କଲତା ଓ ସଭାପତି ପାଣ୍ଡବ ଭୋଇଙ୍କ ନେତୃତ୍ୱରେ ଏକ ପଦଯାତ୍ରା କରାଯାଇଥିଲା । ଏହି ପଦଯାତ୍ରା ବେଲପଡ଼ା ତାରିଣୀ ମନ୍ଦିର ଠାରୁ ବେଲପଡ଼ା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲା । ବିଭିନ୍ନ ନାରାବାଜି ଦେବା ସହ ଶିକ୍ଷା ଅଧିକାରୀଙ୍କୁ ୧୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ବେଲପଡା ଅଂଚଳର ସମସ୍ତ ପାଚିକାମାନେ ସାମିଲ ହେବା ସହ ନିଜର ହକ ମାଗିଥିଲେ ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ
## ଜୈବ ବିବିଧତା ବଜାୟ ରହିଲେ ପରିବେଶ ସମୃଦ୍ଧି ଅତୁଟ ରହିବ



ଖପ୍ରାଖୋଲ,(ପିପିଏସ) ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଓଡିଶା ଜୈବବିବିଧତା ବୋର୍ଡ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଆରସିଡିସି ର ଆନୁକୂଲ୍ୟରେ ବୁଧବାର ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି । ଓଡିଶା ଜୈବବିବିଧତା ବୋର୍ଡର ଗବେଷକ ରିତେଶ ଶୁଭଙ୍କର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଦିବସରେ ମୁଖ୍ୟଅତିଥି ଭାବେ ହରିଶଙ୍କର ବନାଞ୍ଚଳ ଅଧିକାରୀ ଗିରଧାରୀ ନାଗ ଏବଂ ସମ୍ମାନିତ ଅତିଥି ଭାବେ ହରିଶଙ୍କର ବନପାଳ ସନ୍ଧ୍ୟାରାଣୀ ସେଠ୍, ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଜୟ କୁମାର ଭୋଇ ପ୍ରମୁଖ ଯୋଗଦେଇ ମୃତ୍ତିକା କ୍ଷୟ, ଜଳ, ପରିମଳ, ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତନ, ପ୍ରକୃତିକ ବିପର୍ଯ୍ୟୟ, ଜଙ୍ଗଲ କ୍ଷୟ ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ମଣିଷ ସମାଜ ପାଇଁ ସମଗ୍ର ଜୀବଜଗତ ବିପଦ ମଧକୁ ଟାଣି ହୋଇଆସୁଛି, ଜୈବବିବିଧତାର ସଂରକ୍ଷଣ ଓ ସୁରକ୍ଷା ବଳରେ ଆମେ ନିଜେ ହିଁ ଆମ ନିଜକୁ ବଞ୍ଚାଇବାକୁ ପଡ଼ିବ, ପରିବେଶକୁ ଆବର୍ଜନାମୁକ୍ତ କରିବାକୁ ପଡ଼ିବ, ଆମର ସ୍ୱାର୍ଥ ପାଇଁ ଜୈବବିବିଧତାର ସଂରକ୍ଷଣର ନିତାନ୍ତ ଆବଶ୍ୟକତା ରହିଛି ବୋଲି ହୃଦୟଙ୍ଗମ କରି ଏ ଦିଗରେ ସଂକଳ୍ପ ନେବାକୁ ପଡ଼ିବ ବୋଲି ହରିଶଙ୍କର ବନାଞ୍ଚଳ ଅଧିକାରୀ ଶ୍ରୀ ନାଗ ଆହ୍ୱାନ ଦେଇଛନ୍ତି କ୍ଷ ସେହିପରି ଜୈବବିବିଧତାକୁ ବଜାୟ ରଖିଲେ ପ୍ରାକୃତିକ ପରିବେଶର ସନ୍ତୁଳନ ରହିବ ନ ଚେତ ଆଗକୁ ପରିବେଶ ଉପରେ ବିପଦ ବଢ଼ି ଚାଲିବ । ଜୈବବିବିଧତା ବଜାୟ ରହିଲେ ଖାଦ୍ୟ ନିରାପତ୍ତା ଓ ପରିବେଶୀୟ ସମୃଦ୍ଧି ଅତୁଟ ରହିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍କୁଲ ର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ କ୍ଷ ଏନେଇ ଛାତ୍ରଛାତ୍ରୀ ମାନଙ୍କ ମଧରେ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା କ୍ଷ ପ୍ରବନ୍ଧ ପ୍ରତିଯୋଗିତାରେ ଜସ୍ମିନ ବାରିକ ପ୍ରଥମ ପୁରସ୍କାର ପାଇଥିବା ବେଳେ ଅସୀମ ସାହୁ ଦ୍ୱିତୀୟ ଏବଂ ପ୍ରିୟମ୍ବଦା ପଟେଲ ତୃତୀୟ ପୁରସ୍କାର ରେ ସମ୍ମାନିତ ହୋଇଥିଲେ କ୍ଷ ସେହିପରି ବକ୍ତୃତା ପ୍ରତିଯୋଗିତା ରେ ଦୀପାଞ୍ଜଳି ଜାଲ ପ୍ରଥମ ସ୍ଥାନ ଗ୍ରହଣ କରିଥିବା ବେଳେ ସ୍ୱାଗତିକା ଭୋଇ ଦ୍ୱିତୀୟ ଏବଂ ସୁବ୍ରତ ମଗର ତୃତୀୟ ସ୍ଥାନ ଗ୍ରହଣ କରି ସମ୍ମାନିତ ହୋଇଥିଲେ । ସେହିପରି ରେଙ୍ଗାଲି ହରିଶଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ନାନ୍ଦୁପଲା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ମଧ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳିତ ହୋଇଯାଇଛି ।

## କନ୍ଧମାଳ ଜିଲ୍ଲା ସମିତିସଭ୍ୟ/ସଭ୍ୟାଙ୍କ ବୈଠକ

କନ୍ଧମାଳ, (ହି.ସ.) : କନ୍ଧମାଳ ଜିଲ୍ଲା ସମିତିସଭ୍ୟ/ସଭ୍ୟା ବୈଠକ ଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି ସମିତିସଭ୍ୟ ବୈଦ୍ୟନାଥ ବେହେରାଙ୍କ ନେତୃତ୍ୱରେ ଫୁଲବାଣୀ ସ୍ଥିତ ଅମଲାପଡ଼ା ମା' ବ୍ରାହ୍ମଣୀ ଦେବୀ ମନ୍ଦିର ପ୍ରାଙ୍ଗଣ ରେ କନ୍ଧମାଳ ଜିଲ୍ଲା ସମିତିସଭ୍ୟ/ସଭ୍ୟାଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ପ୍ରଶାସନିକ କ୍ଷେତ୍ରରେ ସମିତିସଭ୍ୟମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ସେମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଥିବାରୁ ସମସ୍ତଙ୍କ ଅସନ୍ତୋଷ ପ୍ରକାଶ କରି ଏହି ସମିତିସଭ୍ୟ ପଦବୀ କାହା ସ୍ୱାର୍ଥ ରେ ବୋଲି ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିବାକୁ ଆଜିର ବୈଠକରେ ନିଷ୍ପତି ହୋଇଛି । ଜଣେ ସରପଂଚ ପଂଚାୟତରୁ ଯେମିତି ନିର୍ବାଚିତ ହୋଇ ଆସୁଛି ସେଭଳି ଜଣେ ସମିତିସଭ୍ୟ ମଧ ନିର୍ବାଚିତ ହୋଇ ଆସୁଛି । ହେଲେ ବ୍ଲକ ଅଧକ୍ଷ ପଦବୀ ନିର୍ବାଚନ ସେସହୋଇ ଗଲାପରେ ଆଉ ସମିତିସଭ୍ୟମାନଙ୍କୁ ସେମାନଙ୍କ ଆଧିକାରରୁ ସମ୍ପୂର୍ଣ୍ଣ ବଂଚିତ ରଖା ଯାଉଥିବା ଯୋଗୁଁ ଜିଲ୍ଲାରେ ସମିତିସଭ୍ୟମାନେ ଏକତା ସୃଷ୍ଟି କରି ନିଜର ଅଧିକାରକୁ ଜାହିର କରିବାକୁ ଏହି ବୈଠର ମୁଖ୍ୟ ଉଦେଶ୍ୟ ବୋଲି ସମିତି ସଭ୍ୟମାନେ ଗଣମାଧମ ଆଗରେ ପ୍ରକାଶ କରିଛନ୍ତି । ଅଗାମି ଦିନରେ ସମିତିସଭ୍ୟ/ସଭ୍ୟା ଏକତ୍ରିତ ହୋଇ ଏହାର ପ୍ରତିବାଦ କରିବେ ଓ ସରକାର ନଶୁଣିଲେ ଆନ୍ଦୋଳନକୁ ଓଲ୍‌ହାହିବେ ବୋଲି ଚେତାବନୀ ଦେଇଛନ୍ତି । ଆସନ୍ତା ୧୭ ତାରିଖରେ ଜିଲ୍ଲାର କ''ନୂଆଗାଁ ଠାରେ ସମସ୍ତଙ୍କୁ ନେଇ ପୁଣି ଏକ ବିରାଟ ବୈଠକ ବସିବାପାଇଁ ସ୍ଥିରୀକୃତ ହୋଇଛି । ଏଠାରେ ଯାହାସବୁ ନିଷ୍ପତି ହେବ ସେ ଅନୁସାରେ ଆଗକୁ କାର୍ଯ୍ୟକାରୀ କରାଯିବ ବୋଲି ଉପସ୍ଥିତ ସମିତିସଭ୍ୟ/ସଭ୍ୟାଙ୍କ ମତ ପ୍ରକାଶ କରିଛନ୍ତି ।





# ଦାଦନ ସମସ୍ୟାର ସମାଧାନ କେବେ ?

- ଫେଲ୍ ମାରିଛି ସରକାରଙ୍କ ସମସ୍ତ ଶ୍ରମିକ ଯୋଜନା
- ନିର୍ଯାତିତ ହେଲେ ମଧ ପେଟ ପାଇଁ ଦାଦନ ଖଟୁଛନ୍ତି ଶ୍ରମିକ
- ଜିଲ୍ଲାରେ ବଢ଼ିବାରେ ଲାଗିଛି ଶ୍ରମିକଙ୍କ ସଂଖ୍ୟା
- ସମସ୍ତ ଶ୍ରମିକ ସୁରକ୍ଷା ଆଇନ ବାଟ ମାରଣା



ରାୟଗଡ, (ପିପିଏସ୍): ଆମ ରାଜ୍ୟ ଓଡ଼ିଶାରେ ବିଗତ ଦୁଇ ଦଶନ୍ଧୀ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଦାଦନ ଖଟିବାକୁ ବହୁ ସଂଖ୍ୟକ ଶ୍ରମିକ ପଡୋଶୀ ରାଜ୍ୟ ମାନଙ୍କୁ ଯିବାର ଦେଖିବକୁ ମିଳିଛି । ସେହିଭଳି ଆମ ଜିଲ୍ଲା ରାୟଗଡ ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ହୋଇଥିବା ବେଳେ, ଏଠାକାର ନିରୀହ ଆଦିବାସୀମାନେ ବହୁଳ ସଂଖ୍ୟାରେ ଦାଦନ ଖଟିବା ପାଇଁ ଯାଇ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ସମସ୍ୟାରେ ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଜିଲ୍ଲାର କାଶିପୁର, ରାୟଗଡ, କଲ୍ୟାଣ ସିଂହପୁର, କୋଲନରା, ଗୁଣୁପୁର, ମୁନିଗୁଡ଼ା ଓ ବିଷମକଟକ ଭଳି ବିଭିନ୍ନ ବ୍ଲକ୍ ରୁ ପ୍ରତିବର୍ଷ ହଜାର ହଜାର ଶ୍ରମିକ ପଡୋଶୀ ରାଜ୍ୟ ମାନଙ୍କୁ ଯିବାର ନଜିର ରହିଛି କିନ୍ତୁ ଏହାର କୌଣସି ରେକର୍ଡ ସରକାରଂକ ଶ୍ରମ ବିଭାଗ ପାଖରେ ନାହିଁ । ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ସଦରରେ ଏମିତି ଏକ ଜ୍ୱଳ' ଉଦାହରଣ ଦେଖିବାକୁ ମିଳିଛି । ପାଖାପାଖି ପନ୍ଦର ପରିବାର ନିଜ ପିଲାଛୁଆଙ୍କ ଭବିଷ୍ୟତ ତଥା ରୋଜଗାର କରିବା ପାଇଁ ପଡୋଶୀ ରାଜ୍ୟକୁ ଦାଦନ ଖଟିବାକୁ ଯିବାର ଦେଖିବାକୁ ମିଳିଥିଲା । ଆଶ୍ଚର୍ଯ୍ୟର ବିଷୟ ହେଲା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘଜରଏଝ, ମନରେଗା ଭଳି ମାଳ ମାଳ ଯୋଜନା ଅଛି କିନ୍ତୁ ସେ ସବୁ ଆଜି ବାଟମାରଣା ହୋଇ ଯାଇଛି । ବିଭିନ୍ନ ଉନ୍ନୟନ ପ୍ରକଳ୍ପ ବିଭାଗ ମାନଙ୍କରେ ଦୁର୍ନୀତି ଗ୍ରସ୍ଥ ସରକାରୀ ବାବୁଙ୍କ ସହ ଜଡ଼ିତ ଅନେକ ଦଲାଲ ମାନେ ଏହି ନିରୀହ ଗରିବ ଶ୍ରେଣୀର ଖଟିଖିଆ ମଜୁରିଆଙ୍କ ନାମରେ ଏମିତି ଅନେକ ସରକାରୀ, ବେସରକାରୀ ବ୍ୟାଙ୍କ ଓ ପୋଷ୍ଟ ଅଫିସ ରେ ଶ୍ରମିକଙ୍କ ଅଜ୍ଞାତରେ ହଜାର ହଜାର ଜବକାର୍ଡ ଲିଙ୍କ ବ୍ୟାଙ୍କ ଖାତା ଖୋଲା ଯାଇ ସରକାରୀ ଯୋଜନାରୁ ଅର୍ଥ ହଡପ କରୁଥିବାର ଖବର ବର୍ତମାନ ଜିଲାରେ ହାଟରେ ପଡି ଦାଣ୍ଡରେ ଗଢିଲାଣି ଯାହାଫଳରେ ଆଜି ଏହି ଶ୍ରମିକଙ୍କ ବଞ୍ଚିବାର ବାଟ ବନ୍ଦ ହୋଇଯାଇଛି । ଏହି କର୍ମ ହୀନଭାବେ ଆଜି ସପରିବାର ସହ ଅନ୍ୟରାଜ୍ୟକୁ ଦାଦନ ପାଇଁ ଚୁଟିର୍ଛି ବୋଲି ପ୍ରକାଶ କରିର୍ଛି କ୍ଷମୁଖ୍ୟ ପ୍ରସଙ୍ଗ ହେଲା ଆଜକୁ ପାଖାପାଖି ଦୀର୍ଘ ଦୁଇରୁ ତିନି ଦଶନ୍ଧି ଧରି ଜିଲ୍ଲାରେ ଉତ୍କଳ ଆଲୁମିନା କାରଖାନା, ଜେ କେ ପେପର୍ ମିଲ, ଇା ଓ ଜିଲ୍ଲା ସୀମା'ରେ ବେଦା' ଭଳି କମ୍ପାନୀ ମାନ ଗଢି ଉଠିଛି । ଯେଉଁଠାରେ ଶହ ଶହ କୋଟି ଟଙ୍କାର ମେଗା ପ୍ରୋଜେକ୍ଟ କାର୍ଯ୍ୟ ଚାଲିଛି କିନ୍ତୁ ଶିକ୍ଷିତ ବେକାରୀ କେରଳ, ତାମିଲନାଡୁ, ଚେନ୍ନାଇ, ସୁରତ ଭଳି ଅନେକ ରାଜ୍ୟକୁ କାମଧନ୍ଦା ରେ ଦାଦନ ଖଟିବା ପାଇଁ ଯାଉର୍ଛି, ପୁଣି କେତେଯେ ଶ୍ରମିକ ଶବ ହୋଇ ଫେରିର୍ଛି । ଯେମିତି ଗତ ବର୍ଷ ଗୁଣୁପୁର ଅଞ୍ଚଳର ଶ୍ରମିକ ମାନେ ଦାଦନ ଖଟିବାକୁ ଆନ୍ଧ୍ର ପ୍ରଦେଶର ଏକ ଚିଙ୍ଗୁଡ଼ି କମ୍ପାନୀ ରେ ରହି କାମ କରୁଥିଲେ କିନ୍ତୁ ଦୁର୍ଭାଗ୍ୟବଶତଃ କୌଣସି କାରଣରୁ ସମସ୍ତେ ଏକ ଅଗ୍ନିକାଣ୍ଡରେ ଜିଅ'। ଜଳି ପୋଡ଼ି ପାଉଁଶ ହୋଇଯାଇଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନଜିରରେ କାଶୀପୁର ପ୍ରମୁଖ ! ଯେ ଏଠି ଖଣିଜ ସମ୍ପଦ ପରିପୂର୍ଣ୍ଣ ! ନିକଟ ଭବିଷ୍ୟତରେ ପୁଣି ଅନେକ ବଡ ବଡ ବକ୍ସାଇଟ କାରଖାନା ହେବାକୁଅଛି କିନ୍ତୁ ଆଜି ଏଠି ଲୋକେ ଦାଦନ ଶ୍ରମିକ ମାନେ କାଶୀପୁର ବ୍ଲକରେ ବଞ୍ଚିବାକୁ କେତେଯେ' ଅହରହ ସଂଘର୍ଷ କରି ମୁଠାଏ ଖାଦ୍ୟନପାଇ ଅନ୍ୟରାଜ୍ୟକୁ ଦାଦନ ଖଟିବାକୁ ବାଧ ହେଉର୍ଛି କ୍ଷସମଗ୍ର ରାଜ୍ୟରେ ଦକ୍ଷିଣ ଓଡିଶା ତଥା କେବିକେ ରେ ରାୟଗଡା, କଳାହାଣ୍ଡି, କୋରାପୁଟ ଓ ଗାମ ଜିଲ୍ଲାରୁ ଦାଦନ ଶ୍ରମିକଙ୍କ ସଂଖ୍ୟା ବଢୁଥିବାରୁ ଆଜି ସରକାରଙ୍କ ସମସ୍ତ ଉନୟନ ଯୋଜନା ଫେଲ ମାରିଛି କି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ବାଚୀ ସୃଷ୍ଟି ହେଇଛି । ରାଜ୍ୟ ସରକାର ଏହି ନିରୀହ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ଯୋଜନା ମାଧ୍ୟମରେ ଉତ୍ସାହିତ କରି ସଚେତନ କରିବା ନିହାତି ଆବଶ୍ୟକ, ନଚେତ୍ ଆଗାମୀ ଦିନରେ ଜିଲ୍ଲାରୁ ଆଉ କେତେ ଯେ ଶ୍ରମିକ ଏପରି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବେ ଏବଂ ସେଠାରେ ସେମାନେ ନିର୍ଯାତିତ ହୋଇ ଆସିବେ ତାହାର ହିସାବ କରିହେବ ନାହିଁ । ବିଗତ ବର୍ଷ ମାନଙ୍କରେ ତଥା କରୋନା ସମୟର ଶ୍ରମିକମାନେ ଶହ ଶହ କିଲୋମିଟର ରାସ୍ତା ଚାଲି ଚାଲି ଆସିଥିଲେ, ତେଣୁ ସରକାର ତଥା ଜିଲ୍ଲା ପ୍ରଶାସନ ବେଳ ଥାଉଁ ଥାଉଁ ଯଦି ସଠିକ୍ ସଚେତନ କରିପାରିବେ ତେବେ ଆଗାମୀ ଦିନରେ ଆମ ଶ୍ରମିକ ସୁରକ୍ଷିତ ହୋଇ ରହିପାରିବେ ।





# ପାନୀୟଜଳ ସମସ୍ୟା ନେଇ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ



ହରିଚନ୍ଦନପୁର (ହି.ସ): ହରିଚନ୍ଦନପୁର ବ୍ଲକ୍ ଶଗଡ଼ପଟା ଗ୍ରାମର ତେନ୍ତୁଳିପଶି ସାହିବାସୀ ପାନୀୟଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ସାହିରେ ୨୫ଟି ପରିବାର ବାସ କରୁଛନ୍ତି । ସାହିରେ ଥିବା ଏକମାତ୍ର ନଳକୂପ ବର୍ଷେ ହେଲା ଅଚଳ ହୋଇପଡ଼ିଛି । ନଳକୂପ ମରାମତି ପାଇଁ ପଞ୍ଚାୟତକୁ ଜଣାଇଲେ ମଧ କୌଣସି ପଦକ୍ଷେପ ନିଆଯାଉ ନଥିବା ସାହିବାସୀ ଅଭିଯୋଗ କରିଛନ୍ତି । ଖରାଦିନେ ସାହିବାସୀ ଭଗାମୁଣ୍ଡା ପଞ୍ଚାୟତ ନୂଆଗାଁର ଏକ କୂଅରୁ ପାଣି ଆଣୁଛନ୍ତି । ଏବେ ଜଳସ୍ତର ହ୍ରାସ ପାଇଥିବାରୁ କୂଅରୁ ଗୋଳିଆ ପାଣି ବାହାରୁଛି । ତଥାପି ଲୋକେ ସେହି ପାଣିକୁ ଛାଣି ପାନୀୟଜଳ ଭାବେ ବ୍ୟବହାର କରୁଛନ୍ତି । ଖରାଦିନେ ଜଳ ସଂକଟ ଥିବା ଅଞ୍ଚଳକୁ ପଞ୍ଚାୟତ ପକ୍ଷରୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଣ ବ୍ୟବସ୍ଥା କରିବା ପାଇଁ ନିୟମ ରହିଛି । କିନ୍ତୁ ପଞ୍ଚାୟତ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି । ଅନ୍ୟପଟେ ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ ସାପୁଆସାହିରେ ପାନୀୟଜଳ ସମସ୍ୟା ଦେଖାଦେଇଛି । ପାଣି ସମସ୍ୟାର ସମାଧାନ ପାଇଁ ଆଜି ସାହିର ମହିଳାମାନେ ଗରା, ବାଲଟି ଧରି ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଘରେ ପହଞ୍ଚି ଅଭିଯୋଗ କରିଛନ୍ତି । ରେଙ୍ଗାଲି କେନାଲ ପ୍ରକଳ୍ପ ପାଇଁ ଗ୍ରୀଷ୍ମଋତୁରେ ଜଳସ୍ତର ହ୍ରାସ ପାଇଛି । ଫଳରେ ସାପୁଆସାହିରେ ପାନୀୟଜଳ ସମସ୍ୟା ଦେଖାଦେଇଛି । ଏଥିପାଇଁ ଗ୍ରାମର ୱାର୍ଡମେମ୍ବର ରମେଶ ମୁଣ୍ଡା ରେଙ୍ଗାଲି ପ୍ରକଳ୍ପ ଅଧିକାରୀଙ୍କୁ ଏକ ଗଭୀର ନଳକୂପ ଖୋଳିବାକୁ ଲିଖିତ ଭାବେ ଜଣାଇଥିଲେ । ଅଧିକାରୀ ଯଥାଶୀଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏଯାଏ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଇ ନାହିଁ । ଆଦିବାସୀ ବହୁଳ ସାପୁଆସାହିରେ ଥିବା ନଳକୂପରୁ ବାହାରୁଥିବା ପାଣି ପିଇବା ଯୋଗ୍ୟ ନୁହେଁ । ତେଣୁ ସାହିବାସୀ ଏକମାତ୍ର କୂଅରୁ ପାଣି ସଂଗ୍ରହ କରୁଛନ୍ତି । କୂଅର ଜଳସ୍ତର କମ୍ ଥିବାରୁ ଭୋର ୩ଟାରୁ ଲୋକେ ପାଣି ନେବା ପାଇଁ ଭିଡ଼ ଜମାଇଥାନ୍ତି । ସାହିରେ ପାନୀୟଜଳ ସମସ୍ୟାର ସମାଧାନ ପାଇଁ ଆଜି ମହିଳାମାନେ ଗରା, ବାଲଟି ଧରି ବିଧାୟକଙ୍କ ଘରେ ହାଜର ହୋଇଥିଲେ । ବିଧାୟକ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇଥିବାରୁ ସମସ୍ୟା ସମ୍ପର୍କରେ ତାଙ୍କ ପୁଅ ଦେବାଶିଷ ପାତ୍ରଙ୍କୁ ଜଣାଇଛନ୍ତି । ଗ୍ରାମକୁ ଟ୍ୟାଙ୍କର ଯୋଗେ ପାଣି ସକାଳ ଓ ସନ୍ଧ୍ୟାରେ ଯୋଗାଇ ଦିଆଯିବ ବୋଲି ଶ୍ରୀ ପାତ୍ର ମହିଳାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।



# ପଛୁଆବର୍ଗର ଗଣନା କାର୍ଯ୍ୟ ଅନୁଧ୍ୟାନ କଲେ ରାଜ୍ୟ ପର୍ଯ୍ୟବେକ୍ଷକ
## ସଠିକ୍ ଓ ନିର୍ଭୁଲ ଭାବେ ଫର୍ମ ପୂରଣ କରିବାକୁ ଦେଲେ ପରାମର୍ଶ



ରାୟଗଡ଼ା (ପିପିଏସ୍): ରାୟଗଡ଼ା ଜିଲ୍ଲାରେ ପଛୁଆ ବର୍ଗର ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସମ୍ପର୍କିତ ସର୍ଭେ ନିମନ୍ତେ କାର୍ଯ୍ୟକୁ ଅନୁଧ୍ୟାନ କରିଛନ୍ତି ରାଜ୍ୟ ସରକାରଙ୍କ ପର୍ଯ୍ୟବେକ୍ଷକ ବୀରେନ୍ଦ୍ର କରକରା । ଜିଲ୍ଲାର ସମସ୍ତ ବ୍ଲକ ଓ ପୌରାଞ୍ଚଳରେ ଏହି ସର୍ଭେ କାର୍ଯ୍ୟ ଅନୁଷ୍ଠିତ ହେଉଛି । ରାୟଗଡ଼ା ବ୍ଲକର, ପୌରପାଳିକା, କୋଲନରା ବ୍ଲକ, ରାମନାଗୁଡ଼ା ବ୍ଲକ, ଗୁଣପୁର ପୌରପାଳିକା ସର୍ବେ କାର୍ଯ୍ୟକୁ ଅନୁଧ୍ୟାନ କରିଛନ୍ତି । ପର୍ଯ୍ୟବେକ୍ଷକ ସହିତ ଅତିରିକ୍ତ ଜିଲ୍ଲାପାଳ ଧର୍ମାନନ୍ଦ ବେହେରା, ବିଡିଓ ଲକ୍ଷ୍ମୀନାରାୟଣ ସାବତ, ପୌର ନିର୍ବାହୀ ଅଧିକାରୀ ୟାଶୀର ବିଲାଲ ଅହମଦ, କୋଲାନାରା ବିଡ଼ିଓ ଗୌରଚନ୍ଦ୍ର ପଟ୍ଟନାୟକ, ରାୟଗଡ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଆଦି ସର୍ବେ କାର୍ଯ୍ୟ ଅନୁଧ୍ୟାନ କରିଥିଲେ । ରାଜ୍ୟ ସରକାରଙ୍କ ରାୟଗଡ଼ା ଜିଲ୍ଲା ପର୍ଯ୍ୟବେକ୍ଷକ ବିରେନ୍ଦ୍ର କରକରା ବୁଧବାର ରାୟଗଡ଼ା ସଦର ମହକୁମାରେ ପହଞ୍ଚି ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଓ ଅନ୍ୟ କର୍ମଚାରୀଙ୍କ ସହ ସର୍ଭେ ସମ୍ପର୍କିତ କାର୍ଯ୍ୟର ଅଗ୍ରଗତି ବିଷୟରେ ସମୀକ୍ଷା କରିଥିଲେ । ଏହା ପରେ କୋଲନରା, ରାମନାଗୁଡ଼ା, ରାୟଗଡ଼ା ଓ ଗୁଣୁପୁର ବ୍ଲକ୍ ଓ ପୌର ପରିଷଦ ସର୍ଭେ ସମ୍ପର୍କିତ କାର୍ଯ୍ୟ ବିଷୟରେ ତଦାରଖ କରିଥିଲେ । ଜିଲ୍ଲାରେ ଚଳିତ ମେ ଏକ ତାରିଖ ରୁ ଆରମ୍ଭ ହୋଇଥିବା ଗଣନା ଆସନ୍ତା ୨୭ ତାରିଖ ଦିନ ଶେଷ ହେବ । ପ୍ରତି ପରିବାରର ସମସ୍ତ ତଥ୍ୟ ନିର୍ଭୁଲ ଭାବେ ସଂଗ୍ରହ କରିବା ସହ ଯୋଗ୍ୟ ପରିବାର କିପରି ତାଲିକା ଭୁକ୍ତ ହୋଇ ପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଗଣନା ଆରମ୍ଭ ହୋଇଥିବା ଓ ପ୍ରତି ପରିବାର ସେମାନଙ୍କ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବା ପାଇଁ ଆବଶ୍ୟକ ସ୍ଥଳେ ସମ୍ପୃକ୍ତ କେନ୍ଦ୍ର ଅଧୀନରେ ଥିବା ଅଞ୍ଚଳରେ ସୋସିଏଲ ମିଡ଼ିଆ ମାଧ୍ୟମରେ ଅବଗତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଆଜିର ଏହି ଗସ୍ତ ସମୟରେ ରାୟଗଡ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା, ଗୁଣପୁର ଉପ ଜିଲ୍ଲାପାଳ ଲଳିତ କୁମାର କହଁର, ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକ ଗୁଣପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଡାକ୍ତର ସ୍ୱୟଂ ସମ୍ପୂର୍ଣ୍ଣା ରାଉତ, ରାୟଗଡ ଉପଖଣ୍ଡ ସାମାଜିକ କଲ୍ୟାଣ ଅଧିକାରୀ ଶ୍ରୀ ପାଣିଗ୍ରାହୀ, ଗୁଣପୁର ଉପଖଣ୍ଡ ସାମାଜିକ କଲ୍ୟାଣ ଅଧିକାରୀ ଏସ ସନ୍ତୋଷ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୟପୁର ଗ୍ରାମରେ ପିଇବା ପାଣିର ଘୋର ଅଭାବ
## ଦୂଷିତ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ଲୋକେ



ପାରଳାଖେମୁଣ୍ଡି,(ପିପିଏସ୍): ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରତ୍ୟେକ ଗ୍ରାମକୁ ସ୍ୱଚ୍ଛ ନିର୍ମଳ ପାନୀୟଜଳ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ମୋହନା ଅଞ୍ଚଳର ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ଥିବା ଅଭିଯୋଗ କରିଛନ୍ତି । ମୋହନା ବ୍ଲକ ଠାରୁ ମାତ୍ର ୨ କିମି ଦୂର ବିଜୟପୁର ଗ୍ରାମ ପାନୀୟ ଜଳ ଅଭାବରୁ ଦୀପ ତଳ ଅନ୍ଧାର । ଗ୍ରାମରେ ୧୫ ଘର ଥିବାବେଳେ ଲୋକ ସଂଖ୍ୟା ୮୦ରୁ ଊର୍ଦ୍ଧ୍ୱ । ଗ୍ରାମରେ ରହିଛି ୨ଟି ନଳକୂପ । ଗୋଟିଏ ଅଚଳ ହୋଇ ପଡି ରହିଥିବା ବେଳେ ଅନ୍ୟଟିରେ କଳଙ୍କିଯୁକ୍ତ ଦୂଷିତ ପାଣି ବାହାରୁଛି । ଗ୍ରାମରେ ରହିଥିବା ଏକ ପରିତ୍ୟକ୍ତ କୂଅରେ ପାଣି ନାହିଁ । ମାଟି ଦିଶୁଛି । ଗ୍ରାମବାସୀ ନିକଟସ୍ଥ ନଦୀର ଦୂଷିତ ଗୋଳିଆ ପାଣିକୁ ଭରସା କରି ସେହି ପାଣି ପିଇ ନାନାଦି ରୋଗରେ ଆକ୍ରାନ୍ତ ହେଉଛନ୍ତି । ନିକଟସ୍ଥ ପାହାଡ଼ରୁ ପାଇପ ବିଛାଇ ଟାଙ୍କି ନିର୍ମାଣ କରି ଗ୍ରାମକୁ ପାଣି ଆଣି ବ୍ୟବହାର କରୁଥିଲେ । କିନ୍ତୁ ଖରାଦିନେ ପାହାଡି ପାଣି ଶୁଷ୍କ ଓ ଏନେଇ ଗ୍ରାମବାସୀ ବାରମ୍ବାର ବିଡ଼ିଓ, ପାନୀୟଜଳ ଯୋଗାଣ ଯନ୍ତ୍ରୀ, ସରପଞ୍ଚଙ୍କୁ ଗୁହାରି କରି ଥକି ଗଲେଣି କିନ୍ତୁ ସେମାନଙ୍କ ଗୁହାରି କେହି ଶୁଣୁ ନାହାଁନ୍ତି । ଦୂଷିତ ପାଣି ପିଇ ଗ୍ରାମର ୩ ଜଣ ନମିତା ଶବର, ସୁମିତ୍ରା ଶବର ସୁବାଷ ଶବରଙ୍କ ପେଟରେ ଷ୍ଟୋନ ରୋଗରେ ଆକ୍ରାନ୍ତ ହୋଇ ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଡାକ୍ତରଙ୍କ ପରାମର୍ଶ କ୍ରମେ ନମିତା ଅପରେସନ୍ ହୋଇ ଆସି ଘରେ ରହି ଔଷଧ ସେବନ କରୁଥିବା ବେଳେ ସୁମିତ୍ରା ମଧ୍ୟ ବ୍ରହ୍ମପୁର ଯାଇ ଚିକିତ୍ସା ହେବା ପରେ ସେ ମଧ୍ୟ ଘରେ ରହି ଔଷଧ ସେବନ କରୁଥିବା କହିଛନ୍ତି । କିନ୍ତୁ ସୁବାଷଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନି । ଲୋକଙ୍କ ବାରମ୍ବାର ଅଭିଯୋଗ ପରେ ମଧ୍ୟ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ମୋହନା ବ୍ଲକ ପ୍ରଶାସନର ତତ୍ପରତା ନଥିବା କହିଛନ୍ତି ଗ୍ରାମର ଏଲିସାୟ ଶବର ।

# କଂଗ୍ରେସ ପକ୍ଷରୁ କୋରାପୁଟ ଜିଲା ବନ୍ଦ ପାଳନ, ସିପିଆଇ ଦେଲା ସମର୍ଥନ

ଜୟପୁର, (ହି.ସ.)- କୋରାପୁଟ ଜିଲାରେ ୧୨ ଘଂଟିଆ ବନ୍ଦ ପାଳନ କରିଥିଲା ଜିଲା କଂଗ୍ରେସ । ଜୟପୁର ମୁଖ୍ୟ ଟ୍ରାଫିକ ଛକ ଠାରେ ରାସ୍ତା ଅବରୋଧ କରାଯାଇଥିଲା । ଦୋକାନ, ବଜାର, ଚକ, ଅଖ, ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ରହିଛି । ଶହ ଶହ ଗାଡି ଅଟକି ରହିଥିଲା । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା, କୋରାପୁଟ ଜିଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଜ ଜିଲାରେ ନିଯୁକ୍ତି ସୁଯୋଗ ଦେବା, କୋରାପୁଟ ଜିଲାର ସିଟି, ବିଇଡି ଏବଂ ଡିଆଇଇଟି ତାଲିମ ପ୍ରାପ୍ତ ଯୁବକ ଯୁବତୀ ମାନଙ୍କୁ ଆଗ୍ରାଧିକାର ଭିତିରେ କୋରାପୁଟ ଜିଲାରେ ଶିକ୍ଷକ/ଶିକ୍ଷୟତ୍ରୀ ନିଯୁକ୍ତି ଦିଆଯାଉ, କୋରାପୁଟ ଜିଲାରେ ବିଭିନ୍ନ ବିଭାଗରେ ଖାଲି ପଡିଥିବା ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପଦବୀ ଗୁଡିକରେ ସ୍ଥାନୀୟ ନିଯୁକ୍ତି ଦିଆଯାଉ, ଏହି ଜିଲାର ତାଲିମ ପ୍ରାପ୍ତ ଏଏନଏମ ଏବଂ ବିଏସି ନର୍ସିଙ୍ଗ ପ୍ରାର୍ଥୀ ମାନଙ୍କୁ ଆଗ୍ରାଧିକାରି ଭିତିରେ ନିଯୁକ୍ତି ଦିଆଯାଉ, କୋରାପୁଟ ଠାରେ ଥିବା ବିଇଡି କଲେଜରେ ଦିର୍ଘ ତିନି ବର୍ଷ ହେଲା ବିଭିନ୍ନ ଅଧ୍ୟାପକ ପଦବୀ ଖାଲି ପଡିଛି ଏବଂ ପିଲାଙ୍କ ପ୍ରବେଶ ବନ୍ଦ ରହିଛି । ଫଳରେ ଜିଲାର ଛାତ୍ର ଛାତ୍ରୀ ମାନେ ତାଲିମ ପାଇଁ ଅନ୍ୟ ରାଜ୍ୟକୁ ଯାଇ ବିଭିନ୍ନ ଠକାମିର ଶୀକାର ହେଉଛନ୍ତି, ତେଣୁ ତୁରନ୍ତ ବନ୍ଦ ହୋଇ ରହିଥିବା ବିଇଡି କଲେଜକୁ ଶହେ ସିଟ ବିଶିଷ୍ଟ କରି ଖୋଲାଯାଉ, ଜୟପୁର ଠାରେ କେନ୍ଦ୍ରୀୟ ଡ୍ରାଇଭିଙ୍ଗ ତାଲିମ ଗବେଷଣା କେନ୍ଦ୍ର ପ୍ରତିଷ୍ଠା, ଜୟପୁର ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଆଦି ଦାବି କରାଯାଇ ଜିଲାକୁ ବନ୍ଦ କରାଯାଇଛି । ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି । ଆମ୍ବଗୁଡା, ଗାନ୍ଧି ଛକ ଠାରେ ମଧ୍ୟ ରାସ୍ତା ଅବରୋଧ କରାଯାଇଛି । ଏହି ବନ୍ଦ ପାଳନ ସମୟରେ ଜୟପୁର ଟ୍ରାଫିକ ଛକରେ ବିଧାୟକ ବାହିନିପତିଙ୍କ ସହ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ନିହାର ବିଶୋୟୀ, ଯୁବ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, କାନ୍ତ ପାଢୀ, ଶରତ ଚନ୍ଦ୍ର ବୁରୁଦା ସମେତ ଶତାଧିକ କଂଗ୍ରେସ କର୍ମି ଓ ନେତା ଉପସ୍ଥିତ ଥିଲେ । ଜିଲା ସଭାନେତ୍ରୀ ମିନାକ୍ଷୀ ବାହିନିପତିଙ୍କ ଆହ୍ୱାନରେ ଜିଲା ବନ୍ଦ କରାଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାର କୋରାପୁଟ ଜିଲାକୁ ଅବହେଳା କରୁଥିବା ଅଭିଯୋଗରେ ବନ୍ଦ ପାଳନ କରାଯାଉଥିବା ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି କହିଛନ୍ତି । ଏହି ବନ୍ଦ ଡାକରାକୁ ସିପିଆଇ କୋରାପୁଟ ଜିଲା ତରଫରୁ ସମର୍ଥନ ଦିଆଯାଇଛି । ଏନେଇ ସିପିଆଇ ତରଫରୁ ଟ୍ରାଫିକ ଛକରେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କଂଗ୍ରେସର ସମସ୍ତ ଦାବିକୁ ସମର୍ଥନ କରିବା ସହ ମହିଳା କୁସ୍ତି ଖେଳାଳିଙ୍କୁ ନ୍ୟାୟ, କୋଟିଆ ବିବାଦର ସମାଧାନ, କାଗଜ କଳ ସମସ୍ୟାର ସମାଧାନ ଆଦି ଦାବିରେ ସିପିଆଇର ବିକ୍ଷୋଭ କରିଛି । ଦଳିୟ ପତକା ଓ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ବିକ୍ଷୋଭରେ କୋରାପୁଟ ଜିଲା ସମ୍ପାଦକ ଯୁଧିଷ୍ଟିର ରାଉଳ, ପ୍ରମୋଦ ମହାନ୍ତି, ସତ୍ୟବ୍ରତ ନନ୍ଦ, ସୁଶାନ୍ତ ଅଧିକାରି, ରାମକୃଷ୍ଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଞ୍ଚଳରେ ଲେମନ୍‌ଗ୍ରାସ ଓ କାଜୁଚାଷ ନାମରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ଅଭିଯୋଗ

ମାଲକାନଗିରି, (ହି. ସ.)- ସ୍ୱାଭିମାନ ଅଂଚଳରେ ଲେମନଗ୍ରାସ ଓ କାଜୁ ଚାଷ ନାମରେ ଲକ୍ଷାଧିକ ଟଙ୍କାର କେଳେଙ୍କାରୀ । ଆଦିବାସୀଙ୍କ ଉନ୍ନତି ପାଇଁ କାମ କରୁଥିବା ଆଇଟିଡ଼ିଏ ସଂସ୍ଥା ନିରୀହ ଆଦିବାସୀଙ୍କୁ ସ୍ୱାବଲମ୍ବୀ ହେବାକୁ କହି ଠକିଥିବା ଅଭିଯୋଗ ହୋଇଛି । ୨୦୨୨-୨୩ରେ ମାଲକାନଗିରି ଜିଲ୍ଲାର ୩ଟି ପଂଚାୟତରେ ୨୦୦ ହେକ୍ଟରରୁ ଅଧିକ ଜମିରେ କାଜୁ ଓ ଲେମନଗ୍ରାସ ଚାଷ ପାଇଁ ନିର୍ଦ୍ଦେଶ ଦେଇଥିଲା ଆଇଟିଡିଏ । ହିତାଧିକାରୀଙ୍କୁ ନେଇ କରାଗଲା ଚାଷ । ୨୦୦ ହେକ୍ଟରରେ ନହୋଇ ସ୍ୱାଭିମାନ ଅଂଚଳର ପାପରମେଟଲା ପଂଚାୟତରେ ୩୫ ହେକ୍ଟର ଓ ଯୋଡ଼ାମ୍ବ ପଂଚାୟତରେ ୧୫ ହେକ୍ଟର ଜମିରେ ଲାଗିଲା କାଜୁ ଓ ଲେମନଗ୍ରାସ୍ ଚାରା । ଗ୍ରାମବାସୀମାନେ ଚାରା ରୋପଣ କଲେ । କିନ୍ତୁ, ସେମାନଙ୍କୁ ଆଜି ପର୍ଯ୍ୟନ୍ତ ଆଇଟିଡିଏ ପକ୍ଷରୁ ପାରିଶ୍ରମିକ ମିଳିନଥିବା ସେମାନେ ଅଭିଯୋଗ କରିଛନ୍ତି । ଚାଷୀମାନଙ୍କୁ ଅଧିକ ରୋଜଗାର ସହ ସ୍ୱାବଲମ୍ବୀ କରିବାର ଲୋଭ ଦେଖାଗଲା । ମନରେଗା ଯୋଜନାରେ ଆଇଟିଡିଏ ଏବଂ ଏହା ଅଧୀନରେ ଥିବା ଓଟିଏଲପି ସଂସ୍ଥା ମାଧ୍ୟମରେ ଚାଷ ହେଲା । ଚାଷୀମାନେ ନିଜ ପାରମ୍ପରିକ ଚାଷ ଛାଡ଼ି ଲେମନଗ୍ରାସ୍ ଓ କାଜୁ ଚାଷରେ ଲାଗିଲେ । ଫଳରେ ପାରମ୍ପରିକ ଚାଷ ତ ଗଲା, ଏପଟେ ଟଙ୍କାଟିଏ ବି ପାଇଲେନି । ଗ୍ରାମବାସୀଙ୍କୁ ଭୁଆଁ ବୁଲାଇ ଓଟି ଏଲପି ସଂସ୍ଥା ଚାଷ କରାଇଲା । କାହାକୁ ସାର ମିଳିଲା ତ କାହାକୁ ମିଳିଲାନି, ପୁଣି ଗଛର ସୁରକ୍ଷା ପାଇଁ କାହାକୁ ତାରବାଡ଼ ମିଳିଲା ତ କାହାକୁ ମିଳିଲାନି । ସେପଟେ କିନ୍ତୁ ଲେମନଗ୍ରାସ୍ ଓ କାଜୁ ଚାଷ ପାଇଁ ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କା ଆସିଥିବା ଜଣାପଡିଛି । କାଜୁ ଓ ଲେମନଗ୍ରାସ୍ ଚାଷ ପାଇଁ ମୋଟ କେତେ ଟଙ୍କା ଆସିଛି ଏବଂ କେତେ ଟଙ୍କା ବିଲ୍ ହୋଇଛି, ତାର ସ୍ପଷ୍ଟ ସୂଚନା ଆଇଟିଡିଏ କର୍ତ୍ତୃପକ୍ଷ ଦେଉନାହାନ୍ତି । ଏଠି ପ୍ରଶ୍ନ ଉଠୁଛି, ମନରେଗା ଯୋଜନାରେ ଆସିଥିବା ଟଙ୍କା ଗଲା କୁଆଡେ ? ଚାଷୀଙ୍କୁ ତ ପାରିଶ୍ରମିକ ଦିଆଯାଇନି, ସମସ୍ତଙ୍କୁ ସାର ଓ ତାର ବାଡ଼ ମଧ୍ୟ ଦିଆଯାଇନି । ତେଣୁ ଲକ୍ଷ ଲକ୍ଷ ଟଙ୍କା କେଉଁ ବାବଦରେ ଖର୍ଚ୍ଚ ହେଲା । ଏନେଇ ଆଇଟିଡିଏ ଅଧିକାରୀଙ୍କୁ ପଚାରିବାରୁ ଚାଷୀଙ୍କ ଟଙ୍କା ସ୍ଥଗିତ ରଖାଯାଇଥିବା ସେ କହିଛନ୍ତି ।

# ରାଉରକେଲା କ୍ଲବରେ ଅତ୍ୟାଧୁନିକ ବହୁମୁଖୀ ପ୍ରେକ୍ଷାଳୟ 'ସ୍ପେକ୍ଟ୍ରମ୍' ଉଦ୍‌ଘାଟିତ




ରାଉରକେଲା(ପିପିଏସ୍): ସାଂସ୍କୃତିକ କାର୍ଯ୍ୟଧାରାର ଉତ୍ସାହପ୍ରଦ କେନ୍ଦ୍ର ରାଉରକେଲା କ୍ଲବ୍ ପରିବର୍ତ୍ତିତ ସମୟ ଏବଂ ଆବଶ୍ୟକତା ସହ ତାଳ ଦେଇ ବହୁ ନୂତନ ସୁବିଧା ଉପଲବ୍ଧ କରାଉଛି । କ୍ଲବ ପରିସରରେ ଏହିପରି ଏକ ସୁବିଧା ଅତ୍ୟାଧୁନିକ ପ୍ରେକ୍ଷାଳୟ 'ସ୍ପେକ୍ଟ୍ରମ୍'କୁ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ଶତପଥୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି କେ ସାହୁ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଡାକ୍ତର ବି କେ ହୋତା, ଖଣି ବିଭାଗର ସିଜିଏମ ଇନଚାର୍ଜ, ପିକେ ରଥ, ବିତ୍ତ ଓ ଲେଖା ବିଭାଗର ସିଜିଏମ ଇନ୍‌ଚାର୍ଜ ଏ କେ ବେହୁରିଆ, କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀ, ରାଉରକେଲା କ୍ଲବ୍ ପରିଚାଳନା କମିଟି ସଦସ୍ୟ ଏବଂ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଉଲ୍ଲେଖଯୋଗ୍ୟ ଯେ, କ୍ଲବ୍ ର ପୁରୁଣା ମୁଖ୍ୟ ହଲ୍ କେନ୍ଦ୍ରୀୟ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା, ସୁନ୍ଦର ଆଲୋକୀକରଣ, ଏକୌଷ୍ଟିକ ବ୍ୟବସ୍ଥା ଏବଂ ଅତ୍ୟାଧୁନିକ ସାଉଣ୍ଡ ସହିତ ଏକ ଆକର୍ଷଣୀୟ ଅଡିଟୋରିୟମରେ ପରିଣତ ହୋଇଛି । ପ୍ରାୟ ୧୫୦ ଜଣଙ୍କର ବସିବା କ୍ଷମତା ସହିତ, ସ୍ପେକ୍ଟ୍ରମ୍ ଅଡିଟୋରିୟମ୍ ବର୍ତ୍ତମାନ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ଯଥା ସେମିନାର, ସମ୍ମିଳନୀ ଠାରୁ ଆରମ୍ଭ କରି ସଂଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଆୟୋଜନ କରିପାରିବ । ଏହି ନୂତନ ରୂପ ସହିତ, ଉକ୍ତ ଅଡିଟୋରିୟମ୍ ଇସ୍ପାତ ସହରର ଜୀବନ୍ତ ସାମାଜିକ ସାଂସ୍କୃତିକ ଗତିଧାରାକୁ ଅଧିକ ବଳିଷ୍ଠ ଗଢିବାରେ ସହଯୋଗ କରିବ । ଏହି ସଂପୂର୍ଣ୍ଣ କାର୍ଯ୍ୟର କାର୍ଯ୍ୟନିର୍ବାହୀ ଏଜେନ୍ସିର ଦାୟିତ୍ୱ ସହର ଇଞ୍ଜିନିୟରିଂ (ସିଭିଲ୍) ବିଭାଗ ନିର୍ବାହ କରିଥିଲା ।

# ଗଞ୍ଜେଇ ସହ ବୋଲେରୋ ପିକ୍‌ଅପ୍ ଜବତ

ବୌଦ୍ଧ(ହି.ସ) : କନ୍ଧମାଳ ଅବକାରୀ ବିଭାଗ ଚଢ଼ଉ କରି ୪୩୦ କେଜି ଗଞ୍ଜେଇ ଜବତ କରିଛି । ତେବେ ଗଞ୍ଜେଇ ମାଫିଆ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ଜଣାଯାଇଛି । ବିପୁଳ ପରିମାଣରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବିଭାଗକୁ ସୂଚନା ମିଳିଥିଲା । ଫଳରେ କନ୍ଧମାଳ ଅବକାରୀ ଥାନାଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ସଦଳବଳ ରାସ୍ତାରେ ଛକି ରହିଥିଲେ । ସଂପୃକ୍ତ ଗାଡ଼ିଟି ଆସୁଥିବା ବେଳେ ଚାଳକ ଦୂରରୁ ଅବକାରୀ ଦଳକୁ ଦେଖି ପାରିଥିଲା । ଚାଳକ ଗାଡ଼ିକୁ ଅଟକାଇ ଜଙ୍ଗଲ ମଧ୍ୟକୁ ଫେରାର ହୋଇ ଯାଇଥିଲା । ଗାଡ଼ି (ଓଆର-୧୫-କେ-୫୪୨୪)କୁ ଯାଞ୍ଚ କରାଯିବାରେ ଡାଲାରେ ଗଞ୍ଜେଇ ଭର୍ତ୍ତି ବସ୍ତା ଥିବା ଜଣାଯାଇଥିଲା । ଓଜନ ପରେ ତାହା ୪୩୦ କେଜି ହୋଇଥିଲା ।

# ଚ୍ୟାମ୍ବର ଅଫ୍ କମର୍ସର ସଂପାଦକଙ୍କ ଭାତୃ ବିୟୋଗ

ରାଉରକେଲା(ପିପିଏସ): ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ସଂପାଦକ ସୁନୀଲ କୟାଲଙ୍କ ବଡଭାଇ ରଞ୍ଜନ କୟାଲଙ୍କ ୭୨ବର୍ଷ ବୟସରେ ସିଭିଲଟାଉନସିପ ସବାସଭବନରେ ପରଲୋକ ହୋଇଯାଇଛି । ସ୍ୱର୍ଗତ କୟାଲ ୭୦ଦଶକରେ ରାଉରକେଲା ଆସିଥଲାବେଳେ ୧୯୭୫ ମସିହାରେ ଷ୍ଟିଲ କାରବାରରେ ଜଡିତ ଥିଲେ । ଏହାସହ ଚ୍ୟାମ୍ବର ଅଫ୍ କମର୍ସର ଆଜୀବନ ସଦସ୍ୟ, ଲାୟନ୍ସ କ୍ଲବ କଲୁଙ୍ଗା, ରାଜସ୍ଥାନ ପରିଷଦର ଆଜୀବନ ସଦସ୍ୟ ସହ ସହରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ନିଜର ଏକ ସତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କର ବିଧବା ପତ୍ନୀ, ଗୋଟିଏ ପୁଅ ଓ ଦୁଇ ଝିଅଙ୍କୁ ଛାଡିଯାଇଛନ୍ତି । ତାଙ୍କ ଭଳି ଜଣେ ବ୍ୟକ୍ତିଙ୍କୁ ହରାଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତ କୟାଲଙ୍କ ପରଲୋକ ଖବର ପାଇ ସହରର ବିଶିଷ୍ଟ ବ୍ୟକ୍ତିମାନେ ଶୋକ ପ୍ରକାଶ କରିବା ସହ ଶୋକଶନ୍ତପ୍ତ ପରିବାରକୁ ଆଶ୍ୱାସନା ପ୍ରଦାନ କରିଛନ୍ତି ।

# ସାମ୍ବାଦିକ ଭବନ ପରିଦର୍ଶନ କଲେ ପୌରାଧକ୍ଷା

ବଲାଙ୍ଗୀର, (ହି.ସ.) : ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ସାମ୍ବାଦିକ ଭବନ ପରିଦର୍ଶନ କରି ବିଭିନ୍ନ ଉନ୍ନୟନମୂଳକ କାମ କରାଯିବା ନେଇ ପ୍ରତିଶୃତି ଦେଇଛନ୍ତି । ସଂଘର ସଭାପତି ଶିବପ୍ରସାଦ ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ପୂର୍ବରୁ ପୌରାଧକ୍ଷାଙ୍କୁ ସାକ୍ଷାତ କରି ସମସ୍ୟା ଉପସ୍ଥାପନ କରିଥିଲେ । ପୌରାଧକ୍ଷା ଆଜି ସାମ୍ବାଦିକଭବନ ଗସ୍ତ କରି ଦରକାର ଥିବା ବିଭିନ୍ନ କାର୍ଯ୍ୟ ନିହାତି କରାଯିବ ବୋଲି କହିଛନ୍ତି । ପରିଦର୍ଶନ ସମୟରେ ସଂଘର ସଭାପତି ଶ୍ରୀ ପରିଡା, ସଂପାଦକ ଶିଶିରକାନ୍ତ ଶତପଥି ଓ ସଦସ୍ୟମାନେ ଉପସ୍ଥିତ ରହି ସଂଘର ଉନ୍ନୟନମୂଳକ କାମ କଣ ସବୁ ଦରକାର ସେ ନେଇ ବିଷଦ ଭାବରେ ଆଲୋଚନା କରିଥିଲେ । ସାମ୍ବାଦିକ ଭବନ ପଛ ପଟ ଖାଲି ସ୍ଥାନରେ ଏକ ଓପନ ଥିଏଟର ଏବଂ ସାମ୍ବାଦିକ ଭବନ କୋଠାର ଆବଶ୍ୟକୀୟ ମରାମତି କାମ ସବୁ କରାଯିବା ନେଇ ସଦସ୍ୟମାନେ ପୌରାଧକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଯାହା ସମ୍ଭବ ସବୁ କାମ କରାଯିବ ବୋଲି ପୌରାଧକ୍ଷା ଲିକା ସାହୁ କହିଥିଲେ । ଆଲୋଚନା ସମୟରେ ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗୋପବନ୍ଧୁ ଶତପଥି, ବଳରାମ ମିଶ୍ର, ବିଭୂକଲ୍ୟାଣ ଗଡତ୍ୟା, ଚନ୍ଦ୍ରଭାନୁ ମୌଲାନା, ଗୋପାଳ ପ୍ରଧାନ, ଦୀପକ ପୁରୋହିତ, ସୁନିଲ ମହାନ୍ତି, ପ୍ରଦୀପ୍ତ କୁମାର ମିଶ୍ର, ଶରତଚନ୍ଦ୍ର ମିଶ୍ର, ବିଶ୍ୱଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

# ପିପି ଏକାଡେମୀ ସ୍କୁଲରେ କରାଟେ ଓ ଟାଇକଣ୍ଡୋ ସମର କ୍ୟାମ୍ପ




ବଲାଙ୍ଗିର,(ହି.ସ): ଅସୀମ କରାଟେ ଏକାଡେମୀ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଉଦ୍ୟମରେ ପିପି ଏକାଡେମୀ ହାଇସ୍କୁଲ ପରିସରରେ ସମର କ୍ୟାମ୍ପର ଶୁଭାରମ୍ଭ ହୋଇଯାଇଛି । କୋଚ ଅସୀମ କୁମାର ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସମର କ୍ୟାମ୍ପରେ ମୁଖ୍ୟ ଅତିଥି ରୂପେ ଶାରିରୀକ ଶିକ୍ଷା ନିରୀକ୍ଷକ ଅନ୍ତର୍ଯ୍ୟାମି ବିଶ୍ୱାଲ ଯୋଗ ଦେଇ କରାଟେ ଓ ଟାଇକଣ୍ଡୋ ଖେଳ ସ୍କୁଲ ଗେମ୍ ରେ ମାନ୍ୟତା ପାଇବା ସଙ୍ଗେ ସଙ୍ଗେ ଏହାର ସାର୍ଟିଫିକେଟ ଶିକ୍ଷା ଓ ଋକିରି କ୍ଷେତ୍ରରେ ଅନେକ ଉପଯୋଗୀ ବୋଲି ପ୍ରକାଶ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ପ୍ରଫେସର ଶିବବ୍ରତ ବେହେରା ଯୋଗ ଦେଇ ଆଜି ଦିନରେ ନାରୀ ସମାଜ ପାଇଁ ଆତ୍ମ ରକ୍ଷା କୌଶଳ ଅତ୍ୟନ୍ତ ଜରୁରି ବୋଲି କହିଥିଲେ । ଏହି ସମର କ୍ୟାମ ଆସନ୍ତା ଜୁନ ୧୧ ତାରିଖ ପର୍ଯ୍ୟନ୍ତ ଋଲିବ । ଏହି ଅବସରରେ ଏ ଅନୁଷ୍ଠାନର ନିଜସ୍ୱ ଭିତ୍ତିଭୂମି ନ ଥିବାରୁ କୋଚ ଶ୍ରୀ ଭୋଇ ଦୁଃଖ ପ୍ରକାଶ କରିବା ସହ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଲେ ଏ ସଂଗଠନର ଛାତ୍ର ଛାତ୍ରୀମାନେ ଦେଖିଥିବା ସ୍ୱପ୍ନ ସାକାର ହୋଇ ପାରିବ ବୋଲି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମକୁ ଶ୍ରୀମନ୍ତ ଗଡତ୍ୟା, କରନ ନନ୍ଦ, ନରେନ୍ଦ୍ର ବରାଡ, ସୁଦାମା ବାରିକ, ସର୍ବେଶ୍ୱର ପୋଡ ଓ ଦେବାଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଜେପିଏଲ ପ୍ରିମିୟର ଲିଗ୍ ୨ର ଖେଳ ଉଦ୍‌ଘାଟିତ

ଜୟପୁର, (ହି.ସ) - ଜେପିଏଲ ଜୟପୁର ପ୍ରୀମୀୟର ଲିଗ ୨ର କ୍ରିକେଟ ଖେଳ ଉଦଘାଟିତ ହୋଇଛି । ଜୟପୁର ଦଶହରା ପଡିଆ ଠାରେ ଏସଡିପିଓ ହରିସ ବିସି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ଏହି ଖେଳକୁ ଓରିଅନ କ୍ରିକେଟ କ୍ଲବ ଆୟୋଜନ କରୁଥିବା ବେଳେ ଏସଆର ଏହି ଖେଳ ପ୍ରଯୋଜକ । ଜେପିଏଲର ସମ୍ପାଦକ ସିମାଂଚଳ ରାଉତ, ସଭାପତି ସୁବାସ ରାଉତ, ଟେକଲନିକାଲ ହେଡ ଅଶିତ ପଟ୍ଟନାୟକ, ମିଡିଆ ମ୍ୟାନେଜର କାର୍ତିକ ରାଉତ, ଗ୍ରାଉଣ୍ଡ ଏବଂ ଇଭେଂଟ ମ୍ୟାନେଜକ ବାପି ପରିଡା । ଯୁଗ୍ମ ସମ୍ପାଦକ ସଚିଦାନନ୍ଦ ପରିଡା, ବଳ ରାମ ପାଣିଗ୍ରାହୀ, ଅନୁପ ପାତ୍ର. ରବି ନାୟକ, ବାଲା ରାୟ, ବିକାଶ ପାତ୍ର ଉପସ୍ଥିତ ରହିଥିଲେ । ଅବିଭକ୍ତ କୋରାପୁଟ ଜିଲାରେ ଦ୍ୱିତୀୟ ଥର ପାଇଁ ଜୟପୁର ପ୍ରୀମିୟର ଲିଗ ଆୟୋଜିତ ହୋଇଛି । ଟ୍ୱେଂଟି ଟ୍ୱେଂଟି ଫରମାର୍ଟରେ ଏହି ଖେଳ ଅନୁଷ୍ଠିତ ହୋଇଛି । ୧୮ ଓ ୧୯ ତାରିଖରେ ସେମିଫାଇନାଲ ମ୍ୟାଚ ହେବ ଓ ଆସନ୍ତା ୨୦ ତାରିଖରେ ଫାଇନାଲ ମ୍ୟାଚ ହେବ । ଓରିୟନ କ୍ରିକେଟ କ୍ଲବ ପକ୍ଷରୁ ଏହି ଖେଳ ଆୟୋଜନ କରାଯାଇଛି । ଜେପିଏଲ ପାଇଁ ୭ଟି ଦଳ ଭାଗ ନେଇଥିଲେ । ଏହି ୭ଟି ଦଳ ଖେଳାଳିଙ୍କୁ ନିଲାମ କରାଯାଇଥିଲା । ଦୈନିକ ୨ଟି ମ୍ୟାଚ ଅନୁଷ୍ଠିତ ହେବ ।

# ବୌଦ୍ଧ ଜିଲ୍ଲାର ଜିଲ୍ଲା ପରିଷଦ, ଦିଶା ଏବଂ ଜିଲ୍ଲା ଯୋଜନା କମିଟି ବୈଠକ

ବୌଦ୍ଧ, (ହି.ସ.): ବୌଦ୍ଧ ଜିଲ୍ଲାପାଳଙ୍କ ସଦଭାବନା ସଭା ଗୃହ ରେ ବୌଦ୍ଧ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ପଂଚାୟତି ରାଜ ଓ ପାନୀୟ ଜଳ, ଜଙ୍ଗଲ ଓ ପରିବେଶ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, କନ୍ଧମାଳ ସାଂସଦ ଡଃ. ଅଚ୍ୟୁତାନନ୍ଦ ସାମନ୍ତ, କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ ଯୋଗ ଦେଇଥିଲେ । ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ସମସ୍ତ ପଂଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା, ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ହୋଇ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାଗୁଡିକର ଅଗ୍ରଗତୀ ଉପରେ ସମୀକ୍ଷା ରେ ଭାଗ ନେଇ ଥିଲେ । ଜିଲ୍ଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ଏହି ବୈଠକ ସହିତ କନ୍ଧମାଳ ସାଂସଦ ଡଃ. ସାମନ୍ତଙ୍କ ସଭାପତିତ୍ୱ ରେ ଜିଲ୍ଲା ଉନ୍ନୟନ ସମନ୍ୱୟ ପରିଚାଳନା କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ତପ୍ପରେ ମାନ୍ୟବର କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣାଙ୍କ ଅଧ୍ୟକ୍ଷତା ରେ ଜିଲ୍ଲା ଯୋଜନା କମିଟି ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲା କୃଷି ଅଧିକାରୀ ଜିଲ୍ଲାରେ କପା ଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବା ପ୍ରକାଶ କରିଥିଲେ । ଏଥିନିମନ୍ତେ ଆବଶ୍ୟକୀୟ ସାର କୀଟନାଶକ ଓ ରସାୟନ ଯୋଗାଇ ଦେବାକୁ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ କୃଷି ବିଭାଗ ଜିଲ୍ଲାରେ ହଳଦୀ ଓ ଅଦା ଚାଷ ପାଇଁ ଚଳିତ ବର୍ଷ ୧୦୦ ହେକ୍ଟର ଲକ୍ଷ୍ୟ ଥିବା କହିଥିଲେ । ଆମ୍ବ ଚାଷ ସହିତ ଏହି ଚାଷ କରାଯାଇ ପାରିବ । ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ୨୫୦ ମେଟ୍ରିକ ଟନ ବିଶିଷ୍ଟ ସୌର ଚାଳିତ ପନିପରିବା ସାଇତା ଘର ପ୍ରତି ବ୍ଲକ୍ ରେ ନିର୍ମାଣ କରାଯିବାର ଯୋଜନା ରହିଥିବା କହିଥିଲେ । ପି. ଡି. ୱାଟରସେଡ କଂଟାମାଳ ବ୍ଲକରେ ଚେକ ଡ୍ୟାମ ଓ ଫାର୍ମ ପଣ୍ଡ ରେ ଅନିୟମିତତା କରିଥିବା ଗୃହରେ ଅଭିଯୋଗ ଆସିଥିଲା । ଏଥି ନିମନ୍ତେ ଜିଲ୍ଲାପାଳ ନିଜେ ଅନୁଧ୍ୟାନ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ମତାମତ ପ୍ରକାଶ ପାଇଥିଲା । ୯ ଗୋଟି କମିଟି ମଧ୍ୟରୁ ୬ ଗୋଟି ଗଠିତ ହୋଇଛି । ଅନ୍ୟ ୩ ଗୋଟି ଯେପରି ଶୀଘ୍ର ଗଠିତ ହେବ ପଦକ୍ଷେପ ନେବାକୁ କୁହା ଯାଇଥିଲା । କାର୍ଯ୍ୟ ସରିଥିବା କ୍ଷେତ୍ରରେ ଏମ. ଆର. ଦ୍ୱାରା ୭ ଦିନ ଭିତରେ ତୁରନ୍ତ ପେମେଣ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କେଉଟିପାଲି ଆଦି ଗ୍ରାମରେ ପେମେଂଟ ହେଉ ନ ଥିବା ଅଭିଯୋଗ ଆସିଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ କରିଥିଲେ ଯେ ତିନି ପର୍ଯ୍ୟାୟ ରେ ଅଦ୍ୟାବଧି ଜିଲ୍ଲାରେ ୫୭ ଗୋଟି ଉଚ୍ଚ ବିଦ୍ୟାଳୟକୁ ୫ଟି ଅଧୀନରେ ହାତକୁ ନିଆ ଯାଇ ସାରିଛି । ଆଉ ୧୯ ଗୋଟି ମଧ୍ୟ ଖୁବ ଶୀଘ୍ର ହାତକୁ ନିଆଯିବ । ଆମିକସ କ୍ୟୁରୀଙ୍କ ଦ୍ୱାରା ଜିଲ୍ଲାର ୭ ଗୋଟି ବିଦ୍ୟାଳୟ ପରିଦର୍ଶନ କରଯାଇଥିଲା ଏବଂ ତାଙ୍କ ରିପୋର୍ଟ ଆଧାରରେ ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଗୁଡିକରେ ଗୁଣାତ୍ମକ ମାନ ବୃଦ୍ଧି ନିମନ୍ତେ ପଦକ୍ଷେପ ନିଆଯାଉଛି । ସର୍ବ ଶିକ୍ଷା ଅଭିଯାନରେ କେତେ ଟଙ୍କା ଆବଶ୍ୟକ ଆକଳନ କରି ପ୍ରସ୍ତାବ ଦେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ କ୍ଷେତ୍ରରେ ଧନୁଷ୍ଟଙ୍କାର ଆଦି ରୋଗ ମୂଳୋତ୍ପାଟନ ହେତୁ ଜିଲ୍ଲା ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଗୃହରେ ପ୍ରକାଶ କରିଥିଲେ । ନିର୍ବାହୀ ଯନ୍ତ୍ରୀ ଜଳସେଚନଙ୍କୁ ବାଘ ନଦୀ ଏବଂ ମହାନଦୀ କୂଳରେ ଆଡି ବନ୍ଧ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ମତ୍ସ୍ୟ ଅଧିକାରୀ ଜିଲ୍ଲାରେ ଚଳିତ ବର୍ଷ ୮୫ଲକ୍ଷ ମାଛ ଜାଆଁଳ ଯୋଗାଇ ଦେବାର ଲକ୍ଷ୍ୟ ଥିବା କହିଥିଲେ । ଏମ. ଆଇ. ପ୍ରକଳ୍ପ ଗୁଡିକରେ ମାଛ ଚାଷ ସହିତ ଚିଙ୍ଗୁଡି ଚାଷ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ତିନି ଗୋଟି ବ୍ଲକରେ ତିନିଗୋଟି ଆଦର୍ଶ ଅଙ୍ଗନ ବାଡି କେନ୍ଦ୍ର ନିର୍ମାଣ ନିମନ୍ତେ ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହିତାଧିକାରୀଙ୍କ ଖାତାକୁ ଯେପରି ଭତା ପଇସା ସୁରୁଖୁରୁରେ ଯାଇପାରିବ ବ୍ୟାଙ୍କ ଗୁଡିକ ସହିତ ନିୟମିତ ବୈଠକ କରି ସ୍ଥିର କରିବାକୁ କୁହାଯାଇଥିଲା । ମୃତ୍ୟୁ ଜନିତ ହରିଶଚନ୍ଦ୍ର ସହାୟତା ରାଶି ଯେପରି ତୁରନ୍ତ ପଇଠ ହୋଇପାରିବ ନିର୍ଦ୍ଦେଶ ଦିଆଗଲା । ନିର୍ବାହୀ ସଂସ୍ଥା ଗୁଡିକ ଦ୍ୱାରା ଯେପରି ସବୁ ପ୍ରକଳ୍ପ ରେ ସୂଚନା ଫଳକ ଲଗାଯାଇ ପାରିବ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କେତେକ ଅଂଚଳରେ ଗମନାଗମନ ଅସୁବିଧା ଥିବାରୁ ପଂଚାୟତି ରାଜ ବିଭାଗ ରାସ୍ତା ଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ନିମନ୍ତେ ପ୍ରସ୍ତାବ ଦେବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ମାର୍ଗଦର୍ଶୀ ଅନୁସାରେ ଗାର୍ଡ ୱାଲ ନିର୍ମାଣ କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଗଲା । ଯୋଗେନ୍ଦ୍ରପୁର, ଖଟଖଟିଆ, ବୀରନରସିଂହପୁର ଆଦି ଗ୍ରାମ ପଂଚାୟତରେ ନୂତନ ସେବା ସମବାୟ ସମିତି ଗଠନ ନିମନ୍ତେ ପ୍ରସ୍ତାବ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଟାଟା ପାୱାର ଦ୍ୱାରା ତେଲ ନଦୀ ଉପରେ ଟାୱାର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ କଂଟାମାଳ ଠାରେ ୧୩୨/୩୩ ଗ୍ରୀଡ ଷ୍ଟେସନ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା । ମନରେଗା ଯୋଜନାରେ ଅଧିକରୁ ଅଧିକ ପ୍ରକଳ୍ପ ସଂପୂର୍ଣ୍ଣ କରିବାକୁ ବୈଠକରେ ମତାମତ ପ୍ରକାଶ ପାଇଥିଲା । ଗ୍ରାମୀଣ ଆବାସ ଯୋଜନାରେ ଯେପରି ସ୍ଥାନ ପାଇ ନ ଥିବା ଯୋଗ୍ୟ ହିତାଧିକାରୀଙ୍କୁ ପଞ୍ଜୀକୃତ କରାଯାଇପାରିବ ସେଥି ନିମନ୍ତେ ସଦସ୍ୟ ସଦସ୍ୟାମାନେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ପୋର୍ଟାଲ କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ମତ ପ୍ରକାଶ ପାଇଥିଲା । ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ବୌଦ୍ଧ ଜିଲ୍ଲା ଉପରେ ଏକ ପ୍ରାମାଣିକ ଚଳଚିତ୍ର "ମୋ ବୌଦ୍ଧ, ଭାରୀ ସୁନ୍ଦର" ପ୍ରଦର୍ଶନ କରଯାଇଥିଲା ।

# ସ୍ୱତନ୍ତ୍ର କ୍ରାଇମ୍ ୟୁନିଟ୍ ଥାନା ଉଦ୍‌ଘାଟିତ



**ଭୁବନେଶ୍ୱର (ପିପିଏସ୍) :** କମିସନରେଟ୍ ପୁଲିସ ଅଫିସ୍‌ରେ ଥିବା ସ୍ପେଶାଲ କ୍ରାଇମ୍ ୟୁନିଟ୍‌କୁ ଥାନାର ମାନ୍ୟତା ମିଳିଛି । ଏହି କ୍ରାଇମ୍ ୟୁନିଟ୍‌କୁ ଆଜି ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଉଦ୍‌ଘାଟନ କରିଛନ୍ତି । ରାଜ୍ୟ ସରକାର ଥାନାର ମାନ୍ୟତା ଦେବା ପରେ କ୍ରାଇମ୍‌ବ୍ରାଞ୍ଚ ଭଳି କମିସନରେଟ୍ ପୁଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ମାମଲା ରୁଜୁକରି ତଦନ୍ତ କରିପାରିବ । କେବଳ ସେତିକି ନୁହେଁ ଅଭିଯୁକ୍ତଙ୍କୁ ମଧ୍ୟ ସିଧାସଳଖ ଗିରଫ କରି କୋର୍ଟଚାଲାଣ କରିପାରିବ । ରାଜ୍ୟ ସରକାର ଏହି କ୍ଷମତା ଦେବା ପରେ କମିସନରେଟ୍ ପୁଲିସ ଏବେ ଅଧିକ ସଶକ୍ତ ହେବ ବୋଲି କୁହାଯାଇଛି । ସେହିପରି ପୂର୍ବରୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ସେଲ୍‌ର ମାମଲା ରୁଜୁ କରିବାର କ୍ଷମତା ନଥିବାରୁ ଅପରାଧୀଙ୍କୁ ବିଭିନ୍ନ ଥାନାକୁ ହସ୍ତାନ୍ତର କରାଯାଉଥିଲା । ଏବେ ଏହି ସ୍ପେଶାଲ କ୍ରାଇମ୍ ୟୁନିଟ୍ ଅଧୀନରେ ଦ୍ୱୈତନଗରୀର ସମସ୍ତ ଥାନା ରହିବ । ନିଶା କାରବାର ମାମଲା, ସାଇବର୍ ମାମଲା, ହାଇପ୍ରୋଫାଇଲ୍ ଠକେଇ, ସଂଗଠିତ ଅପରାଧ, ମହିଳା ସମ୍ପର୍କିତ ମାମଲା ଆଦି ରୁଜୁ କରାଯାଇ ତଦନ୍ତ କରାଯିବ । ଏହି ୟୁନିଟ୍ ଦାୟିତ୍ୱରେ ରହିବେ ଜଣେ ଡିସିପି ପାହ୍ୟାର ଅଧିକାରୀ । ତାଙ୍କ ତଳକୁ ଆଉ ଜଣେ ଅତିରିକ୍ତ ଡିସିପି, ୩ଜଣ ଏସିପି ଓ ଅନ୍ୟ ଅଧିକାରୀ ରହିବେ । ଆଜି ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୁଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ପୁଲିସ କମିସନର ଉମାଶଙ୍କର ଦାଶ, କଟକ ଡିସିପି ପିନାକ ମିଶ୍ର, ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଟ୍ରାଫିକ୍ ଡିସିପି ସୁବାଷ ଚନ୍ଦ୍ର ମହାନ୍ତିଙ୍କ ସମେତ ଅନ୍ୟାନ ପୁଲିସ ଅଧିକାରୀ ଉପସ୍ଥିତ ରହିଥିଲେ । ସୂଚନାଯୋଗ୍ୟ ଯେ, ୨୦୧୯ ମସିହାରେ ପୂର୍ବତନ ପୁଲିସ କମିସନର ସୁଧାଂଶୁ ଷଡ଼ଙ୍ଗୀ ଏହି କ୍ରାଇମ୍ ୟୁନିଟ୍ ଗଠନ କରିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ।

# ନାବାଳିକା ଦୁଷ୍କର୍ମକାରୀକୁ ଜେଲ୍

**ଭୁବନେଶ୍ୱର (ପିପିଏସ୍) :** ୧୨ ବର୍ଷର ନାବାଳିକାଙ୍କୁ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିବା ଅଭିଯୁକ୍ତ ବିକାଶ ବିଶ୍ୱାଳକୁ କୋର୍ଟ ଚାଲାଣ କରିଛି ତମାଣ୍ଡୋ ଥାନା ପୁଲିସ । ତା ଘର ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଅଞ୍ଚଳରେ । ବିହାରର ଜଣେ ୧୨ ବର୍ଷର ନାବାଳିକା ପରିବାର ସହିତ କଳିଙ୍ଗନଗର କେ୪ ଅଞ୍ଚଳରେ ରୁହନ୍ତି । ତାଙ୍କ ବାପା ମୂଲ ଲାଗି ଘର ଚଳାଉଥିବା ବେଳେ ମା ଦୃଷ୍ଟିହୀନ । ଅଭିଯୁକ୍ତ ବିକାଶ କଳିଙ୍ଗନଗର କେ୫ ଅଞ୍ଚଳରେ ଥିବା ଉଦ୍ୟାନ ଫ୍ରେସରେ ମ୍ୟାନେଜର ଭାବେ କାମ କରେ । ୧୦ ଦିନ ପୂର୍ବେ ନାବାଳିକା ଜଣକ ଉଦ୍ୟାନ ଫ୍ରେସକୁ କିଣାକିଣି କରିବାକୁ ଯାଇଥିଲେ । ସେଠାରେ ବିକାଶ ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା ଓ କିଛି ଟଙ୍କା ଦେଇ କାହାରିକୁ ନ୍ନଣାଇବା ପାଇଁ କହିଥିଲା । ବିକାଶ ପୁଣି ଥରେ ନାବାଳିକାଙ୍କୁ ଡାକିବାରୁ ସେ ମନା କରିଥିଲେ । ହେଲେ ବିକାଶ ତାଙ୍କୁ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା । ବିକାଶ ୮ ଦିନ ମଧ୍ୟରେ ନାବାଳିକାଙ୍କୁ ୪ ଥର ଦୁଷ୍କର୍ମ କରିଥିଲା । ଯନ୍ତ୍ରଣା ଅସହ୍ୟ ହେବାରୁ ନାବାଳିକା ଜଣକ ପଡୋଶୀମାନଙ୍କୁ ଜଣାଇଥିଲେ । ପଡୋଶୀମାନେ ଏକାଠି ହୋଇ ତମାଣ୍ଡୋ ଥାନାରେ ଜଣାଇବା ସହିତ ଲିଖିତ ଏତଲା ଦେଇଥିଲେ । ପୁଲିସ ପୋକ୍ସୋ ଆକ୍ଟରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ମାମଲା ରୁଜୁ ହୋଇଥିବା ଜାଣିବା ପରେ ଫେରାର ହୋଇଯାଇଥିବା ବିକାଶକୁ ସୋମବାର ରାତିରେ ତାର ମାହାଙ୍ଗା ଅଞ୍ଚଳରେ ଥିବା ତାର ଭଉଣୀ ଘରୁ ଗିରଫ କରିଥିଲା । ମଙ୍ଗଳବାର ପିଡୀତା ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଥିଲା । ବୁଧବାର ସିଆରପିସି ଧାରା ୧୬୪ ଅନୁଯାୟୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପିଡୀତା ନାବାଳିକାଙ୍କ ବୟାନ ରେକର୍ଡ କରାଯାଇଛି ।

# ରାଜସ୍ଥାନ ପରିଦର୍ଶନରେ ଯିବେ ସୋଆର ୭ ଛାତ୍ରଛାତ୍ରୀ



**ଭୁବନେଶ୍ୱର (ପିପିଏସ୍) :** କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଯୁବ ସଂଗମ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରାଜସ୍ଥାନର ଆଇଆଇଟି ଯିବାକୁ ମନୋନୀତ ହୋଇଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ୭ ଜଣ ଛାତ୍ରଛାତ୍ରୀ । ଏହି କାର୍ଯ୍ୟକ୍ରମରେ ସୋଆର ଛାତ୍ରଛାତ୍ରୀମାନେ ରାଜସ୍ଥାନର ସାଂସ୍କୃତିକ ଭିକ୍ଷିଭୂମି ତଥା ଶିକ୍ଷାଗତ ଅଭିବୃଦ୍ଧି ସମ୍ପର୍କିତ ପ୍ରସଙ୍ଗ ଉପରେ ଅଧ୍ୟୟନ କରିବେ । ଏହି କାର୍ଯ୍ୟକ୍ରମ ନିମନ୍ତେ ମନୋନୀତ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଅଭିନନ୍ଦନ ଜଣାଇବା ସହ ସଫଳତା କାମନା କରିଛନ୍ତି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସାମଗ୍ରିକ ଅଭିବୃଦ୍ଧିର ମାଧ୍ୟମ ହେବ ବୋଲି ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମତ ବ୍ୟକ୍ତ କରିଛନ୍ତି । ଏହି ଅବସରରେ ସୋଆର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଓ ଆଇଏଏସ୍‌ର ଆସୋସିଏଟ୍ ପ୍ରଫେସର ଡକ୍ଟର ଅଂଶୁମାନ ଜେନା ଉପସ୍ଥିତ ଥିଲେ ।

# ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କଲେ କଠୋର କାର୍ଯ୍ୟାନୁଷ୍ଠାନ

**ଭୁବନେଶ୍ୱର (ପିପିଏସ୍) :** ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ବ୍ୟବହାର କଲେ ଏଣିକି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ଅମାନିଆ ଚାଳକଙ୍କ ଠାରୁ ୫ହଜାର ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯିବା ସହ ଗାଡ଼ି ମଧ୍ୟ ଜବତ କରାଯିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ କୁହାଯାଇଛି । ରାଜଧାନୀରେ ଗୋଟିଏ ମାସରେ ମୋବାଇଲରେ ଗପି ଗାଡ଼ି ଚଳାଉଥିବା ୨୬୫ ଅମାନିଆ ଚାଳକ ଧରାପଡ଼ିଛନ୍ତି । ବାଣୀବିହାର, ସତ୍‌ସଙ୍ଗବିହାର, ଇନ୍‌ଫୋସିଟି, ଚନ୍ଦ୍ରଶେଖରପୁର, ରାଜମହଲ ଭଳି ୧୭ଟି ସ୍ଥାନରେ ଯାଞ୍ଚକୁ ଗୁରୁତ୍ୱ ଦିଆଯାଉଛି । କିନ୍ତୁ ଅନେକ ସମୟରେ ମୋବାଇଲ ଫୋନ୍‌ରେ ଗପୁଥିବା ବେଳେ ଚାଳକ ଧରାପଡୁଛନ୍ତି । ମାତ୍ର ତୁରନ୍ତ ପ୍ରମାଣ ଖୋଜୁଛନ୍ତି ଗାଡ଼ି ଚାଳକ । ଯାହାକୁ ନେଇ ଅନେକ ସମୟରେ ଟ୍ରାଫିକ ପୁଲିସ ଓ ଅମାନିଆ ଚାଳକଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗୁଛି । ଏହାକୁ ଦୂର କରିବା ସହ ମୋବାଇଲ ଗପି ବାଇକ ଚଳାଉଥିବା ଚାଳକଙ୍କ ଲାଗି ଆହୁରି କଠୋର ହୋଇଛି କମିସନରେଟ୍ ପୁଲିସ । ଆଗାମୀ ଦିନରେ ଡିଜିଟାଲ ଏନ୍‌ଫୋର୍ସମେଣ୍ଟକୁ ଜୋର୍‌ଦାର କରାଯିବ । ମୋବାଇଲରେ କଥା ହେଉଥିବା ଚାଳକଙ୍କୁ ସିସିଟିଭିରେ ଚିହ୍ନଟ କରାଯିବ । ପରେ ସେମାନଙ୍କ ଠିକଣାରେ ଇ-ଚାଲାଣ ପଠାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି । ସେହିପରି କେବଳ ଟ୍ରାଫିକ ପୁଲିସ ନୁହେଁ, ପରିବହନ ବିଭାଗ ପକ୍ଷରୁ ମୋବାଇଲ ଫୋନ୍‌ରେ ଗପୁଥିବା ୫୧ ଚାଳକ ଧରାପଡ଼ିଛନ୍ତି । ସେମାନଙ୍କ ଠାରୁ ଜରିମାନା ଆଦାୟ ହୋଇଛି । ଆଉ ୨ଜଣଙ୍କ ଠାରୁ ବାଇକ ଜବତ କରିଛି ପରିବହନ ବିଭାଗ । ଅନ୍ୟପକ୍ଷରେ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର ଆପଣଙ୍କ ଜୀବନକୁ ବିପଦରେ ପକାଇପାରେ । ଜଣେ ଦାୟିତ୍ୱବାନ ନାଗରିକ ହିସାବରେ ଗୋଟିଏ ଦୁର୍ଘଟଣାମୁକ୍ତ ରାଜ୍ୟର ସ୍ୱପ୍ନକୁ ସାକାର କରିବା ଲାଗି ଟ୍ରାଫିକ ନିୟମାବଳୀ ମାନନ୍ତୁ । ଏଭଳି କିଛି ଟୁଇଟ୍ କରି ସଚେତନ କରୁଛି ଓଡ଼ିଶା ପୁଲିସ । ମୋବାଇଲ ଫୋନ୍ ବ୍ୟବହାର କରି ଗାଡ଼ିଚାଳକଙ୍କ ଧରିବା ସହ ଧରପଗଡ଼କୁ ଜୋରଦାର କରିବା ପରେ ଗଳାବାଟ ଖୋଜିଛନ୍ତି ଅମାନିଆ ଚାଳକ । ପୁଲିସ କବଳରୁ ବର୍ତ୍ତିବା ଲାଗି କାନରେ ଇୟରଫୋନ୍ ଲଗାଉଛନ୍ତି । ଏଣିକି ଇୟରଫୋନ୍ ଲଗାଇ ଗାଡ଼ି ଚଳାଉ ଧରାପଡ଼ିଲେ ଜରିମାନା ଗଣିବେ ଚାଳକ । ଏନେଇ ସହରର କିଛି ଛକରେ ସଚେତନତା ଲାଗି ଫଳକ ଲଗାଯାଇଛି । ଗାଡ଼ି ଚଳାଇବା ସମୟରେ ଇୟରଫୋନ୍ ବ୍ୟବହାର କଲେ, ଚାଳକଙ୍କ ଠାରୁ ୫୦୦ ଟଙ୍କାରୁ ୫ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ । କାନରେ ଇୟରଫୋନ୍ ଦେଇ ଗୀତ ଶୁଣିବା ବା କଥା ହେବ, ଭିଡ଼ିଓ ଓ ଫଟୋ ଆଦି ଦେଖିଲେ ଚାଳକଙ୍କ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି ହେବ । ନିୟମ ଭାଙ୍ଗିଲେ ଅମାନିଆ ଗାଡ଼ିଚାଳକ ତଣ୍ଡ ଗଣିବେ ବୋଲି କୁହାଯାଇଛି ।

# ବିସ୍ଫୋରଣ ଯୋଗୁଁ ସରକାରୀ କ୍ୱାର୍ଟର୍ସରେ ଅଗ୍ନିକାଣ୍ଡ

**ଭୁବନେଶ୍ୱର (ପିପିଏସ୍) :** ରାଜଧାନୀରେ ୟୁନିଟ୍ ୨ସ୍ଥିତ ଏକ ସରକାରୀ ବାସଭବନରେ ଅଗ୍ନିକାଣ୍ଡ ଘଟିଛି । ସୂଚନା ଅନୁଯାୟୀ, ୧୩/୨ ନମ୍ବରର ସରକାରୀ କ୍ୱାର୍ଟରରେ ବିସ୍ଫୋରଣରେ ନିଆଁ ଲାଗିଛି । ସକାଳେ ନିଆଁ ଲାଗିଥିବା ବେଳେ ଖବର ପାଇ ଅଗ୍ନିଶମ ବିଭାଗର ଗୋଟିଏ ୟୁନିଟ୍ ନିଆଁଲିଭା କାମରେ ନିୟୋଜିତ ହୋଇଥିଲା । ସଦ୍ୟତମ ଖବର ଅନୁଯାୟୀ, ଅଗ୍ନିଶମ ବିହିନୀ ନିଆଁକୁ ଆୟତ୍ତ କରିବାରେ ସଫଳ ହୋଇଛି । ଏହି ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇନଥିବା କୁହାଯାଉଛି । ବଡ଼ ବିସ୍ଫୋରକ ବାଣ ନଥିବା ହେତୁ ଅବସ୍ଥା ଶୀଘ୍ର ନିୟନ୍ତ୍ରଣକୁ ଆସିଛି । ଏଣେ ଘଟଣାସ୍ଥଳରେ କ୍ୟାପିଟାଲ ଥାନା ଅଧିକାରୀ ଛାନଭିନ ଜାରି କରିଛନ୍ତି ।



ଏହି ସରକାରୀ କ୍ୱାର୍ଟରଟି ନିରଞ୍ଜନ ଲେଙ୍କାଙ୍କ ନାମରେ ରହିଛି । ସେ ଲୋକସେବା ଭବନରେ କାର୍ଯ୍ୟରତ । ସରକାରୀ ବାସଭବନରେ ତାଲା ପକାଇ ସେ ଚାଲିଯାଇଥିବାବେଳେ ସକାଳୁ ସକାଳୁ ଘର ଧୂଆଁମୟ ହୋଇଥିଲା । ସୂଚନା ମୁତାବକ, ଗୁରୁବାର ସକାଳ ୫ଟା ସମୟରେ କ୍ୟାପିଟାଲ ଥାନା ଅନ୍ତର୍ଗତ ନିରଞ୍ଜନ ଲେଙ୍କାଙ୍କ ଏହି ସରକାରୀ କ୍ୱାର୍ଟର ନମ୍ବର ୧୩/୨ରେ ବଣ ବିସ୍ଫୋରଣ ଘଟିଛି । ସେ ଲୋକସଭା ଭବନରେ କାର୍ଯ୍ୟରତ ଥିବା ସୂଚନା ମିଳିଛି । ଘର ବାଣ ମହଜୁଦ ଥିବା ବେଳେ ଏଭଳି ଅଘଟଣ ଘଟିଛି । ବିସ୍ଫୋରଣ ପରେ ଘରେ ନିଆଁ ଲାଗିଯାଇଥିଲା । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ଜଣାପଡିଛି । ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ହୋଇନାହିଁ । ଘଟଣାସ୍ଥଳରେ କ୍ୟାପିଟାଲ ଥାନା ଅଧକାରୀ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛନ୍ତି ।

## ୫ ଗଞ୍ଜେଇ ବେପାରୀ ଗିରଫ

**ଭୁବନେଶ୍ୱର (ପିପିଏସ୍) :** ରାଜଧାନୀ ଦେଇ ବୌଦ୍ଧରୁ ବାଲେଶ୍ୱରକୁ ଗଞ୍ଜେଇ ଚାଲାଣ କରୁଥିବା ୫ ଚାଲାଣକାରୀଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ସେମାନଙ୍କ ଠାରୁ ୩୦ କିଲୋ ୪ଶହ ଗ୍ରାମ ଗଞ୍ଜେଇ, ଗୋଟିଏ କାର, ୬ଟି ମୋବାଇଲ ଫୋନ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ କନ୍ଧମାଳ ଟାଉନ ଥାନା ଅମ୍ବଲାପଡା ଗାଁର ରବୀନ୍ଦ୍ର ବିଷୋୟୀ, କାଚେରା ସାହିର ସାନୁ ଓରଫ୍ ସାନୁଜ କୁମାର ନାୟକ, ଗଞ୍ଜାମ ଜିଲ୍ଲା ବୁଗୁଡ଼ାର ବାପି ନାୟକ, କେନ୍ଦୁଝର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ବଡପଦର ଗାଁର ଅକ୍ଷୟ କୁମାର ନାଥ ଓ ବୌଦ୍ଧ ଜିଲ୍ଲା ପୁରୁଣା କଟକ ଥାନା ଲିଙ୍ଗରପାଲୁ ଗାଁର ଅକ୍ଷୟ କହଁର । ପୁଲିସ ସୂଚନା ଅନୁସାରେ, ଏକ ଗଞ୍ଜେଇ ଭର୍ତ୍ତି କାର କଳିଙ୍ଗନଗର - ଘାଟିକିଆ ରାସ୍ତା ଦେଇ ଭରତପୁର ଆଡ଼କୁ ଆସୁଥିବା ଥାନା ଅଧିକାରୀ ଖବର ପାଇଥିଲେ । ଥାନାର ଏକ ସ୍ୱତନ୍ତ୍ର ଟିମ୍ ଘାଟିକିଆ ଗାଁରେ ଥିବା ଭିପୁଲ ଗାର୍ଡେନ ନିକଟରେ ଚଢାଉ କରିଥିଲେ । ସେଠାରୁ ଗଞ୍ଜେଇ ଭର୍ତ୍ତି କାର ଜବତ କରିବା ସହ ୫ ଜଣଙ୍କୁ ଗିରଫ କରି ଥାନାକୁ ଆଣିଥିଲେ । ହେଲେ କାର ଡ୍ରାଇଭର କୌଶଳ କ୍ରମେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ପୁଲିସ କାର ଭିତରୁ ୩୦ କିଲୋ ୪ଶହ ଗ୍ରାମ ଓଜନର ଦୁଇ ବସ୍ତା ଗଞ୍ଜେଇ ଜବତ କରିଥିଲା । ଏଥିସହିତ କାର ଓ ୬ଟି ମୋବାଇଲ ଫୋନ ଜବତ କରିଥିଲା ।

# ଖୁବ୍‌ଶୀଘ୍ର ଖୋଲିବ ୟୁନିଟ୍ ୪ ପଞ୍ଚଦୀପ ମାର୍କେଟ କମ୍ପ୍ଲେକ୍ସ

**ଭୁବନେଶ୍ୱର (ପିପିଏସ୍) :** ଦୀର୍ଘ ଦିନ ପରେ ୟୁନିଟ୍-୪ ପଞ୍ଚଦୀପ ମାର୍କେଟ୍ କମ୍ପ୍ଲେକ୍ସ ଖୋଲିବ । ବିଏମ୍‌ସି ଓ ଠିକା ସଂସ୍ଥା ମଧ୍ୟରେ ବିବାଦ ଯୋଗୁଁ ଆଇନ୍ ଜାଲରେ ଛନ୍ଦି ହେବା ଓ ପରେ ପ୍ଲାନ ଅନୁମୋଦନ ଭଳି ବିବାଦ ପାଇଁ ଏଠାରେ ତାଲା ଝୁଲି ରହିଥିଲା । ଏବେ ବିବାଦର ଅନ୍ତ ହେବା ସହ ଏହି ମାର୍କେଟ୍ କମ୍ପ୍ଲେକ୍ସ ଖୋଲିବା ନେଇ ବାଟ ଫିଟିଛି । ଏଥିପାଇଁ ଏଠାରେ ଥିବା ୧୧୨ ଟି ଦୋକାନର ଇ-ଅକ୍ସନ ପାଇଁ ବିଏମ୍‌ସି ପ୍ରକ୍ରିୟା ଆରମ୍ଭ କରିଛି । ଏନେଇ ବିଏମ୍‌ସି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ସହ ଗ୍ରାଉଣ୍ଡ ଫ୍ଲୋରରୁ ଚତୁର୍ଥ ମହଲା ମଧ୍ୟରେ ଥିବା ଏହି ଦୋକାନଗୁଡ଼ିକର ଇ-ଅକ୍ସନ କରାଯିବ ବୋଲି କୁହାଯାଇଛି । ବିଏମ୍‌ସି ପକ୍ଷରୁ କୁହାଯାଇଛି ଯେ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା କମ୍ପାନୀ ଆକ୍ଟରେ ପଞ୍ଜିକୃତ ହୋଇଥିବା କମ୍ପାନୀ, ପାର୍ଟନରସିପ୍ ଫାର୍ମ, ପ୍ରୋପାଇଟରସିପ୍ ଫାର୍ମ, ଓ ପିଏସ୍‌ୟୁ/ସରକାରୀ ସଂସ୍ଥା ଆଦି ଏହି ଅକ୍ସନରେ ଭାଗ ନେଇପାରିବେ । ସେହିପରି ଏଠାରେ ବାର୍,



ବାଣ ଦୋକାନ ଓ ଲୋକଙ୍କ ସ୍ୱାସ୍ଥ୍ୟପାଇଁ ହାନୀକାରକ ଥିବା ସାମଗ୍ରୀ ବ୍ୟବସାୟ ହୋଇପାରିବ ନାହିଁ ବୋଲି ବିଏମ୍‌ସି କହିଛି । ବିଏମ୍‌ସି ସୂଚନା ଅନୁଯାୟୀ ଗ୍ରାଉଣ୍ଡ ଫ୍ଲୋର୍ ଦୋକାନ ପାଇଁ ସ୍କୋୟାରଫୁଟ୍ ପିଛା ୫୫ ଟଙ୍କା ରହିଥିବା ବେଳେ ପ୍ରଥମ ମହଲା ପାଇଁ ୫୦ ଟଙ୍କା, ଦ୍ୱିତୀୟ ମହଲା- ଚତୁର୍ଥ ମହଲା ପାଇଁ ୪୫ ଟଙ୍କା ଦର ଧାର୍ଯ୍ୟ କରାଯାଇଛି । ଦୋକାନ ଘର ନେବାକୁ ଆଗ୍ରହୀ ଥିବା ଲୋକମାନେ ୧୨ ତାରିଖରେ ଅନ୍‌ଲାଇନ ମାଧ୍ୟମରେ ଆବେଦନ କରିବା ସହ ୨୮ ତାରିଖ ଦିନ ଅକ୍ସନ ପ୍ରକ୍ରିୟାରେ ଭାଗ ନେଇପାରିବେ । ୧୯୯୮ରେ ୪ ନଂରେ ନୂଆ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଯୋଜନା ହୋଇଥିଲା । ଘରୋଇ ସଂସ୍ଥା ଓ ବିଏମ୍‌ସିର ମିଳିତ ସହଯୋଗରେ ଏହି ମାର୍କେଟ କମ୍ପ୍ଲେକ୍ସ କରିବାକୁ ଯୋଜନା ହୋଇଥିଲା । ଏହାକୁ ଆଧାର କରି ବିଏମ୍‌ସି ୟୁନିଟ୍-୪ରେ ୮୮୩ ଡେସିମିଲ୍ ଜମି ପ୍ରଦାନ କରିଥିଲା । ୧୯୯୯ରେ ଚୁକ୍ତି ହୋଇ ୨୦୦୧ରେ କାମ ଆରମ୍ଭ ପାଇଁ ପ୍ରସ୍ତୁତ ଆରମ୍ଭ ହେଲା । ମାତ୍ର ଏଠାରୁ ବିସ୍ଥାପିତ ହୋଇଥିବା ୮୬ ଜଣ ଦୋକାନୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ । ପରେ ସେମାନଙ୍କୁ ଏଠାରେ ସ୍ଥାନ ଦେବା ପାଇଁ ପ୍ରତିଶ୍ରୁତି ମିଳିବା ପରେ କାମ ଆରମ୍ଭ ହୋଇଥିଲା । ୨୦୧୦ରେ କମ୍ପ୍ଲେକ୍ସ କିଛି ଅଂଶ ନିର୍ମାଣ ଶେଷ ପରେ ଠିକା ସଂସ୍ଥା ଏହାକୁ ବିକ୍ରି କରିବାକୁ ଯୋଜନା କରିଥିବା ବେଳେ ବିଏମସି ଏହାକୁ ବିରୋଧ କରିଥିଲା । ପରେ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ ବିଳମ୍ବ କରିବା ଯୋଗୁଁ ବିଏମସି ଓ ଠିକା ସଂସ୍ଥା ମଧ୍ୟରେ ବିବାଦ ତୀବ୍ର ହୋଇଥିଲା । ଅନ୍ୟପଟେ ନିର୍ମାଣ ବେଳେ ବିଡିଏ ଦ୍ୱାରା ଅନୁମୋଦିତ ହୋଇଥିବା ଯୋଜନା ଅନୁଯାୟୀ କୋଠା ନିର୍ମାଣ କରି ନ ଥିଲା । ଯାହାକି ପରବର୍ତ୍ତି ସମୟରେ ଆଉ ଏକ ସମସ୍ୟା ଠିଆ କରିଥିଲା । ଗତବର୍ଷ ଏହାକୁ ସର୍ବକ୍ଷମା ଯୋଜନାରେ ନିୟମିତ କରିବାକୁ ଆବେଦନ କରାଯାଇଥିଲା । ଯାହାକି ନିୟମିତ ହୋଇସାରିଛି । ଅନ୍ୟପଟେ ଦୀର୍ଘଦିନର ବିବାଦ ପରେ ଠିକା ସଂସ୍ଥା ଓ ବିଏମ୍‌ସି ମଧ୍ୟରେ ଗତ ଅକ୍ଟୋବର ମାସରେ ଏକ ଉଚ୍ଚସ୍ତରୀୟ ବୈଠକ ବସି ବିବାଦ ସମାଧାନ ହୋଇଥିଲା ।

## ବେଆଇନ ମାଟି ଚାଲାଣ, ଜରିମାନା ଆଦାୟ

**ଭୁବନେଶ୍ୱର (ପିପିଏସ୍) :** ଭୁବନେଶ୍ୱର ଉପକଣ୍ଠ ବାଲିପାଟଣା ତହସିଲ୍ ଅଞ୍ଚଳରେ ବେଆଇନ ଭାବେ ମାଟି ଚାଲାଣ ହେଉଥିବାବେଳେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇ ଜରିମାନା ଆଦାୟ ହୋଇଛି । ଏଥିସହ ଚାଲାଣରେ ବ୍ୟବହୃତ ଜେସିବି ମେସିନକୁ ଜବତ କରାଯାଇଛି । ବାଲିପାଟଣା ତହସିଲ ଅଧୀନ ରାଜସ ପଞ୍ଚାୟତ ଗରିଆ ଅଞ୍ଚଳରୁ ଆଜି ବେଆଇନ୍ ମାଟି ଉଠାଣ ନେଇ ଅଭିଯୋଗ ହେବା ପରେ ଅତିରିକ୍ତ ତହସିଲଦାର ପର୍ଶୁରାମ ମଲ୍ଲିକ ତାଙ୍କ ଟିମ୍ ସହ ଚଢ଼ଉ କରିଥିଲେ । ଚଢ଼ଉବେଳେ ମାଲିକଙ୍କ ଠାରୁ ୮୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ଅତିରିକ୍ତ ତହସିଲଦାର ଶ୍ରୀ ମଲ୍ଲିକ ସୂଚନା ଦେଇଛନ୍ତି । ଏହି ଚଢ଼ଉରେ ସୁପରଭାଇଜର କାଳନ୍ଦୀ ନାୟକ, ଆଇତଳଙ୍ଗ ରାଜସ୍ୱ ନିରୀକ୍ଷକ ସନ୍ତୋଷ କୁମାର ବେହେରା ଏବଂ ଅଦଲାବାଦ ରାଜସ୍ୱ ନିରୀକ୍ଷକ ବସନ୍ତ ସାଇଁ ସାମିଲ୍ ହୋଇଥିଲେ ।

# ଲୟଲା ସ୍କୁଲକୁ ଲକ୍ଷେ ଟଙ୍କା ଜରିମାନା

**ଭୁବନେଶ୍ୱର (ପିପିଏସ୍) :** ଲୟଲା ସ୍କୁଲ୍‌କୁ ଲକ୍ଷେ ଟଙ୍କାର ଜରିମାନା କରିଛି ବିଏମ୍‌ସି । କଠିନ ବର୍ଜ୍ୟବସ୍ତୁ ନିୟମରେ ଖିଲାପି ପାଇଁ ସ୍କୁଲକୁ ଏହି ଜରିମାନା କରାଯାଇଛି । ସ୍କୁଲ କର୍ତ୍ତୃପକ୍ଷ ବିଏମସିକୁ ଅଳିଆ ନ ଦେଇ ଏହାକୁ ପୋଡ଼ି ଦେଉଥିବା ଯୋଗୁଁ ବିଏମ୍‌ସି ଏହି କାର୍ଯ୍ୟାନୁଷ୍ଠାନ ନେଇଛି । ମିଳିଥିବା ସୂଚନା ଅନୁଯାୟୀ ଗତ ୮ ତାରିଖରେ ସ୍କୁଲ୍ କର୍ତ୍ତୃପକ୍ଷରୁ କଠିନ ବର୍ଜ୍ୟବସ୍ତୁ ପୋଡୁଥିବା ଦେଖି ସ୍ଥାନୀୟ ଜୋନାଲ ଡେପୁଟି କମିସନର କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବିଏମସି କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ଆଧାରରେ ମଙ୍ଗଳବାର ବିଏମସିର ଏକ ଟିମ୍ ନୋଟିସ୍ ନେଇ ସ୍କୁଲ୍‌କୁ ଯାଇଥିଲେ ମଧ୍ୟ ସ୍କୁଲ୍ ବନ୍ଦ ହୋଇଯାଇଥିବା କାରଣରୁ ଟିମ୍ ଖାଲି ହାତରେ ଫେରିଛି । ପୁଣି ଥରେ ବୁଧବାର ଏହି ଟମ୍ ସ୍କୁଲକୁ ଯାଇ ଜରିମାନା ନୋଟିସ୍ କରିବ ବୋଲି ଜଣାପଡ଼ିଛି । ଏହି ଅଳିଆ ଜାଳିବା ଯୋଗୁଁ କ୍ଷତିକାର ଟକ୍ସିକ ଗ୍ୟାସ ଉତ୍ପନ୍ନ ହେଉଛି । ଏହା ଦ୍ୱାରା ସ୍ଥାନୀୟ ଲୋକଙ୍କ ସହିତ ପରିବେଶ ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଛି ବୋଲି ବିଏମସି ନିଜ ନୋଟିସରେ ଉଲ୍ଲେଖ କରିଛି । ଅନ୍ୟପଟେ କୌଣସି ଘରୋଇ ଅନୁଷ୍ଠାନରୁ ଅଧିକ ଅଳିଆ ବାହାରିଲେ ସେମାନଙ୍କୁ ବିଏମ୍‌ସିକୁ ଅଳିଆ ଦେବାକୁ ପଡ଼ିଥାଏ ଓ ଏ ବାବଦକୁ ନିର୍ଦ୍ଦିଷ୍ଟ ଅର୍ଥ ମଧ୍ୟ ଦେବାକୁ ପଡ଼ିଥାଏ । ମାତ୍ର ଲୟଲା ସ୍କୁଲ୍ କର୍ତ୍ତୃପକ୍ଷ ଏହି ନିୟମ ଖିଲାପ କରିବା ସହିତ ପରିବେଶ ପ୍ରତି ମଧ୍ୟ ବିପଦ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ପରିମଳ ବ୍ୟବସ୍ଥା ପାଇଁ ବିଏମସି ବର୍ତ୍ତମାନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ସହରରେ ଶତ ପ୍ରତି ଡୋର୍‌ଟୁ ଡୋର୍ ଅଳିଆ ସଂଗ୍ରହକୁ ସୁନିଶ୍ଚିତ କରିବା ପାଇଁ ବିଭାଗ ପକ୍ଷରୁ କୌଣସି ନିୟମ ଖିଲାପକୁ ବରଦାସ୍ତ କରାଯାଉ ନାହିଁ । ଯାହାଦ୍ୱାରା ନିୟମ ଖିଲାପକାରୀଙ୍କ ଉପରେ ଜରିମାନାକୁ କଡ଼ା କରାଯାଇଛି । ଯେଉଁମାନେ ଏହି ନିୟମ ପାଳନରେ ଖିଲାପ କରୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେଉଛି । କିଛିଦିନ ତଳେ 'ଦର୍ଶନୀ ନ୍ୟୁଟ୍ରିମେଣ୍ଟ୍‌ସ' ନିଜର ଅଳିଆକୁ ବାହାରେ ପକାଇବା କାରଣରୁ ଏହି ସଂସ୍ଥାକୁ ୫୫ ହଜାର ଟଙ୍କା ଜରିମାନା କରାଯାଇଥିଲା । ପୂର୍ବରୁ ସମାନ ଘଟଣା ପାଇଁ ସ୍ୱର୍ଣ୍ଣ ହସ୍ପିଟାଲ ଓ ବିବେକାନନ୍ଦ ହସ୍ପିଟାଲକୁ ୧ ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇ ସାରିଛି । ହସ୍ପିଟାଲ କର୍ତ୍ତୃପକ୍ଷ ମେଡିସିନିଆଲ୍ ବର୍ଜ୍ୟକୁ ରାସ୍ତାରେ ପକାଇଥିବାରୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । ସେହିପରି ନିକଟରେ ପରିମଳ ବ୍ୟବସ୍ଥାରେ ଅବହେଳା ପାଇଁ ରିଲାଏନ୍ସ ସ୍ମାର୍ଟକୁ ୧ ଲକ୍ଷ ଜରିମାନା କରାଯିବା ସହିତ ଏହି ଷ୍ଟୋରକୁ ସିଲ କରାଯାଇଥିଲା । ସହରରେ ପରିମଳ ବିଭାଗର ଅଧିକାରୀମାନେ ବିଭିନ୍ନ ଅଞ୍ଚଳ ଗସ୍ତ କରିବା ସହିତ ଯାଞ୍ଚ କରିଛନ୍ତି ଓ ଯେଉଁମାନେ କଠିନ ବର୍ଜ୍ୟବସ୍ତୁ ନିୟମ ୨୦୧୬ ନିୟମ ଉଲ୍ଲଙ୍ଘନ କରିଛନ୍ତି ସେମାନଙ୍କଠାରୁ ମୋଟା ଅଙ୍କର ଜରିମାନା କରୁଛନ୍ତି ।

# ଅସୁସ୍ଥ ବାରାଶିଙ୍ଘାକୁ ଦିଆଗଲା କେମୋ




**ଭୁବନେଶ୍ୱର (ପିପିଏସ୍) :** ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ବୁଧବାର ଅପରାହ୍ଣରେ ଏକ ବାରଶିଙ୍ଘାକୁ କେମୋ(କ୍ୟାନସର ପ୍ରତିଷେଧକ) ଇଞ୍ଜେକସନ ଦିଆଯାଇଛି । ଯଦି ଏହା ଠିକ କାମ କରେ ତେବେ ତାକୁ ଅଧିକ ଇଞ୍ଜେକସନ ଦିଆଯିବ । ଏହି କେମୋ ଚିକିତ୍ସା ପ୍ରାଣୀ ଉଦ୍ୟାନରେ ପ୍ରଥମ ଘଟଣା ହୋଇଥିବାରୁ ଏହା କେତେ ଫଳପ୍ରଦ ହେଉଛି ତା ଉପରେ ଚିକିତ୍ସକଙ୍କ ନଜର ରହିଛି । ଏଥିରେ କୃତକାର୍ଯ୍ୟ ହେଲେ ଅନ୍ୟ ଜୀବଜନ୍ତୁଙ୍କ ଚିକିତ୍ସା ସହଜ ହୋଇପାରିବ । ପ୍ରାଣୀ ଉଦ୍ୟାନର ୩୯ ନଂ ଖୁଆଡ଼ରେ ରହୁଥିବା ଏକ ମାଈ ବାରଶିଙ୍ଘା କିଛି ଦିନ ହେବ ଅସୁସ୍ଥ ହୋଇପଡ଼ିଥିଲା । ତାର ନାକରେ ଏକ ମାଂସ ବଢ଼ିବାରେ ଲାଗିଛି । ନନ୍ଦନକାନନ ପ୍ରାଣୀ ଚିକିତ୍ସାଳୟର ବରିଷ୍ଠ ପ୍ରାଣୀ ଚିକିତ୍ସକ ଡ. ଶରତ କୁମାର ମିଶ୍ର, ଭିଏସ୍ ଡ.ଶରତ ସାହୁ ଓ ଡ.ସନ୍ତୋଷ ଗୁପ୍ତାଙ୍କ ଉପସ୍ଥିତିରେ ଏହି ପ୍ରତିଷେଧକ ଦିଆଯାଇଛି ।

# ରମାଦେବୀରେ ଶିକ୍ଷକ ସାଙ୍ଗକୁ ଭିତ୍ତିଭୂମିର ଅଭାବ

**ଭୁବନେଶ୍ୱର (ପିପିଏସ୍) :** ରାଜ୍ୟର ପ୍ରଥମ ମହିଳା ବିଶ୍ୱବିଦ୍ୟାଳୟ ଭାବେ 'ରମାଦେବୀ'କୁ ୨୦୧୫ ମସିହାରେ ଡିସେମ୍ବର ୩ ତାରିଖରେ ମାନ୍ୟତା ମିଳିଲା । ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିବାକୁ ଇତି ମଧ୍ୟରେ ୭ବର୍ଷ ପୂରିଥିଲେ ମଧ୍ୟ ଏଯାଏଁ ବିଶ୍ୱବିଦ୍ୟାଳୟ ୟୁଜିସିର ନାକ୍ (ଜାତୀୟ ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପରିଷଦ) ମାନ୍ୟତା ପାଇନାହିଁ । ଏପରିକି ନାକ୍ ମାନ୍ୟତା ଲାଗି ଆବେଦନ ମଧ୍ୟ କରାଯାଇ ନାହିଁ । ସମସ୍ତ ଉଚ୍ଚତର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାର ୫ବର୍ଷ ମଧ୍ୟରେ ନାକ୍ ମାନ୍ୟତା ପାଇବା ନିତ୍ୟାନ୍ତ ଜରୁରୀ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରଣାଳୟର ପ୍ରାବଧାନ ରହିଛି । ମାତ୍ର ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ୮ ବର୍ଷରେ ପାଦ ଥାପି ଥିଲା ବେଳେ ଏଯାଏଁ ଏଥିଲାଗି ଆବେଦନ କରିନି । ସେହିପରି ଏନଆଇଆରଏଫ୍ ର୍‍ୟାଙ୍କିଙ୍ଗ୍ ପାଇଁ ମଧ୍ୟ ବିଶ୍ୱବିଦ୍ୟାଳୟ ପ୍ରକ୍ରିୟାରେ ସାମିଲ୍ ହେଉନି ।

ୟୁଜିସି (ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ପକ୍ଷରୁ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ତଥା ଉତ୍ତମ ଶୈକ୍ଷିକ ପରିବେଶର ମାନ ନିର୍ଦ୍ଧାରଣ ଲାଗି ନାକ୍ ମାନ୍ୟତା ବ୍ୟବସ୍ଥା ହୋଇଛି ।




ଶିକ୍ଷାନୁଷ୍ଠାନର ଶୈକ୍ଷିକ ଭିତ୍ତିଭୂମି ସହ ଖେଳ, ନିଯୁକ୍ତି, କ୍ୟାରିଅର କାଉନସେଲିଂ ଆଦି ଆନୁଷଙ୍ଗିକ ଭିତ୍ତିଭୂମିକୁ ଭିତ୍ତିକରି ନାକ୍ ମାନ୍ୟତା ପ୍ରଦାନ କରେ । ନାକ୍ ମାନ୍ୟତା ପାଇବା ଦ୍ୱାରା ଗୋଟିଏ ଉଚ୍ଚତର ଶିକ୍ଷାନୁଷ୍ଠାନର ପାଠପଢ଼ା, ଭିତ୍ତିଭୂମି, ନୂତନ ପାଠ୍ୟକ୍ରମ ପ୍ରଚଳନ, ଗବେଷଣା ଭିତ୍ତିଭୂମିରେ ଉନ୍ନତି ସହିତ ପିଲାମାନଙ୍କ ନିଯୁକ୍ତି ସମ୍ପର୍କିତ ପରିପୂର୍ଣ୍ଣ ତଥ୍ୟ ମିଳିଥାଏ । ନାକ୍ ମାନ୍ୟତା ହାସଲ ଦ୍ୱାରା ପିଲାଙ୍କ ମନରେ ଆତ୍ମବିଶ୍ୱାସ ଜନ୍ମେ ଯେ, ସେମାନେ ଦେଶର ଏକ ଉନ୍ନତ ଶିକ୍ଷାନୁଷ୍ଠାନରେ ପାଠପଢୁଛନ୍ତି । ତେବେ ରମାଦେବୀ ବିଶ୍ୱବିଦ୍ୟାଳୟ ଏଥିରୁ ଭିନ୍ନ । ନାକ୍ ସହିତ ଏନଆଇଆରଏଫ ରାଙ୍କିଂ ଲାଗି ବି ବିଶ୍ୱବିଦ୍ୟାଳୟ ଆବେଦନ କରୁନି । ତେବେ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ବିକାଶ ହୋଇ ନ ଥିବାରୁ ଏହା ନାକ୍ ମାନ୍ୟତା ଲାଗି ଆବେଦନ କରୁ ନ ଥିବା ସୂଚନା ମିଳିଛି । ତେବେ ଏଥିଲାଗି ଦାୟୀ କିଏ ? ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନା ଉଚ୍ଚଶିକ୍ଷା ବିଭାଗ । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ ଘୋଷଣାକୁ ୮ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏଁ ଜମି ଚିହ୍ନଟ ହୋଇପାରିନି । କେବେ ଜମି ଚିହ୍ନଟ ହେବ ଆଉ କେବେ ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ ହେବ ଆଉ କେବେ ନାକ୍ ମାନ୍ୟତା ଲାଗି ବିଶ୍ୱବିଦ୍ୟାଳୟ ଆବେଦନ କରିବ ତାହା ଏକ ସ୍ୱପ୍ନ ପାଲଟିଛି । ରାଜ୍ୟର ଏକମାତ୍ର ମହିଳା ବିଶ୍ୱବିଦ୍ୟାଳୟ ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟରେ ବର୍ତ୍ତମାନ ୨୩ ଏକର ଜାଗାରେ ପରିଚାଳିତ ହେଉଛି । ରାଜ୍ୟରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ତୁଳନାରେ ଏହାର କ୍ୟାମ୍ପସ ସବୁଠାରୁ ଛୋଟ । କିନ୍ତୁ ବିଶ୍ୱବିଦ୍ୟାଳୟରେ ୨୭ଟି ସ୍ନାତକ ଓ ୧୨ରୁ ଅଧିକ ସ୍ନାତକୋତ୍ତର ବିଭାଗରେ ୪ହଜାରରୁ ଉର୍ଦ୍ଧ୍ୱ ପିଲା ପାଠପଢୁଛନ୍ତି । ଏହା ସହିତ ୪୮ଟି ଅନୁବନ୍ଧିତ କଲେଜ ମଧ୍ୟ ପରିଚାଳିତ । ବିଶ୍ୱବିଦ୍ୟାଳୟ ଘୋଷଣା ହେବା ପୂର୍ବରୁ ରମାଦେବୀ ମହିଳା ମହାବିଦ୍ୟାଳୟରେ ଯେତିକି ସ୍ଥାନ ଥିଲା ସେଥିରେ ଏବେ ପୂରା ବିଶ୍ୱବିଦ୍ୟାଳୟ ଚଳାଇବା କଷ୍ଟକର ହୋଇପଡୁଛି । ଦ୍ୱିତୀୟ କ୍ୟାମ୍ପସ୍ ତିଆରି କଥା ତ ଦୂରର କଥା ଜମି ଏଯାଏ ଚିହ୍ନଟ ହୋଇପାରୁନି । ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ବାରମ୍ବାର ଦାବିହେବା ସହ ଅନେକ ଉଚ୍ଚ ଅଧିକାରୀଙ୍କୁ ନେଇ ବୈଠକ କରାଯାଇଛି । କିନ୍ତୁ ସ୍ଥାନ ଚିହ୍ନଟ ହୋଇପାରୁନି । ୨୦୧୬ ମସିହାରେ ତତ୍କାଳୀନ କୁଳପତିଙ୍କ ସମୟରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଗୋଠପାଟଣାରେ ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ ଲାଗି ଜମି ଯୋଗାଇଦେବା ଲାଗି କହିଥିଲେ । ହେଲେ ଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସେଠାରେ କ୍ୟାମ୍ପସ ନିର୍ମାଣକୁ ବିରୋଧ କରାଯାଇଥିଲା । ଏହା ପରଠାରୁ ଦ୍ୱିତୀୟ କ୍ୟାମ୍ପସ ନିର୍ମାଣ କଥା ଆଉ ଉଠୁନି । ଏସବୁ ବ୍ୟତୀତ ବିଶ୍ୱବିଦ୍ୟାଳୟ ପାଇଁ ଆହୁରି ଅନେକ ଆହ୍ୱାନ ରହିଛି । ଏପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟରୁ ଯୁକ୍ତ ଦୁଇ ଅଲଗା ହୋଇପାରିଲା ନାହିଁ । ଗୋଟିଏ କ୍ୟାମ୍ପସ୍ ଭିତରେ ଯୁକ୍ତ ଦୁଇ, ଯୁକ୍ତ ତିନି ଓ ପିଜି ପିଲାମାନେ ଶିକ୍ଷାଗ୍ରହଣ କରୁଛନ୍ତି । କର୍ମଚାରୀଙ୍କ ଲାଗି କ୍ୱାର୍ଟର୍ସ ଠାରୁ ଆରମ୍ଭ କରି ଖେଳପଡ଼ିଆ, ଗବେଷଣାଗାର ପ୍ରତିଷ୍ଠା ଭଳି ଅନେକ ଯୋଜନା କାର୍ଯ୍ୟକାରୀ ହୋଇପାରୁନି । ତେଣୁ ନାମକୁ ମାତ୍ର ବିଶ୍ୱବିଦ୍ୟାଳୟ ମାନ୍ୟତାରେ ରମାଦେବୀ ଅଟିକିଛି । ତେବେ ଏ ସମ୍ପର୍କରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ଓ ଆନୁଷଙ୍ଗିକ ବିକାଶ ପ୍ରକ୍ରିୟା ଜାରିରହିଛି । ଚଳିତ ବର୍ଷ ନାକ୍ ପାଇଁ ଆବେଦନ କରାଯିବ । ଏଥିଲାଗି ପ୍ରସ୍ତୁତି ମଧ୍ୟ ଚାଲିଥିବା କର୍ତ୍ତୃପକ୍ଷ ଦର୍ଶାଇଛନ୍ତି ।

# ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ ନିର୍ଦ୍ଦେଶରେ ଜବର ଦଖଲ ଜମି ଉଚ୍ଛେଦ ନୋଟିସ, ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା



ଖଣ୍ଡପଡା, (ପିପିଏସ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ ଗ୍ରାମରେ ଅବସ୍ଥିତ ଗୋପୀନାଥ ଦେବଙ୍କ ୧୭୭ ଡିସିମିଲ ଜମି କରବର ପଞ୍ଚାୟତ ମାଣିତ୍ରି ଗ୍ରାମରେ ରହିଛି । ଉକ୍ତ ଜମି ଉପରେ ମାଣିତ୍ରୀ ଗ୍ରାମର ୧୮ ଟି ପରିବାରର ପ୍ରାୟ ୨୦୦ ରୁ ଅଧିକ ସଦସ୍ୟ ୧୫୦ ବର୍ଷରୁ ଉର୍ଦ୍ଧ ସମୟ ଧରି ବସବାସ କରିବା ସହିତ ସେ ସମ୍ପତ୍ତି ଭୋଗ ଓ ଦଖଲରେ ରହିଛନ୍ତି । କିନ୍ତୁ, ସେ ଜମି ଉପରୁ ଉଚ୍ଛେଦ କରି ନିଜ ଅକ୍ତିଆର,କୁ ଆଣିବା ପାଇଁ ଗୋପୀନାଥ ଦେବ ମନ୍ଦିର ପରିଚାଳନା କମିଟି ଦୀର୍ଘ ଦିନ ହେଲା ରାଜ୍ୟ ଦେବୋତ୍ତର ଆୟୁକ୍ତ ଙ୍କ ନିକଟରେ ଲିଖିତ ଅଭିଯୋଗ ସହ ମାମଲା ରୁଜୁ କରିଥିଲେ । ବର୍ତ୍ତମାନ ରାଜ୍ୟ ଦେବୋତ୍ତର ଆୟୁକ୍ତଙ୍କ ତରଫରୁ ଭାପୁର ତହସିଲଦାର କାର୍ଯ୍ୟାଳୟକୁ ମାଣିତ୍ରି ଗ୍ରାମର ୧୮ ଟି ପରିବାରକୁ ଉକ୍ତ ଜବର ଦଖଲ ଜମି ଉପରୁ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଆସିଛି । ୧୭୭ ଡିସିମିଲ ଜମିକୁ ଉଚ୍ଛେଦ କରି ମନ୍ଦିର ପରିଚାଳନା କମିଟିକୁ ହସ୍ତାନ୍ତର କରିବା ପାଇଁ ଭାପୁର ତହସିଲଦାରଙ୍କ ନିକଟକୁ ଚିଠି ଆସିବାପରେ ଉକ୍ତ ଜମିରେ ଜବର ଦଖଲ କରି ରହିଥିବା ୧୮ଟି ପରିବାରଙ୍କୁ ଆସନ୍ତା ୧୬ ତାରିଖ ଭିତରେ ଜବର ଦଖଲରୁ ହଟିବା ପାଇଁ ଲିଖିତ ଭାବରେ ଜଣେଇ ଦେଇଛନ୍ତି । ଆସନ୍ତା ୧୬ ତାରିଖ ପ୍ରଥମ ପର୍ଯ୍ୟାୟରେ ନିତ୍ୟାନନ୍ଦ ରାଉତ,ଦୀନବନ୍ଧୁ ମହାନ୍ତି ଓ ଶଙ୍କର୍ଷଣ ମହାନ୍ତିଙ୍କ ଜମି ଉଚ୍ଛେଦ ହେବା ପାଇଁ ସ୍ଥିର ହୋଇଛି ଓ ପରେ ପରେ ପର୍ଯ୍ୟାୟକ୍ରମେ ଅନ୍ୟ ପରିବାରଙ୍କୁ ଉଚ୍ଛେଦ କରାଯିବ । ଫଳରେ, ବର୍ତ୍ତମାନ ଗ୍ରାମବାସୀ ତଥା ଜବର ଦଖଲ କରି ରହୁଥିବା ପରିବାରଙ୍କ ଭିତରେ ତୀବ୍ର ଉତେଜନା ପରିସ୍ଥିତି ଲାଗି ରହିଛି । ଏ ବାବଦରେ ପୀଡ଼ିତ ପରିବାର ଉଚ୍ଚ ନ୍ୟାୟଳୟର ଆଶ୍ରୟ ନେବା ସହିତ ନୟାଗଡ ଜିଲ୍ଲାପାଳ ଓ ଭାପୁର ତହସିଲଦାରଙ୍କୁ ଲିଖିତ ଭାବେ ଅଭିଯୋଗ କହିଛନ୍ତି । ମାତ୍ର, ପ୍ରଶାସନ କୌଣସି ପଦକ୍ଷେପ ନେଇନାହାନ୍ତି । ପୀଡ଼ିତ ପରିବାରରୁ ବର୍ତ୍ତମାନ ପିଢ଼ିର ସଦସ୍ୟ କହନ୍ତି, ଆମେ ଏହି ସମ୍ପତ୍ତିକୁ ପୂର୍ବପୁରୁଷ ରୁ ଭୋଗ ଦଖଲରେ ରହିଆସିଛୁ କିନ୍ତୁ,ଏହା ଦେବୋତ୍ତର ସମ୍ପତ୍ତି ବୋଲି ଆମେ ଜାଣିନାହୁଁ, ଏବେ ଜାଣିଲୁ ଯଦି,ସରକାରଙ୍କ ତରଫରୁ ନୋଟିସ ଆସିଛି ତେବେ ଦେବୋତ୍ତର ବିଭାଗ କୁ କ୍ଷତିପୂରଣ ଦେବା ପାଇଁ ରାଜି ଅଛୁ । କିନ୍ତୁ, ରାଜ୍ୟ ସରକାର ଜୋର୍ ଜବରଦସ୍ତ ଉକ୍ତ ସମ୍ପତ୍ତିକୁ ନିଜ ଅକ୍ତିଆରକୁ ନେବା ଭଳି ଯଦି କୌଣସି ଅପ୍ରତିକାର ପରିସ୍ଥିତି ସୃଷ୍ଟି କରନ୍ତି ସେଥିପାଇଁ ପ୍ରଶାସନ ଦାୟୀ ରହିବ ବୋଲି ଚେତାବନୀ ଦେଇଛନ୍ତି । ତେଣୁ ଆସନ୍ତା ୧୬ତାରିଖ ଦିନ କୌଣସି ଅପ୍ରତିକାର ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ବ୍ଲକ ପ୍ରଶାସନ ତଥା ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ ଘଟଣା କୁ ସମାଧାନ କରିବା ପାଇଁ ଭାପୁର ବ୍ଲକ ଅଞ୍ଚଳର ବୁଦ୍ଧିଜୀବୀ ତଥା ସମାଜସେବୀମାନେ ଦାବି କରିଛନ୍ତି ।

# ପଞ୍ଚାୟତ ଉନ୍ନୟନ ଯୋଜନା ସମୀକ୍ଷା



ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ପରିସରରେ ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ ଆଜି ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିଛନ୍ତି । ବିଡିଓ, ତହସିଲଦାର, ବିଇଓ, ଥାନାଧିକାରୀଙ୍କ ଉପସ୍ଥିତିରେ ଷୋଳମପୁର, ସରସଦା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଉନ୍ନୟନମୂଳକ ଯୋଜନାର ଅଗ୍ରଗତି, ଆବଶ୍ୟକତା, ରୂପାନ୍ତରିତ ସ୍କୁଲ ଓ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସଂପୃକ୍ତ ପଞ୍ଚାୟତର ସରପଞ୍ଚ, ଦେବେନ୍ଦ୍ର ଦାଶ, ହେମନ୍ତ ଜେନା, ଧ୍ରୁବଚରଣ ବାରିକ ପ୍ରମୁଖ ସମୀକ୍ଷାରେ ଅଂଶଗ୍ରହଣ କରିଥିଲେ ।

# ଭରସାଯୋଗ୍ୟ ବିଜୁଳି ଯୋଗାଣ ପାଇଁ ଟିପିଏସ୍ଓଡିଏଲ୍ ପକ୍ଷରୁ ଭ୍ରାମ୍ୟମାଣ ସବଷ୍ଟେସନ ମୁତୟନ



ବ୍ରହ୍ମପୁର, (ପିପିଏସ) : ଗ୍ରାହକମାନଙ୍କ ପାଇଁ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣକୁ ନିଶ୍ଚିତ କରିବା ଲାଗି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଏହାର ସମସ୍ତ ସର୍କଲରେ ଏବେ ଭ୍ରାମ୍ୟମାଣ ସବଷ୍ଟେସନ ମୂତୟନ କରାଯାଇଛି । ଏହା ଫଳରେ ବିଭ୍ରାଟ ସମୟରେ ବିଜୁଳି ଯୋଗାଣ ସୁଗମ ହେବ । ଛଅଟି ସର୍କଲ୍ ଯଥା ବ୍ରହ୍ମପୁର ସର୍କଲ୍, ସିଟି ସର୍କଲ, ରାୟଗଡ଼ା ସର୍କଲ, ଜୟପୁର ସର୍କଲ୍, ଆସ୍କା ସର୍କଲ୍ ଓ ଭଞ୍ଜନଗର ସର୍କଲରେ ୧୧/୦.୪ କେଭିର ଗୋଟିଏ ଲେଖାଏଁ ଭ୍ରାମ୍ୟମାଣ ସବଷ୍ଟେସନ ମୂତୟନ କରାଯାଇଛି । ଏହି ଭ୍ରାମ୍ୟମାଣ ସବଷ୍ଟେସନଗୁଡ଼ିକ ହେଉଛି ଛୋଟ ପ୍ଲଗ୍-ଇନ୍ ସବଷ୍ଟେସନ ଯେଉଁଥିରେ ରହିଛି ଏକ ବଣ୍ଟନ ଟ୍ରାନ୍ସଫରମର, ହାଇ ଓ ଲୋ-ଟେନସନ ସୁରକ୍ଷା ଉପକରଣ ଯାହାକୁ ଏକ ଭ୍ରାମ୍ୟମାଣ ଟ୍ରଲି ଉପରେ ରଖାଯାଇଛି ଏବଂ ଯେକୌଣସି ଜରୁରୀକାଳୀନ ସମୟରେ ବିଦ୍ୟୁତ ଯୋଗାଣକୁ ସ୍ୱାଭାବିକ କରିବା ଲାଗି ତୁରନ୍ତ ତାହାକୁ ବ୍ୟବହାର କରିହେବ । ପରିବହନ ସମୟ ବାଦ ପ୍ରାୟ ଦେଢ଼ ଘଂଟା ଭିତରେ ଭ୍ରାମ୍ୟମାଣ ସବଷ୍ଟେସନକୁ ସେବାରେ ବ୍ୟବହାର କରିହେବ । "ଆମ ଗ୍ରାହକମାନଙ୍କ ଲାଗି ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବା ଦିଗରେ ଆମେ ନିରନ୍ତର ଉଦ୍ୟମ କରୁଛୁ । ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଏହି ଛୋଟ ସବଷ୍ଟେସନଗୁଡ଼ିକ ବିଶେଷ ସହାୟକ ହେବ କାରଣ ଏହା ବିଦ୍ୟୁତ ଯୋଗାଣକୁ ତୁରନ୍ତ ସ୍ୱାଭାବିକ କରିବାରେ ସହାୟକ ହୋଇପାରିବ । ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ବଣ୍ଟନର ଦୃଢ଼ତାକୁ ନିଶ୍ଚିତ କରିବା ଲାଗି ଆମ ଟିମ୍ ଅଭିନବ ନୂଆ ପଥ ଓ ମାଧ୍ୟମକୁ ପ୍ରାଧାନ୍ୟ ଦେଇ ଆସିଛି ବୋଲି ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅରବିନ୍ଦ ସିଂହ କହିଛନ୍ତି ।'' ଭ୍ରାମ୍ୟମାଣ ସବଷ୍ଟେସନର ଲାଭ : ତ୍ରୁଟିପୂର୍ଣ୍ଣ ବଂଟନ ଟ୍ରାନ୍ସଫରମର ମାମଲାରେ ବିଦ୍ୟୁତ ସେବାକୁ ସ୍ୱାଭାବିକ କରିବା ଲାଗି ଭ୍ରାମ୍ୟମାଣ ସବଷ୍ଟେସନକୁ ଶୀଘ୍ର ବ୍ୟବହାର କରିହେବ । ହସ୍ପିଟାଲ ଓ ଜଳ ଯୋଗାଣ ଭଳି ଗୁରୁତ୍ୱପୂର୍ଣ୍ଣ ଜରୁରୀକାଳୀନ ସେବା ମାମଲାରେ ଶୀଘ୍ର ବିଦ୍ୟୁତ ଯୋଗାଣକୁ ସ୍ୱାଭାବିକ କରିବାରେ ଏହି ସବଷ୍ଟେସନଗୁଡ଼ିକ ବିଶେଷ ସହାୟକ ହୋଇପାରିବ । ଡିଏସ୍ଏସ୍ ର ମରାମତି ଭଳି ମାମଲାରେ ଗ୍ରାହକମାନଙ୍କୁ ବିଦ୍ୟୁତ ଯୋଗାଣ ପାଇଁ ଭ୍ରାମ୍ୟମାଣ ସବଷ୍ଟେସନ ବ୍ୟବହାର କରାଯାଇପାରିବ । ସବଷ୍ଟେସନଗୁଡ଼ିକ ଛୋଟ ଓ ସହଜରେ ପରିବହନ କରିହେବ । ତେଣୁ ଝଡ଼ ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତୁରନ୍ତ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କରିବାରେ ସହାୟକ ହେବ ପ୍ରକଳ୍ପ କାର୍ଯ୍ୟ ସମୟରେ ସାମୟିକ ବିଦ୍ୟୁତ ଯୋଗାଣ ପାଇଁ ଏହାକୁ ବ୍ୟବହାର କରିହେବ ।

# ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ




ଧାମନଗର, (ପିପିଏସ) : ଧାମନଗର ଏନ ଏ ସି ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ବିଶେଷଜ୍ଞ ଡାକ୍ତର,ଜରୁରୀ ସେବା,ଆବଶ୍ୟକୀୟ କର୍ମଚାରୀ ଏପରିକି ରୋଗୀ ସହଯୋଗୀଙ୍କ ବିଶ୍ରାମାଗାର, ପରିଶ୍ରାଗାର, ପିଇବା ପାଣିର ଅଭାବ ସମ୍ପର୍କରେ ପ୍ରାୟ ଉଣାଅଧିକ ସଭିଏଁ ଜାଣନ୍ତି । ସେହିପରି ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଧୁଷୁରୀ ଏରିଆ ହସ୍ପିଟାଲ ବାଦ ୧୨ ଟି ପିଏଚସି ମଧ୍ୟରୁ ନଦୀଗାଁ, ମହତାବ ନଗର (ବେତଳିଗାଁ), ଖଡିମାହାରା, ହସନାବାଦ ପିଏଚସିରେ କୌଣସି ଏଲୋପାଥିକ ଡାକ୍ତର ନାହାନ୍ତି । ଅବଶ୍ୟ ସୋହଡା ପିଏଚସିରେ ଦୀର୍ଘ ୧୧ ମାସ ଛୁଟିରେ ରହିବାପରେ ଏବେ କିଛି ଦିନ ତଳେ ଡାକ୍ତର ଯୋଗ ଦେଇଛନ୍ତି । ଏଲୋପାଥିକ ଡାକ୍ତର ନଥିବା ଧୁଷୁରୀ, ମହତାବ ନଗର, ହସାନାବାଦ ଓ ଖଡିମାହାରା ପିଏଚସି ଚାଲିଛି ଆୟୁଷ ଡାକ୍ତରଙ୍କୁ ନେଇ । ସେହିପରି ବାଲିପାଟଣା, ଖଡ଼ିମାହାରା ଓ ଦେହୁଡ଼ି ଆନନ୍ଦପୁର ପିଏଚସିରେ ଫାର୍ମାସିଷ୍ଟ ନାହାନ୍ତି । ସେହିଭଳି ଅଧିକାଂଶ ହୋମିଓପାଥିକ ଡାକ୍ତରଖାନାରେ ନାହାଁନ୍ତି ଡାକ୍ତର ଓ ଫାର୍ମାସିଷ୍ଟ । ଆୟୁର୍ବେଦିକ ଡାକ୍ତରଖାନା ଅବସ୍ଥା ମଧ୍ୟ ତଦ୍ରୂପ । ଏପରି ସ୍ଥଳେ ଏନଏସି ଓ ଗ୍ରାମାଞ୍ଚଳରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ହେଉଛି ନୂଆ ଡାକ୍ତରଖାନା । ଗତ କିଛି ଦିନ ତଳେ ଧାମନଗର ଏନଏସି ଆନୁକୁଲ୍ୟରେ ତହସିଲ ନିକଟରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦଘାଟନ ହେଲା । ସେଥିରେ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ଓ ଅନ୍ୟ ୨ ଜଣ ସହଯୋଗୀ କର୍ମଚାରୀଙ୍କୁ ଅଣାଗଲା । ଏଥିରେ ସହରାଞ୍ଚଳ ଲୋକଙ୍କର କି ଲାଭ ହେଲା । ଆରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବାର ଅଛିତ ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ରର ଆବଶ୍ୟକ ବିଭିନ୍ନ ପ୍ରକାର ଭିତ୍ତିଭୂମିର ବିକାଶ କର । ଆବଶ୍ୟକ ଡାକ୍ତର, ବିଶେଷଜ୍ଞ ଡାକ୍ତର ,ଫାର୍ମାସିଷ୍ଟ, ଆଧୁନିକ ଯନ୍ତ୍ରପାତି, ଜରୁରୀକାଳୀନ ସେବାକୁ ପ୍ରାଥମିକତା ଦେଇ ଏସବୁ ପୂରଣକଲେ ଲୋକେ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇବେ । ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୁଇଟି ବିଶେଷଜ୍ଞ ମଧ୍ୟରୁ ଖୋଦ ସ୍ୱାସ୍ଥ୍ୟ ଅଧିକାରୀ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ହୋଇଥିବା ବେଳେ ଜଣେ ଶିଶୁରୋଗ ବିଶେଷଜ୍ଞ ନିହାତି ଆବଶ୍ୟକ । ଏଥି ସହିତ ଅଧିକ କ୍ଷମତା ସମ୍ପନ୍ନ ଡିଜେଲ ଜେନେରେଟର (ଡି ଜି) ରହିବା ଦରକାର । ଏସବୁ ଅସୁବିଧାକୁ ତୁରନ୍ତ ପୂରଣ କରାଯାଉ । ଖାଲି ନୂଆ ନୂଆ ଘର ତିଆରି କଲେ ରୋଗୀ ସ୍ୱାସ୍ଥ୍ୟ ସେବା ପାଇବେ ନାହିଁ । ଅଯଥା ବେସରକାରୀ ଡାକ୍ତରଖାନାଭିମୁଖୀ ହେବେ । ଏହା ଦ୍ୱାରା ଗରିବ ଦୁଃଖ ପାଇବେ ମଧ୍ୟବିତ୍ତ ନାନା ଅସୁବିଧା ଭୋଗିବେ ।

# ଇଟାମାଟି ପଞ୍ଚାୟତର କୋଡିଏ ଛାମୁଆଁ ବିଜେପି କର୍ମୀ ବିଜେଡିରେ ସାମିଲ



ନୟାଗଡ଼, (ପିପିଏସ) : ବିଜୁ ଜନତା ଦଳର ନୀତି ଓ ଆଦର୍ଶ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା, ନୟାଗଡ଼ ନିର୍ବାଚନ ମଣ୍ଡଳୀରେ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ସାଂଗଠନିକ ଦକ୍ଷତା ଆଗରେ ବିରୋଧି ଶକ୍ତିହୀନ ହେଉଛନ୍ତି । ବିରୋଧି ଦଳର ନେତୃତ୍ୱ ନେଉଥିବା ବ୍ୟକ୍ତି ଦିନକୁ ଦିନ ଦୁର୍ବଳ ହେଉଛନ୍ତି । କିଛିଦିନ ତଳେ ନୟାଗଡ଼ ଓଡ଼ଗାଁ ବ୍ଲକର ୪୫ ପରିବାର ଝାରସୁଗୁଡ଼ା ଯାଇ ବିଜୁ ଜନତା ଦଳରେ ସାମିଲ ହେଉଥିବା ବେଳେ ଆଜି ନୟାଗଡ଼ ବ୍ଲକ ଇଟାମାଟି ପଞ୍ଚାୟତର ୨୦ ଜଣ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉପରେ ଅସ୍ଥାପ୍ରକଟ କରି ସେମାନେ ଦଳରେ ସାମିଲ ହୋଇଥିବାବେଳେ ବିଜେପିରେ ଚାଲିଥିବା ଅନ୍ତଃକନ୍ଦଳ ସେମାନଙ୍କୁ ଦଳ ଛାଡ଼ିବାକୁ ବାଧ କରିଥିବା କହିଛନ୍ତି । ନୟାଗଡ଼ ବିଜେପିରେ ସଂଗଠନ ମଧ୍ୟ ଦୁର୍ବଳ ହେଉଥିବା ଦେଖାଯାଇଛି । ସେମାନଙ୍କ ଭରସା ନଥିବା ବିଜେପି କର୍ମୀମାନେ କହିଛନ୍ତି । ନୟାଗଡ଼ର ବିକାଶ ଓ ଉନ୍ନତୀକୁ ଜୀବନର ମନ୍ତ୍ର କରିଥିବା ବିଧାୟକ ଡ. ସାହୁଙ୍କ ସହ ରହି କାମ କରିବେ ବୋଲି ସେମାନେ କହିଛନ୍ତି । ବିଜେପି ଛାଡ଼ି ଇଟାମାଟି ପଞ୍ଚାୟତ ୧୮ ନମ୍ବର ୱାର୍ଡ଼ ମେମ୍ବର ଅଜୟ କୁମାର ପରିଡ଼ା, ଯୁବମୋର୍ଚ୍ଚାର ଦାଶରଥି ଖଟେଇ, କେଦାର ଖଟେଇ, ଆଲୋକ ଖଟେଇ, ଅଧିକାରୀ ପରିଡ଼ା, ସିଲୁ ପରିଡ଼ା, ଗୁଲୁବାସ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଆଲୋକ ପରିଡ଼ା, ଆନନ୍ଦ ପରିଡ଼ା, ଦିଲ୍ଲୀପ ପ୍ରଧାନ, ଦେବପ୍ରସାଦ ବେହେରା ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ନୟାଗଡ଼ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ସାହୁ ତାଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଛନ୍ତି ।

# ମୟୂରଝାଲିଆ ଖଣିମାଫିଆଙ୍କୁ ରଣପୁର ତହସିଲର ମୁହଁ ତୋଡ ଜବାବ



ନୟାଗଡ଼, (ପିପିଏସ) : ମାଟିରେ ମିଶିଲା ଖଣି ମାଫିଆଙ୍କ ଅସ୍ଥାୟୀ କ୍ୟାମ୍ପ ନୟାଗଡ ରଣପୁର ତହସିଲର ମୟୁରଝାଲିଆ ବେଆଇନ ମାଙ୍କଡ଼ା ପଥର ଖଣି ଖନନ ମାମଲା, ଏନଜିଟି ରିପୋର୍ଟରେ ବେଆଇନ ଘୋଷଣା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଜିଲ୍ଲା ପ୍ରଶାସନ, ରଣପୁର ତହସିଲଦାର ଏବଂ ପୋଲିସ ଫୋର୍ସ ଉପସ୍ଥିତି ଜେସିବି ମେସିନ ସାହାର୍ଯ୍ୟରେ ଅସ୍ଥାୟୀ ଘରକୁ ଭାଙ୍ଗି ମାଟିରେ ମିଶାଯାଇଛି, ଘଟଣା ସ୍ଥଳରୁ ଛତ୍ରଭଙ୍ଗ ଦେଇଛନ୍ତି ଖଣି ମାଫିଆ, ଗତକାଲି ରଣପୁର ତହସିଲ ପକ୍ଷରୁ କୁଶପଲ୍ଲୀ ବେଆଇନ ଖଣି ଖନନ ଉପରେ ଚଢ଼ାଉ ବେଳେ ଖଣି ମାଫିଆ ଆକ୍ରମଣ କରିଥିଲେ ଏନଫୋର୍ସମେଣ୍ଟ ଟିମକୁ, ଅଭିଯୋଗ ଅନୁଯାୟୀ ଏନଫୋର୍ସମେଣ୍ଟ ଟିମକୁ ଖଣି ମାଫିଆ ମାନେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଖଣି ମାଫିଆମାନେ ଜୋର ଜବରଦସ୍ତ ଗାଡି ନେଇଯିବା ସହ ଗାଡି ଚଢାଇ ମାରି ଦେବାକୁ ଉଦ୍ୟମ କରିଥିବା ମଧ୍ୟ ଅଭିଯୋଗ ହୋଇଛି ।ଏଥିରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଏନଫୋର୍ସମେଣ୍ଟ ଟିମର ସଦସ୍ୟ ସୁଦାମ ଚରଣ ବେହେରା । ଏ ନେଇ ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ରଣପୁର ଅତିରିକ୍ତ ତହସିଲଦାରଙ୍କ ନେତୃତ୍ୱରେ ୮ଜଣିଆ ଟିମ୍ କୁଶପଲ୍ଲୀ ଗାଁ ନିକଟରେ ଥିବା ବେଆଇନ ଖଣି ଖନନ ଉପରେ ଚଢ଼ାଉ କରିଥିଲେ । ଏନଫୋର୍ସମେଣ୍ଟ ଟିମ କୁ ଆକ୍ରମଣ କରି ଘଟଣାସ୍ଥଳରୁ ଚମ୍ପଟ କରିଥିଲେ ଖଣି ମାଫିଆ ମାନେ । ଗୋଟିଏ ବୁଲେଟ୍, ପଥର ବୋଝେଇ ଟ୍ରକ୍, କଟର ନେଇ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି । ୨୦ରୁ ଅଧିକ ପଥର ମାଫିଆ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆହତ କର୍ମଚାରୀଙ୍କୁ ଚାନ୍ଦପୁର ବସନ୍ତ ମଞ୍ଜରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଇଛି । ଏହି ଚଢ଼ାଉ ବେଳେ ରଣପୁର ତହସିଲର ରାଜସ୍ୱ ସୁପର ଭାଇଜର ଶିବନାରାୟଣ ପ୍ରଧାନ, ଝାରପଡା ଆରଆଇ ଅନିଲ ବେହେରା, ରାଇପଡା ଆରଆଇ ରାକେଶ ରଞ୍ଜନ ସେଠି ଓ ରଣପୁର ତହସିଲର ଚାରି ଜଣ ଅମିନ ସାମିଲ ହୋଇଥିଲେ । ଅଭିଯୋଗ ପରେ ଚାନ୍ଦପୁର ପୋଲିସ୍ ପକ୍ଷରୁ ଆରମ୍ଭ ହୋଇଛି ତଦନ୍ତ, ସେପଟେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୁଶପଲ୍ଲୀ ଖଣି ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଥିବା ରଣପୁର ତହସିଲଦାର କହିଛନ୍ତି ।

# ଚୋରା କୋଇଲା ବୋଝେଇ ଗାଡ଼ି ଜବତ, ଜଣେ ଗିରଫ



ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡି ବ୍ଲକ ପୀରହାଟ ଥାନା ଅଧୀନ ପୀରହାଟ ବଜାରରୁ ଏକ ଚୋରା କୋଇଲା ବୋଝେଇ ଟାଟାଏସି ଗାଡ଼ି (ନଂ. ଓଡି ୧୧ ୬୩୧୫)କୁ ପୁଲିସ ଜବତ କରିବା ସହ ଗାଡ଼ି ମାଲିକ ଘଟପୁର ଗ୍ରାମର ବିଶ୍ୱନାଥ ଦାସଙ୍କ ପୁଅ ନାରାୟଣ ଦାସ (୨୫)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ପ୍ରକାଶ ଯେ, ବୁଧବାର ବିଳମ୍ବିତ ରାତିରେ ପୀରହାଟ ଥାନା ଅଧିକାରୀ ଗୟାଧର ବେହେରା ରାତ୍ରିକାଳୀନ ପେଟ୍ରୋଲିଂ କରୁଥିଲେ । ଏହି ସମୟରେ ଧାମରା ରେଳପଥରୁ ଟାଟାଏସି ଗାଡ଼ିରେ ୧୨ କୁଇଣ୍ଟାଲ ଚୋରା କୋଇଲା ବୋଝେଇ କରି ଘଟପୁର ଅଭିମୁଖେ ଯାଉଥିବା ବେଳେ ଥାନା ଅଧିକାରୀ ଶ୍ରୀ ବେହେରା ପୀରହାଟ ବଜାର ସ୍ଥିତ ବ୍ୟାଙ୍କ ସମ୍ମୁଖରେ ଗାଡ଼ିକୁ ଧରି ଜବତ କରିଥିଲେ ।

# ଲାଞ୍ଜିପଲ୍ଲୀ ଅଧିଷ୍ଠାତ୍ରୀ ଦେବୀ ମାଆ ତାରାଦେବୀଙ୍କ ଯାତ୍ରା ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି

ବ୍ରହ୍ମପୁର, (ପିପିଏସ) : ମାଆଙ୍କୁ ଦର୍ଶନ କରିବା ପାଇଁ ବ୍ରାହ୍ମଣ ସାହି ଅସ୍ଥାୟୀ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ଜମୁଛି । ଲାଞ୍ଜିପଲ୍ଲୀ ସମେତ ସହରର ଏବଂ ସହର ବାହାରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଗହଳି ଲାଗୁଛି । ଆଜି ମଧ୍ୟ ମାଆଙ୍କ ବିଶ୍ରାମ ରହିଥିବା ବେଳେ ସକାଳେ କୁଙ୍କୁମ ପୂଜା ହୋଇଛି । ବହୁ ମହିଳା ଶ୍ରଦ୍ଧାଳୁ ମଣ୍ଡପକୁ ଆସି କୁଙ୍କୁମ ଅର୍ପଣ କରିଥିଲେ । ସକାଳୁ ମଙ୍ଗଳ ଆରତୀ, ବାଳଭୋଗ ହେବା ପରେ କୁଙ୍କୁମ ପୂଜା ହୋଇଥିଲା । ଏହାପରେ ସାଧାରଣ ଦର୍ଶନ ଓ ଅନ୍ନଭୋଗ ହୋଇଥିଲା । ଆଜି ମାଆ ବିଶ୍ରାମ ନେବା ସହ ଶ୍ରଦ୍ଧାଳୁଙ୍କୁ ମଣ୍ଡପରେ ହିଁ ଦର୍ଶନ ଦେଇଥିଲେ । ସନ୍ଧ୍ୟାରେ ୧୦୮ ଆଳତୀ ହୋଇଥିବା ବେଳେ ଆଳତୀ ସମୟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହୋଇଥିଲା । ମୁଖ୍ୟ ପୂଜକ ଭଗବାନ ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ଚାଲୁ ରହିଥିବା ସଭାପତି ଭଗବତ ପ୍ରସାଦ ସିଂହଦେଓ, ସମ୍ପାଦକ ବି. ହୃଷିକେଶ ପାତ୍ର ଏବଂ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

# ରଣଜିତ ପଞ୍ଚାୟତରେ ୫୦ଲକ୍ଷ ଟଙ୍କାର ଶିଳାନ୍ୟାସ

ଭଦ୍ରକ, (ପିପିଏସ) : ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରଣଜିତ ପଞ୍ଚାୟତର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ପ୍ରଖ୍ୟାତ ଶକ୍ତିପୀଠ କୌଣ୍ଡେଶ୍ୱର ମହାଦେବଙ୍କୁ ସଂଯୋଗକାରୀ ରାସ୍ତା କଂକ୍ରିଟକରଣ ପ୍ରକଳ୍ପ, ରଣଜିତ ଅଙ୍ଗନୱାଡି କେନ୍ଦ୍ର ପ୍ରକଳ୍ପ, ଛତାବର-ବଳିଘାଇ ପୂର୍ତ୍ତରାସ୍ତାରୁ ମଞ୍ଜୁରୀ ସେବାଶ୍ରମ ବିଦ୍ୟାଳୟ ସଂଯୋଗକାରୀ ରାସ୍ତା କଂକ୍ରିଟକରଣ ପ୍ରକଳ୍ପ, ସିମୁଳିଆ ଗ୍ରାମରାସ୍ତା ଉନ୍ନତିକରଣ, ହନୁମାନ ମନ୍ଦିର, ବାସୁଳାଇ ମନ୍ଦିର ବିକାଶ ପ୍ରକଳ୍ପ ଓ ସୋଲାର ଆଲୋକିକରଣ ପ୍ରକଳ୍ପଗୁଡିକର ଶିଳାନ୍ୟାସ ପଞ୍ଚାୟତ ସମିତି ଅଧକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟାନନ୍ଦ ରାଉତ, ସରପଞ୍ଚ ସୁଜାତା ସାହୁ, ଯୁବନେତା ସୁଶାନ୍ତ ମଲ୍ଲିକ ଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ । ଏଥିପାଇଁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନାରେ ୪୦ ଲକ୍ଷ ଓ ଏଫ.ଡି.ଆର. ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଶିଳାନ୍ୟାସରେ ପଣ୍ଡିତ ଭାଗବତ ମିଶ୍ର ବେଦପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାଏବ ସରପଞ୍ଚ ଝିଲ୍ଲୀ ମଲ୍ଲିକ୍, ହରେକୃଷ୍ଣ ଦାସ, ପ୍ରତାପ ମହାନ୍ତି, ସୁଦର୍ଶନ ରାଉତ, ଶତ୍ରୁଘ୍ନ ମଲ୍ଲିକ୍, ଭରତ ମଲ୍ଲିକ୍, ଦିଲ୍ଲିପ ରାଉତ, ବିନୋଦ ସେଠୀ, ନକୁଳ ମଲ୍ଲିକ୍, ଜଗତ ସେଠୀ, ମନୋଜ ମଲ୍ଲିକ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ ।

# ନୂଆଦିଲ୍ଲୀରେ ଶୋଭନୀୟ ଆନ୍ଦୋଳନର ପ୍ରତିଷ୍ଠା ଦିବସ ପାଳନ



ବରୀ, (ପିପିଏସ୍) : ନୂଆଦିଲ୍ଲୀଠାରେ ଶୋଭନୀୟ ଆନ୍ଦୋଳନର ୬୧ତମ ପ୍ରତିଷ୍ଠା ଦିବସ ପାଳନ କରାଯାଇଛି ।ଏନେଇ ଆଜି ଏକ ପ୍ରେସ ବିବୃତି ରେ ବରିଷ୍ଠ ସାମ୍ବାଦିକ ତଥା ବିଶ୍ୱ ଓଡ଼ିଆ ସମାଜ ର ଅଧକ୍ଷ କିଶୋର ଦ୍ୱିବେଦୀ ପ୍ରଜାତନ୍ତ୍ର ପ୍ରତିନିଧି ଙ୍କୁ କହିଛନ୍ତି, ଶୋଭନୀୟ ଆନ୍ଦୋଳନର ସଂସ୍ଥାପକ ପୂଜ୍ୟ କୁମାର ଭାଇଙ୍କର ୭୬ତମ ଜୟନ୍ତୀ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ହାଉଜଖାସସ୍ଥିତ ଜଗନ୍ନାଥ ମନ୍ଦିରର ପରିସରରେ ଆୟୋଜିତ ସମାବେଶରେ ଜାତୀୟ ରାଜଧାନୀ କ୍ଷେତ୍ରର ବହୁ ସଂଖ୍ୟାରେ ଶୋଭନୀୟ ଆନ୍ଦୋଳନର ସଦସ୍ୟ, ଶୁଭେଚ୍ଛୁ ଏବଂ କୁମାର ଭାଇଙ୍କର ଅନୁଗାମୀମାନେ ଯୋଗ ଦେଇଥିବା କୁହାଯାଇଛି, ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଶ୍ୱଭରି ଚାଲିଥିବା ଶୋଭନୀୟ ଆନ୍ଦୋଳନର ମାସକ ବ୍ୟାପୀ ପ୍ରତିଷ୍ଠା ଉତ୍ସବ ପାଳନକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗତ ଏପ୍ରିଲ ମାସ ୮ ତାରିଖରେ କଟକର ଶୋଭନୀୟ ଶିକ୍ଷାଶ୍ରମଠାରେ ଉଦଘାଟନ କରିଥିଲେ । କୁମାର ଭାଇ ତାଙ୍କର ୧୬ତମ ଜନ୍ମ ଦିବସରେ ୧୯୬୨ ମସିହା ଏପ୍ରିଲ ୮ ତାରିଖରେ ଶୋଭନୀୟ ଆନ୍ଦୋଳନକୁ ପ୍ରତିଷ୍ଠା କରିଥିଲେ । ଏହାର ମୁଖ୍ୟ ଲକ୍ଷ୍ୟ ହେଲା, ସାରା ଦୁନିଆରେ ଶାନ୍ତି, ସଂହତି ଓ ସନ୍ତୁଷ୍ଟି ପ୍ରତିଷ୍ଠା କରିବା ସାଙ୍ଗକୁ ସମାଜରୁ ଅଶୋଭନୀୟତାକୁ ଦୂରୀଭୂତ କରିବା ତଥା ମଣିଷ ଜୀବନକୁ ସରସ, ସୁନ୍ଦର,ସୁସ୍ଥ, ସମୃଦ୍ଧ, ସଂଯତ ଏବଂ ସଦା ସୁଖମୟ କରି ଗଢ଼ି ତୋଳିବା । ଉତ୍ତମ ମାନବିକତାର ଅବତାରି ମହାପୁରୁଷ କୁମାର ଭାଇ ତାଙ୍କର ସାଧନା କ୍ଷେତ୍ରରେ ମା ରମାଦେବୀ, ପଦ୍ମଶ୍ରୀ ଡ଼ଃ ଲକ୍ଷ୍ମୀନାରାୟଣ ସାହୁ, ଡ଼ଃ ପ୍ରାଣକୃଷ୍ଣ ପରିଜା ଓ ପଦ୍ମଭୂଷଣ କାଳନ୍ଦୀ ଚରଣ ପାଣଗ୍ରାହୀଙ୍କ ଭଳି ମହାନୁଭବମାନଙ୍କର ଆଶୀର୍ବାଦ ଲାଭ କରିଥିଲେ । ଦୁର୍ଭାଗ୍ୟବଶତଃ ମାତ୍ର ୪୬ ବର୍ଷ ବୟସରେ ୧୯୯୩ ମସିହାରେ କୁମାର ଭାଇଙ୍କର ନିଧନ ଘଟିଥିଲା । ପରବର୍ତ୍ତୀ ସମୟରେ ଗୁରୁମା ସ୍ୱର୍ଗତଃ ସତ୍ୟଭାମା ଦେବୀ ଏବଂ ବର୍ତ୍ତମାନ ଗୁରୁମା ଡଃ ଅରୁନ୍ଧତୀ ଦେବୀ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଏବଂ ସମ୍ପାଦକ ଭାବରେ କୁମାର ଭାଇଙ୍କର ଅସମ୍ପୂର୍ଣ୍ଣ କାର୍ଯ୍ୟସୂଚୀକୁ ଫଳପ୍ରସୂ କରିବାରେ ଲାଗିଛନ୍ତି । ଉପସ୍ଥିତ ବରେଣ୍ୟ ଅତିଥି ମାନଙ୍କ ଦ୍ୱାରା କୁମାର ଭାଇଙ୍କର ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଏବଂ ପ୍ରଦୀପ ପ୍ରଜ୍ୱଳନ କରାଯିବା ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ସଭାକୁ ସମ୍ବୋଧନ କରି ମୁଖ୍ୟ ଅତିଥି ୱାର୍ଲଡ଼ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ ଏକ ଉନ୍ନତ, ଶାନ୍ତ, ସଦଭାବନା ପୂର୍ଣ୍ଣ ଏବଂ ପ୍ରଦୂଷଣ ମୁକ୍ତ ଦୁନିଆ ଗଠନ ପାଇଁ କୁମାର ଭାଇ ଏବଂ ଶୋଭନୀୟ ଆନ୍ଦୋଳନ ଦ୍ୱାରା ପ୍ରଦର୍ଶିତ ମାର୍ଗକୁ ଗ୍ରହଣ କରିବାକୁ ସଚେତନ ନାଗରିକ ମାନଙ୍କୁ ନିବେଦନ କରିଥିଲେ । ହିଂସା, ଈର୍ଷା ଏବଂ ଅହଂକାରକୁ ପରିତ୍ୟାଗ କରି ଜୀବନରେ ଶୃଙ୍ଖଳା, ସହିଷ୍ଣୁତା ଏବଂ ଶାଳୀନତାକୁ ଆପଣେଇଲେ ସ୍ୱର୍ଗତଃ କୁମାର ଭାଇଙ୍କର ଅଧୁରା ସ୍ୱପ୍ନ ସାକାର ହୋଇପାରିବ ବୋଲି ଶ୍ରୀ ଦ୍ୱିବେଦୀ ମତ ପ୍ରକାଶ କରିଥିଲେ । ସମ୍ମାନୀୟ ଅତିଥି ବରିଷ୍ଠ ଆଇନଜୀବୀ ଅବନୀ ସାହୁ କୁମାର ଭାଇଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରି ସାଂପ୍ରତିକ ଯୁଦ୍ଧଖୋର୍ ଓ ଧ୍ୱଂସଗାମୀ ମନୋବୃତ୍ତିରୁ ପୃଥିବୀକୁ ଉଦ୍ଧାର କରିବାକୁ ହେଲେ କୁମାର ଭାଇଙ୍କର ଦର୍ଶନର ପ୍ରାସଙ୍ଗିକତା ଅଧିକ ଅନୁଭୂତ ହେଉଥିବା ଦର୍ଶାଇଥିଲେ । ମୁଖ୍ୟବକ୍ତା ସାଇବର ସୁରକ୍ଷା ବିଶେଷଜ୍ଞ ଡଃ ଦିବ୍ୟା ତଓ୍ୱଁର୍ ବର୍ତ୍ତମାନ ଯୁଗରେ ବୃଦ୍ଧି ପାଉଥିବା ସାଇବର ଅପରାଧ ନେଇ ଘୋର ଉଦବେଗ ପ୍ରକାଶ କରିଥିଲେ । ସାମାଜିକ ଗଣମାଧ୍ୟମଗୁଡ଼ିକୁ ସମ୍ୟକ ଉପଯୋଗ କରିବା ଏବଂ ସୀମିତ ସୂଚନା 'ଅପଲୋଡ଼' କରିବା ଦ୍ୱାରା ସାଇବର ସୁରକ୍ଷା ପାଳନ କରାଯାଇ ପାରିବା ବୋଲି ଡ଼ଃ ତଓ୍ୱଁର୍ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଅତିଥି ସୁପ୍ରିମକୋର୍ଟର ଅଧିବକ୍ତା ରାମ ଅବତାର ଶର୍ମା, ଶୋଭନୀୟ ଆନ୍ଦୋଳନ ଦେଶ ବିଦେଶରେ ଭାରତୀୟ ସଂସ୍କୃତି ଓ ସଂସ୍କାରକୁ ଯେଉଁଭଳି ଭାବେ ପ୍ରଚାର ଓ ପ୍ରସାର କରିବାରେ ଲାଗିଛି ତାର ଭୂୟସୀ ପ୍ରଶଂସା କରିଥିଲେ । ସାରା ବିଶ୍ୱକୁ 'ବସୁଧୈବ କୁଟୁମ୍ବକମ୍' ନୀତିର ଆଧାରରେ ସ୍ନେହ, ଶ୍ରଦ୍ଧା ଏବଂ ସୌହାର୍ଦ୍ଦ୍ୟତାର ସୂତ୍ରରେ ଏକ ପାରିବାରିକ ବନ୍ଧନରେ ବାନ୍ଧି ରଖିବା ଏହି ସଂସ୍ଥାର ଉଦ୍ଦେଶ୍ୟ ବୋଲି ଶ୍ରୀ ଶର୍ମା କହିଥିଲେ । ମୁଖ୍ୟ ଆୟୋଜକ ବିଜୟନୀ ପ୍ରତିଷ୍ଠାନର ସଭାପତି ରୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାସଦେବ ନାୟକ, ପୁଷ୍ପାଞ୍ଜଳି ବାରିକ, ବିଭୁ ସାହୁ ଏବଂ ମଧୁ ଦାସ ପ୍ରମୁଖ ଉଦବୋଧନ ଦେଇଥିଲେ ।

# ଇଟାଗଡି ପ୍ରାଥମିକ ବିଦ୍ୟାଳୟକୁ ମିଳିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା



ଭଦ୍ରକ, (ପିପିଏସ) : ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଇଟାଗଡ଼ି ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି । ଏ ନେଇ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଓଡିଶା ସରକାର ଅତିରିକ୍ତ ଶିକ୍ଷା ସଚିବଙ୍କ ଚିଠି ନଂ ୧୧୩୪୫ ତାରିଖ ୧୦.୫.୨୩ରେ ସୂଚନା ଦିଆଯାଇଛି । ଏହି ଖବର ଜଣାପଡ଼ିବା ପରେ ଇଟାଗଡି ଗ୍ରାମର ଗ୍ରାମବାସୀ ଛାତ୍ର ଛାତ୍ରୀ ମାନଙ୍କର ଅଭିଭାବକ ପରିଚାଳନା କମିଟିର ସଭ୍ୟସଭ୍ୟାଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳି ଯାଇଛି । ପ୍ରକାଶ ଯେ, ଇଟାଗଡ଼ି ଗ୍ରାମର ଭୋଳାନାଥ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କର ହଠାତ୍ ଦେହାନ୍ତ ପରେ ବିଦ୍ୟାଳୟର ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଯାଇଥିଲା । ତେବେ ସ୍କୁଲକୁ କିପରି ବଞ୍ଚାଇ ରଖିହେବ ସେ ନେଇ ଇଟାଗଡି ପ୍ରାଥମିକ ବିଦ୍ୟାଳୟ ଆଲୁମୁନି କମିଟିର ସଭାପତି ଗଣେଶ ପ୍ରସାଦ ରାଉତ, ଡା. ଦୁର୍ଯ୍ୟୋଧନ ଦାସ, ଲକ୍ଷ୍ମୀଧର ସେଠୀ, ସୁଶିଲ ଖଟୁଆ, ଭାବଗ୍ରାହୀ ମଲ୍ଲିକ, ଦୀନବନ୍ଧୁ ରାଉତ, ଶ୍ରୀକାନ୍ତ କୁମାର ସେଠୀ, ଦେବେନ୍ଦ୍ର ଖଟୁଆ, କିଶୋର କୁମାର ଖଟୁଆ, ଜୟକୃଷ୍ଣ ପରିଡ଼ା, ସନ୍ତୋଷ କୁମାର ଖୁଣ୍ଟିଆ, ଧନେଶ୍ୱର ଗର, ଅକ୍ଷୟ କୁମାର ବେହେରାଙ୍କ ଉଦ୍ୟମରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ପରେ ଇଟାଗଡ଼ି ପ୍ରାଥମିକ ସ୍କୁଲ ସହ ଭୋଳାନାଥ ଉପ୍ରା ବିଦ୍ୟାଳୟକୁ ମିଶାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ଦିଆଯିବାକୁ ବ୍ଲକ ଶିକ୍ଷାଧିକାରୀ ଡିପିସିଙ୍କୁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବକୁ ଡିପିସି ଅନୁମୋଦନ ପାଇଁ ଓସେପାକୁ ପଠାଇଥିଲେ । ପରେ ଏହି ପ୍ରସ୍ତାବକୁ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଅନୁମୋଦନ କରିଥିଲା । ସେଥିପାଇଁ ବିଦ୍ୟାଳୟ ତରଫରୁ ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସୂଦନ ସେଣ୍ଠ, ଜିଲ୍ଲା ଶିକ୍ଷା ଅଧିକାରୀ କପୀଳେନ୍ଦ୍ର ମିଶ୍ର, ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ଓସେପା ନିର୍ଦ୍ଦେଶକ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଶିକ୍ଷା ସଚିବ, ଅତିରିକ୍ତ ଶିକ୍ଷା ସଚିବଙ୍କୁ କୃତଜ୍ଞତା ଜଣାଇବା ସହିତ ସହଯୋଗ କରିଥିବା ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ ଓ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସରକାରୀ ସ୍ତରରେ ଓସେପାର ଶ୍ରୀବତ୍ସ ପଟେଲ, ଗଣଶିକ୍ଷା ବିଭାଗର ଶୁଭ୍ରାଂଶୁ ମିଶ୍ର ଏବଂ ଡିପିସି ଅଫିସ ଭଦ୍ରକର ବିଭୁ ପ୍ରସାଦ ରାଉତ ଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସେହିପରି ବୋଡ଼କ ପଞ୍ଚାୟତର ଓରାଳି ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ପ୍ରଦାନ କରାଯାଇଥିବା ଜଣାଯାଇଛି ।

# ଆଜି ଉଡ଼ଁରି ୨୧ ଘେରା ଚାପ ଖେଳିବେ ମହାପ୍ରଭୁ

ପୁରୀ, (ହି.ସ.) : ଆସନ୍ତାକାଲି ଶୁକ୍ରବାର ପବିତ୍ର ଶ୍ରୀକ୍ଷେତ୍ର ଉଡ଼ଁରି । ବାହାର ଚନ୍ଦନଯାତ୍ରାର ଅନ୍ତିମ ଦିନ । ମହାପ୍ରଭୁ ମଦନମୋହନ, ରାମକୃଷ୍ଣ ଓ ଭୂଦେବୀ, ଶ୍ରୀଦେବୀ ସମେତ ପଂଚ ମହାଦେବ ନରେନ୍ଦ୍ର ପୁଷ୍କରଣୀରେ ୨୧ ଘେରା ଚାପ ଖେଳିବେ । ଆସନ୍ତାକାଲି ଶେଷ ଦିନ ହୋଇଥିବାରୁ ପ୍ରବଳ ଭକ୍ତଙ୍କ ଗହଳି ହେବ । ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ପୁଷ୍କରଣୀ କୂଳରେ ଲାଇଫଗାର୍ଡ଼ ଓ ଅଗ୍ନିଶମ ବିଭାଗ ସଜାଗ ଅଛନ୍ତି । ରଙ୍ଗୀନ ଆଲୋକମାଳାରେ ଦିପିଦାଣ୍ଡି, ଚନ୍ଦନ ବେଢ଼ା ଓ ଚକଡ଼ାକୁ ସୁସଜ୍ଜିତ କରାଯାଇଛି । ମହାପ୍ରଭୁଙ୍କ ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ ଓ ଓଡ଼ିଶୀ ନୃତ୍ୟ କରାଯାଉଛି । ୨୧ ଘେରା ଚାପ ସମୟରେ ଭକ୍ତଙ୍କ ହରିବୋଲ ଓ ହୁଳହୁଳି ସହ ସଂକୀର୍ତନ ମଣ୍ଡଳିଙ୍କ ସଂକୀର୍ତନରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେବ । ନରେନ୍ଦ୍ର ପୁଷ୍କରଣୀ ପାଚେରି ଚାରିପଟେ ବିଭିନ୍ନ ଖାଦ୍ୟ ପସରା, ପିଲାଙ୍କ ଖେଳଣା ସାମଗ୍ରୀ, ଖଜା ଓ ଭୋଗ ଦୋକାନ ଖୋଲିଥିବା ଦେଖିବାକୁ ମିଳୁଛି । ରବିବାର ଦିନ ଶ୍ରୀମନ୍ଦିର ବେଢ଼ା ଭିତରେ ଗୀତର ଚନ୍ଦନ ୨୧ ଦିନ ଧରି ଚାଲିବ ।

# ମା' କାଳୀ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ କଳସ ଯାତ୍ରା

କେନ୍ଦ୍ରାପଡା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ କଣିପଡା ନେମ୍ବରା ଠାରେ ମା' କାଳୀ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇ ଯାଇଛି । ଏନେଇ ଶତାଧିକ ମହିଳା ଭକ୍ତ କଣିପଡା ଠାରୁ କଳସ ଯାତ୍ରାରେ ସାମିଲ ହୋଇ ନେମ୍ବରା ନଙ୍ଗୁଳି ମଠରୁ ଜଳ ଉଠାଇ ମା' କାଳୀ ଦେବୀଙ୍କ ପୀଠରେ ପହଁଚି ଥିଲେ । ଅନୁଷ୍ଠିତ ମା' କାଳୀ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ପ୍ରତାପ ମନ୍ତ୍ରୀ, ଭଗବାନ ବେହେରା, ସତ୍ୟପ୍ରିୟ ଜେନା, ଲକ୍ଷ୍ମଣ ମଳିକ, କାହ୍ନୁ ଚରଣ ପରିଡା, ଦେବକାନ୍ତ ସାମଲ, ଈଶ୍ୱର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ ।

## ଆଇପିଏଲ୍-୨୦୨୩

# ଦିଲ୍ଲୀ କ୍ୟାପିଟାଲ୍ସକୁ ୨୭ ରନରେ ପରାସ୍ତ କଲା ଚେନ୍ନାଇ



ଚେନ୍ନାଇ(ଏଜେନ୍ସୀ): ବୁଧବାର ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳା ଯାଇଥିବା ଆଇପିଏଲର ୫୫ତମ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗ୍ସ ବୋଲରଙ୍କ ଶାଣିତ ବୋଲିଂ ବଳରେ ସହଜ ବିଜୟ ହାସଲ କରିଛି। ଦଳ ଦିଲ୍ଲୀ କ୍ୟାପିଟାଲ୍ସକୁ ୨୭ ରନରେ ହରାଇ ପ୍ଲେ ଅଫର ନିକଟତର ହୋଇଛି। ଅନ୍ୟପଟେ ପରାଜୟ ସହ ଚଳିତ ସଂସ୍କରଣରେ ପ୍ରଥମ ଦଳ ଭାବେ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବାର ଦ୍ୱାର ଦେଶରେ ପହଞ୍ଚିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ସୁପର କିଙ୍ଗ୍ସ ୮ ୱିକେଟ୍ ବିନିମୟରେ ୧୬୭ ରନ କରିଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ଚେନ୍ନାଇ ବୋଲରଙ୍କ ଉଚିତ୍ ମୁକାବିଲା କରିନପାରି ୮ ୱିକେଟ୍ ହରାଇ ୧୪୦ ରନ କରି ପାରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ସୁପର କିଙ୍ଗ୍ସ ୮ ୱିକେଟ୍ ହରାଇ ୧୬୭ ରନ କରିଥିଲା। କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରିନଥିଲେ ହେଁ ବ୍ୟାଟରମାନଙ୍କ ଉପଯୋଗୀ ଇନିଂସ ବଳରେ ଏହି ସ୍କୋର କରି ପାରିଥିଲା ଚେନ୍ନାଇ। ଋତୁରାଜ ଗାଏକୱାଡ, ୨୪, ଆଜିଙ୍କ୍ୟ ରାହାଣେ ୨୧, ଶିବମ ଦୁବେ ୨୫, ଅମ୍ବତି ରାୟୁଡୁ ୨୩, ରବୀନ୍ଦ୍ର ଜାଡେଜା ୨୧ ଏବଂ ଏମଏସ ଧୋନୀ ୨୦ ରନ କରିଥିଲେ। ଦିଲ୍ଲୀ ପକ୍ଷରୁ ମିଚେଲ୍ ମାର୍ଶ ୧୮ ରନ ଦେଇ ୩ଟି ୱିକେଟ୍ ନେଇଥିବା ବେଳେ ଅକ୍ଷର ପଟେଲ୍ ୨ଟି ସଫଳତା ପାଇଛନ୍ତି। ଏହା ପୂର୍ବରୁ ଟସ୍ ଜିତି ଚେନ୍ନାଇ ସୁପର କିଙ୍ଗ୍ସ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ଦୟନୀୟ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ହରାଇ ୧୪୦ ରନ କରି ପାରିଛି। ପୁଣି ଦଳର ବ୍ୟାଟର ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ରିଲି ରୋସୋ ସର୍ବାଧିକ ୩୫ ରନ କରିଥିବା ବେଳେ ମନୀଷ ପାଣ୍ଡେ ୨୭ ରନ କରିଥିଲେ। ଅନ୍ୟ ବ୍ୟାଟରଙ୍କ ମଧ୍ୟରେ ଅକ୍ଷର ପଟେଲ୍ ୨୧ ଏବଂ ଫିଲିପ ସଲ୍ଟ ୧୭ନ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ଡେଭିଡ୍ ୱାର୍ଣ୍ଣର ଖାତା ଖୋଲି ପାରିନଥିଲେ। ଚେନ୍ନାଇ ପକ୍ଷରୁ ମଥିଶା ପଥିରାନା ୩ଟି ଏବଂ ଦୀପକ ଚହର ୨ଟି ୱିକେଟ୍ ନେଇ ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି।

# ଅକ୍ଟୋବର ୫ରେ ଶୁଭାରମ୍ଭ ହେବ ଆଇସିସି ଦିନିକିଆ କ୍ରିକେଟ୍ ବିଶ୍ୱକପ୍




ନୂଆଦିଲ୍ଲୀ(ଏଜେନ୍ସୀ): ଭାରତରେ ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ଆଇସିସି ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ୨୦୨୩ ଖେଳାଯିବ। ଏବେ ବିଶ୍ୱକପ୍‌କୁ ନେଇ ଆସିଛି ବଡ଼ ଖବର। କ୍ରିକବଜ୍‌ର ରିପୋର୍ଟ ଅନୁସାରେ, ଅକ୍ଟୋବର ୫ ତାରିଖରେ ବିଶ୍ୱକପ୍‌ର ଶୁଭାରମ୍ଭ ହେବ। ଉଦଘାଟନୀ ମ୍ୟାଚ୍‌ରେ ମୁହାଁମୁହିଁ ହେବେ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡ। ସେହିପରି ଫାଇନାଲ୍ ମ୍ୟାଚ୍ ନଭେମ୍ବର ୧୯ରେ ଖେଳାଯିବ। ବିଶ୍ୱକପ୍ ୨୦୨୩ରେ ପାକିସ୍ତାନ ଦଳ ଅଂଶଗ୍ରହଣ କରିବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ବହୁ ପ୍ରତୀକ୍ଷିତ ମୁକାବିଲା ଅକ୍ଟୋବର ୧୫(ରବିବାର)ରେ ଖେଳାଯିବାର ପୂରା ସମ୍ଭାବନା ରହିଛି। ଟୁର୍ଣ୍ଣାମେଣ୍ଟର ଉଦଘାଟନୀ ମ୍ୟାଚ୍ ଏବଂ ଫାଇନାଲ୍ ମ୍ୟାଚ୍ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଖେଳାଯିବାର ସମ୍ଭାବନା ରହିଛି। ଭାରତୀୟ ଦଳ ନିଜର ପ୍ରଥମ ମ୍ୟାଚ୍ ପାଞ୍ଚ ଥରର ଚାମ୍ପିଅନ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିବ। କ୍ରିକବଜ୍‌ର ସୂଚନା ଅନୁଯାୟୀ, ପାକିସ୍ତାନ ବିଶ୍ୱକପ୍ ପାଇଁ ଭାରତ ଗସ୍ତ କରିବାକୁ ରାଜି ହୋଇଛି। ହେଲେ ଦଳ ଗ୍ରୁପ ମ୍ୟାଚ୍ ଅହମ୍ମଦାବାଦରେ ଖେଳିବାକୁ ଚାହୁଁନି। ହେଲେ ଅସ୍ଥାୟୀ କାର୍ଯ୍ୟକ୍ରମ ଅନୁସାରେ ପାକିସ୍ତାନ ନିଜର ମ୍ୟାଚ୍ ଅହମ୍ମଦାବାଦ, ହାଇଦ୍ରାବାଦ, ଚେନ୍ନାଇ ଏବଂ ବେଙ୍ଗାଲୁରୁରେ ଖେଳିବ। ମୋହାଲି-ନାଗପୁରରେ ହେବ ନାହିଁ ମ୍ୟାଚ୍ ! ଅହମ୍ମଦାବାଦ, ଚେନ୍ନାଇ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦ ବ୍ୟତୀତ କୋଲକାତା, ଦିଲ୍ଲୀ, ଇନ୍ଦୋର, ଧର୍ମଶାଳା, ଗୌହାଟୀ, ରାଜକୋଟ୍, ରାୟପୁର ଏବଂ ମୁମ୍ବାଇକୁ ବିଶ୍ୱକପ୍ ମ୍ୟାଚ୍‌ର ଆୟୋଜନ ଅଧିକାର ମିଳିବାକୁ ଯାଉଛି। ଅନ୍ୟପଟେ ମୋହାଲି ଏବଂ ନାଗପୁରକୁ ଆୟୋଜକ ସହର ତାଲିକାରୁ ବାହାର କରାଯାଇଛି। ୨୦୧୧ ଦିନିକିଆ ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍ ଆୟୋଜନ କରିଥିବା ୱାଙ୍ଖେଡେ ଷ୍ଟାଡିୟମକୁ ଏଥର ଗୋଟିଏ ସେମି ଫାଇନାଲ୍ ମ୍ୟାଚ୍‌ର ଆୟୋଜନ ଅଧିକାର ମିଳିପାରେ। ଏ ପର୍ଯ୍ୟନ୍ତ ଯୋଗ୍ୟତା ଅର୍ଜନ କଲେଣି ୮ ଟିମ୍ ଏଥର ବିଶ୍ୱକପ୍ ?ରେ ମୋଟ୍ ୧୦ଟି ଦଳ ମଧ୍ୟରେ ୪୮ଟି ମୁକାବିଲା ଖେଳାଯିବ। ଭାରତ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ ଏବଂ ଦକ୍ଷିଣ ଆଫ୍ରିକା ପ୍ରଥମରୁ ଏହି ମେଗା ଇଭେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି। ଅବଶିଷ୍ଟ ୨ଟି ଦଳର ନିଷ୍ପତ୍ତି ଜୁମ୍ବାୱେରେ ଜୁନ-ଜୁଲାଇ ମାସରେ ଖେଳାଯିବାକୁ ଥିବା ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ନିଆଯିବ। ଏଥିରେ ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ନେଦରଲାଣ୍ଡ, ଆୟରଲାଣ୍ଡ, ନେପାଳ, ଓମାନ, ସ୍କଟଲାଣ୍ଡ, ୟୁଏଇ ଏବଂ ଆୟୋଜକ ଜିମ୍ବାୱେ ସାମିଲ୍। ୨୦୧୯ ବିଶ୍ୱକପ୍ ପରି ଏଥର ମଧ୍ୟ ମୁକାବିଲା ରାଉଣ୍ଡ ରବିନ ଫର୍ମାଟ୍‌ରେ ଖେଳାଯିବ। ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳିବେ। ଅର୍ଥାତ ପ୍ରତ୍ୟେକ ଦଳ ଗ୍ରୁପ ପର୍ଯ୍ୟାୟରେ ୯ଟି ଲେଖାଏଁ ମ୍ୟାଚ୍ ଖେଳିବେ। ଗ୍ରୁପ୍ ଷ୍ଟେଜ୍‌ର ଶୀର୍ଷ ୪ଟି ଦଳ ସେମି ଫାଇନାଲ୍ ମୁକାବିଲାରେ ମୁହାଁମୁହିଁ ହେବେ। ବିଶ୍ୱକପ୍ ୨୦୨୩ ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ଉଦଘାଟନୀ ମୁକାବିଲା- ଅକ୍ଟୋବର ୫, ନ୍ୟୁଜିଲାଣ୍ଡ ବନାମ ଇଂଲଣ୍ଡ, ଅହମ୍ମଦାବାଦ ଭାରତର ପ୍ରଥମ ମ୍ୟାଚ୍- ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ-ପାକିସ୍ତାନ ମୁକାବିଲା- ଅକ୍ଟୋବର ୧୫, ଅହମ୍ମଦାବାଦ ଫାଇନାଲ୍ ମ୍ୟାଚ୍- ନଭେମ୍ବର ୧୯, ଅହମ୍ମଦାବାଦ


ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୭ ମେ-୧୩ ମେ ୨୦୨୩




କ୍ରାଇମ୍ ଆଣ୍ଡ୍ ପଲିଟିକ୍ସ, ଅତିକ୍‌ର ହତ୍ୟା

ଉତ୍ତର ପ୍ରଦେଶରେ ମାଫିଆ ରାଜକୁ ସମାପ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶପଥ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ଭାବେ ଉତ୍ତର ପ୍ରଦେଶ ଶାସନ ଭାର ସମ୍ଭାଳିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଯୋଗୀ ଘୋଷଣା କରିଥିଲେ ଯେ ରାଜ୍ୟରୁ ମାଫିଆମାନଙ୍କୁ ମାଟିରେ ମିଶାଇ ଦିଆଯିବ । ଏହାପରେ ରାଜ୍ୟରୁ ମାଫିଆମାନଙ୍କୁ ଆସ୍ତେ ଆସ୍ତେ ସଫାକରିଚାଲିଥିବା ସମୟରେ ଏବେ ଆଉ ଏକ ଘଟଣା ଘଟିଯାଇଛି ଯାହାକି ଦେଶରେ ଖୁବ୍ ଚର୍ଚ୍ଚା ଚାଲିଛି । ଏ ଘଟଣାଟି ଏଇଥିପାଇଁ ସ୍ୱତନ୍ତ୍ର ଯେ ଦୁଇଜଣ ମାଫିଆ ଅର୍ଥାତ୍ ଗ୍ୟାଙ୍ଗଷ୍ଟର ଅତିକ ଅହମ୍ମଦ ଓ ତା'ର ଭାଇ ଅସରଫ ଅହମ୍ମଦ ପୋଲିସ କଷ୍ଟୋଡ଼ି ମଧ୍ୟରେ ଗୁଳିବିଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ଏପ୍ରିଲ ୧୫ ତାରିଖ ରାତି ୧୦.୩୦ ସମୟରେ ଗ୍ୟାଙ୍ଗ୍‌ଷ୍ଟର ଅତିକ ଅହମଦ ଓ ତାଙ୍କ ଭାଇ ଅଶରଫ ପୁଲିସ କର୍ଡନ ମଧ୍ୟରେ ଚାଲିଚାଲି ମେଡିକାଲ ଚେକଅପ ପାଇଁ ଉତ୍ତର ପ୍ରଦେଶର ପ୍ରୟାଗରାଜ ହସ୍ପିଟାଲ ଭିତରକୁ ଯାଉଥିଲେ । ଏହି ସମୟରେ ସାମ୍ବାଦିକମାନେ ସେମାନଙ୍କର ଅତି ନିକଟତର ହେବା ସହ ବାଇଟ ନେବାକୁ ଚେଷ୍ଟା କରିଥିଲେ । ଅତିକ ଓ ଅଶରଫ ମଧ୍ୟ ବାଇଟ ଦେଉଥିଲେ ।

**ଜାତୀୟ:** ନିର୍ଣ୍ଣାୟକ ମୋଡ଼ରେ କର୍ଣ୍ଣାଟକ ନିର୍ବାଚନ

**ସ୍ୱତନ୍ତ୍ର ପ୍ରସଙ୍ଗ:** ସମ୍ବଲପୁର ଦଙ୍ଗା ସଂଯୋଗ ନା ପ୍ରୟୋଗ

**ନାରୀ:**ଖରା ପାଇଁ ମୁଖ ମଳିନ ଦିଶୁଥିଲେ ଆପଣାନ୍ତୁ ଏହି ଉପାୟ

**କ୍ଷୁଦ୍ରଗଳ୍ପ:**ବୁଦ୍ଧୁ

**ଚଳଚ୍ଚିତ୍ର:** ଧମକକୁ ନେଇ ମୁହଁ ଖୋଲିଲେ ସଲମାନ,ସିଦ୍ଧିବିନାୟକଙ୍କୁ ଦର୍ଶନ କଲେ ସୂରଜ,ଆସନ୍ତା ମାସରେ ବିବାହ କରିବେ କରନ ଦେଓଲ,ବାଥ୍ ରୁମ୍‌ରେ ଲଞ୍ଚ୍ କରୁଥିଲେପ୍ରିୟଙ୍କା,ଭିକିଙ୍କ ସହ ରୋମାନ୍ସ କରିବେ ରଶ୍ମିକା,ବିଦେଶ ଗଲେ ଆଲିଆ,ପୁଣି ବାପା ହେବେ ଅର୍ଜୁନ,ରିଲିଜ୍ ହେଲା 'ଆଦିପୁରୁଷ'ର ପୋଷ୍ଟର

**ଖେଳ:**ଇସ୍ତଫା ଦେବାକୁ ମନା କଲେ ବ୍ରଜଭୂଷଣ,ପାରିବାରିକ ସମସ୍ୟା କାରଣରୁ ସ୍ୱଦେଶ ଫେରିଲେ ଲିଟନ ଦାସ ,ଆଇପିଏଲ୍‌ର ସବୁଠାରୁ ସଫଳତମ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା,ପୁଣି ନମ୍ବର ୱାନ୍ ହେଲେ କ୍ୟାପଟେନ୍ କୁଲ ମହେନ୍ଦ୍ର ସିଂହ ଧୋନି,ନିଜର ପ୍ରଶଂସକଙ୍କୁ ସରପ୍ରାଇଜ୍ ଦେଲେ ରୋହିତ ଶର୍ମା,ସ୍ୱର୍ଣ୍ଣ ପଦକ ବିଜେତା ମୁଷ୍ଟି ଯୋଦ୍ଧା କୌର ସିଂହଙ୍କ ପରଲୋକ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ରାହୁଲଙ୍କ ଭବିଷ୍ୟତ: ରଣ ଓ ରାସ୍ତା''

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ


# ଆଇସିସି ଦିନିକିଆ ରାଙ୍କିଙ୍ଗରେ ଭାରତକୁ ପଛରେ ପକାଇଲା ପାକିସ୍ତାନ



ନୂଆଦିଲ୍ଲୀ(ଏଜେନ୍ସୀ): ଭାରତୀୟ କ୍ରିକେଟ ଟିମକୁ ଏକ ଦମଦାର ଝଟକା ଦେଇଛି ଅନ୍ତରାଷ୍ଟ୍ରୀୟ କ୍ରିକେଟ ପରିଷଦ ବା ଆଇସିସି । ଭାରତକୁ ମାତ୍ ଦେଇ ଖୁବ ଆଗକୁ ବଢି ଯାଇଛି ଚିର ପ୍ରତିଦ୍ୱନ୍ଦୀ ତଥା ପଡୋଶୀ ରାଷ୍ଟ୍ର ପାକିସ୍ତାନ । ଆଇସିସି ଦ୍ୱାରା ଜାରି ହୋଇଥିବା ସଦ୍ୟ ଦିନିକିଆ ରାଙ୍କିଙ୍ଗରେ ଭାରତକୁ ପଛରେ ପକାଇ ଦେଇଛି ପାକିସ୍ତାନ କ୍ରିକେଟ ଟିମ୍ । ରୋହିତ ସେନାକୁ ଅତିକ୍ରମ କରି ପାକିସ୍ତାନ ବର୍ତ୍ତମାନ ଦ୍ୱିତୀୟ ସ୍ଥାନରେ ପହଞ୍ଚି ଯାଇଛି । ତେବେ ତାଲିକାର ଶୀର୍ଷରେ ରହିଛି ଅଷ୍ଟ୍ରେଲିଆ କ୍ରିକେଟ । ରାଙ୍କିଙ୍ଗରେ ବାର୍ଷିକ ଅପଡେଟ ପରେ ୫ ଥର ବିଶ୍ୱ ଚମ୍ପିଆନ୍ ଅଷ୍ଟ୍ରେଲିଆ ନିଜ ରେଟିଙ୍ଗରେ ୮ ପଏଣ୍ଟ ହାସଲ କରିଛି । ଏହି ୫ ପଏଣ୍ଟ ସହିତ ଅଷ୍ଟ୍ରେଲିଆ ୧୧୮ ପଏଣ୍ଟ ସହ ଟପ୍ ରେ ରହିଛି । ତେବେ ଏହି ରାଙ୍କିଙ୍ଗ ପୂର୍ବରୁ ଭାରତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ନୂଆ ରାଙ୍କିଙ୍ଗରେ ପାକିସ୍ତାନ ଭାରତ ପାଖରୁ ଏହି ସ୍ଥାନ ଛଡାଇ ନେଇଛି । ୧୧୬ ପଏଣ୍ଟ ସହ ଆଇସିସି ଦିନିକିଆ ରାଙ୍କିଙ୍ଗର ନୂଆ ତାଲିକାର ଦ୍ୱିତୀୟ ସ୍ଥାନ ହାସଲ କରିଛି ପାକିସ୍ତାନ । ତେବେ ମାତ୍ର ୧ ପଏଣ୍ଟ ପାଇଁ ତୃତୀୟ ନମ୍ବରକୁ ଆସିଛି ଟିମ ଇଣ୍ଡିଆ । ୧୧୫ ପଏଣ୍ଟ ସହ ତୃତୀୟ ସ୍ଥାନ ଅଧିକାର କରିଛି ମେନ୍ ଇନ୍ ବ୍ଲୁ । ନ୍ୟୁଜିଲାଣ୍ଡ ବିପକ୍ଷ ଚତୁର୍ଥ ଦିନିକିଆ ବିଜୟ ପରେ କିଛି ସମୟ ପାଇଁ ଶୀର୍ଷ ସ୍ଥାନରେ ରହିଥିଲା ଭାରତୀୟ ଦଳ । କିନ୍ତୁ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ୧-୨ରେ ପରାଜୟ ଯୋଗୁଁ ଭାରତକୁ ଏଭଳି ପରିସ୍ଥିତିର ସାମନା କରିବାକୁ ପଡିଛି । ନ୍ୟୁଜିଲାଣ୍ଡ ବିପକ୍ଷ ପଞ୍ଚମ ଦିନିକିଆ ଜିତିଥିଲେ ପାକିସ୍ତାନ କ୍ରିକେଟ ଟିମ୍ ତାଲିକାର ଶୀର୍ଷରେ ପହଞ୍ଚିଥାନ୍ତା । କିନ୍ତୁ ଏହି ମ୍ୟାଚରେ ପରାଜୟ ଦଳକୁ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିବା ପାଇଁ ବାଧ କରିଛି । ତେବେ ଭାରତ ପରେ ନ୍ୟୁଜିଲାଣ୍ଡ ୧୦୪ ପଏଣ୍ଟ ସହ ଚତୁର୍ଥରେ ରହିଥିବା ବେଳେ ଇଂଲଣ୍ଡ ୧୦୧ ରେଟିଙ୍ଗ ପଏଣ୍ଟ ସହିତ ପଞ୍ଚମ ସ୍ଥାନ ହାସଲ କରିଛି । ସେପଟେ ଟି-୨୦ ରାଙ୍କିଙ୍ଗରେ ଭାରତର ଦବଦବା ଜାରି ରହିଛି । ୧୨୧ ରେଟିଙ୍ଗ ସହ ପ୍ରଥମ ସ୍ଥାନରେ ରହିଛି ଟିମ ଇଣ୍ଡିଆ ।

# ଜନ୍ତରମନ୍ତରରେ କଳାଦିବସ ପାଳିଲେ କୁସ୍ତିଯୋଦ୍ଧା



ନୂଆଦିଲ୍ଲୀ(ଏଜେନ୍ସୀ): ରେସ୍ଲିଂ ଫେଡେରେସନ ଇଣ୍ଡିଆ (ଡବ୍ଲୁଏଫଆଇ) ଅଧ୍ୟକ୍ଷ ବ୍ରଜଭୂଷଣ ଶରଣ ସିଂହଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଦିଲ୍ଲୀ ଜନ୍ତରମନ୍ତରରେ ଚାଲିଥିବା ରେସ୍ଲରଙ୍କ ଆନ୍ଦୋଳନ ଗୁରୁବାର ମଧ୍ୟ ଜାରି ରହିଛି। ତେବେ ରେସ୍ଲରମାନେ ଆଜି ଦିନଟିକୁ 'କଳା ଦିବସ' ରୂପେ ପାଳନ କରିଛନ୍ତି। ରେସ୍ଲରମାନେ କଳାପଟି ବାନ୍ଧି ଜନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଆନ୍ଦୋଳନ କରୁଥିବା ବଜରଙ୍ଗ ପୁନିଆ, ସାକ୍ଷୀ ମଲ୍ଲିକ, ଭିନେଶ ଫୋଗାଟ, ସଙ୍ଗୀତା ଫୋଗାଟ ଓ ଅନ୍ୟ ରେସ୍ଲରମାନେ ମୁଣ୍ଡ ଓ ହାତରେ କଳାପଟି ବାନ୍ଧି ସରକାରଙ୍କ ବିରୋଧ କରିଛନ୍ତି। ରେସ୍ଲରମାନେ ଡବ୍ଲୁଏଫଆଇ ଅଧ୍ୟକ୍ଷଙ୍କ ଗିରଫ ଦାବି କରୁଛନ୍ତି। ଏ ସମ୍ପର୍କରେ ବଜରଙ୍ଗ ପୁନିଆ କହିଛନ୍ତି ଯେ ଆଜି ଆମେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଳା ଦିବସ ପାଳନ କରୁଛୁ। ତେବେ ଦେଶବାସୀଙ୍କୁ ନିବେଦନ ସେମାନେ ଏଠାକୁ ଆସନ୍ତୁ ଓ ଯୋଗ ଦିଅନ୍ତୁ। ସତ୍ୟର ଏହି ଲଢେଇରେ ଦେଶବାସୀ ଆମକୁ ସାଥ ଦିଅନ୍ତୁ। ସେହିପରି ଭିନେଶ ଫୋଗାଟ ମାମଲା ହାଇକୋର୍ଟରେ ଚାଲୁଥିବା କହିଛନ୍ତି। ତେବେ ଏହା ଖୁବ୍ ମନ୍ଥର ହେଉଛି। ଆମକୁ ନ୍ୟାୟ ଦରକାର ଓ ଆମେ ଚାହୁଁଛୁ ଅଧିକରୁ ଅଧିକ ଲୋକେ ଆମ ଲଢେଇରେ ସାଥ ଦିଅନ୍ତୁ। ଏଣୁ ଭିନେଶ ଫୋଗାଟ ପୁରା ଦେଶକୁ ଅପିଲ କରିଛନ୍ତି ଆମ ସାଙ୍ଗରେ ଆସନ୍ତୁ। ଝିଅମାନେ ଜାଣି ପାରୁଥିବେ ଆମେ ଏଠାରେ କାହିଁକି ବସିଛୁ। ଏଥିରେ ଯେଉଁମାନେ ବ୍ରଜଭୂଷଣଙ୍କୁ ସମର୍ଥନ କରୁଛନ୍ତି ଭିନେଶ ସେମାନଙ୍କ ଘରେ ଝିଅ, ବୋହୂ ନଥିବେ ନଚେତ ମହିଳାଙ୍କ ପ୍ରତି ସେମାନଙ୍କର ସମ୍ମାନ ନାହିଁ ବୋଲି କହିଛନ୍ତି। ତେବେ ଏହା ପୂର୍ବରୁ ଗ୍ରେଟ ଖଲ୍ଲି ଜନ୍ତରମନ୍ତରରେ ରେସ୍ଲରମାନଙ୍କର ଆନ୍ଦୋଳନକୁ ରାଜନୀତି ବୋଲି କହିଛନ୍ତି।

# ତିନି ପଦକ ନିଶ୍ଚିତ କଲେ ଭାରତୀୟ ମୁଷ୍ଟି ଯୋଦ୍ଧା



ନୂଆଦିଲ୍ଲୀ(ଏଜେନ୍ସୀ): ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ଭାରତୀୟ ମୁଷ୍ଟି ଯୋଦ୍ଧାମାନେ ତିନି ପଦକ ନିଶ୍ଚିତ କରିଛନ୍ତି। ବକ୍ସର ଦୀପକ ଭୋରିଆ (୫୧ କିଲୋଗ୍ରାମ), ମହମ୍ମଦ ହାସାମୁଦ୍ଦିନ (୫୭ କିଲୋଗ୍ରାମ) ଏବଂ ନିଶାନ୍ତ ଦେବ (୭୧ କିଲୋଗ୍ରାମ) ସେମିଫାଇନାଲରେ ପ୍ରବେଶ କରିବା ସହ ବୁଧବାର ପଦକ ପାଇବାକୁ ନିଶ୍ଚିତ କରିଛନ୍ତି। ଦୁଇଥର କମନୱେଲଥ ଗେମ୍ସର ବ୍ରୋଞ୍ଜ ପଦକ ବିଜେତା ହାସାମୁଦ୍ଦିନଙ୍କୁ ବୁଲଗେରିଆର ଜେ. ଡିଆଜ. ଇବାନେଜଙ୍କ ସହ କଡ଼ା ମୁକାବିଲାରେ ୪-୩ରେ କଠିନ ବିଜୟ ହାସଲ କରିଥିଲେ। ଅନ୍ୟପକ୍ଷରେ, ଦୀପକ ଫ୍ଲାଏୱେଟ୍ ବର୍ଗରେ କିର୍ଗିଜସ୍ଥାନର ନୁରଜିଗିଟ୍ ଦୁଶେବାଭଙ୍କୁ ୫-୦ ରେ ଏକ ପାଖିଆ ହରାଇଥିଲେ। ସେ ଆଗକୁ ପ୍ୟାରିସ୍ ଅଲିମ୍ପିକ୍ସରେ ସାମିଲ ହେବେ। ଭାରତୀୟ ବକ୍ସର ଆକରମ୍‌କ ଖେଳ ପ୍ରଦର୍ଶନ କରିଥିଲେ। ଲଢ଼ଇଏର ତିନୋଟି ରାଉଣ୍ଡରେ ଦୀପକ କିର୍ଗିଜସ୍ଥାନର ପ୍ରତିପକ୍ଷଙ୍କୁ କୌଣସି ସୁଯୋଗ ଦେଇ ନଥିଲେ। ସେହିଭଳି ୭୧ କିଲୋଗ୍ରାମ କ୍ୱାର୍ଟର ଫାଇନାଲରେ ନିଶାନ୍ତ ଦେବ କ୍ୟୁବାର ଜର୍ଜ କୁଏଲାରଙ୍କୁ ୫-୦ ପରାସ୍ତ କରିଛନ୍ତି। ଏବେ ତାଙ୍କର ବ୍ରୋଞ୍ଜ ପଦକ ନିଶ୍ଚିତ ହୋଇଛି। ପ୍ରଥମ ଥର ପାଇଁ ଭାରତୀୟ ପୁରୁଷ ବକ୍ସରମାନେ ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ର ଗୋଟିଏ ସଂସ୍କରଣରୁ ତିନୋଟି ପଦକ ପାଇବେ।

# ବୋମାନ ଓ ବେଳିଙ୍କୁ ଜର୍ସି ଉପହାର ଦେଲେ ମହେନ୍ଦ୍ର ସିଂ ଧୋନି

ମୁମ୍ବାଇ(ଏଜେନ୍ସୀ): 'ଦ ଏଲିଫାଣ୍ଟ ୱିସପର୍ସ'କୁ ୯୫ ତମ ଏକାଡେମୀ ପୁରସ୍କାରରେ ବେଷ୍ଟ ସର୍ଟ ଫିଲ୍ମ ପାଇଁ ଓସ୍କାର ମିଳିଛି। ନିକଟରେ ଚେନ୍ନାଇ ସୁପର କିଙ୍ଗ୍ସର ଏକ ସତନ୍ତ୍ର କାର୍ଯ୍ୟକ୍ରମ ସମୟରେ ରିଅଲ୍ ଲାଇଫ୍ ହାତୀ ଯତ୍‌କାରୀ ବୋମନ୍ ଏବଂ ବେଲି ଉଝକ ଅଧିନାୟକ ମହେନ୍ଦ୍ର ସିଂ ଧୋନିଙ୍କୁ ଭେଟିଥିଲେ। ଧୋନିଙ୍କ ଫ୍ୟାନ୍‌ଫଲୋଇଂ କାହାଣୀ ସମୟ ସମୟରେ ଦେଖିବାକୁ ମିଳେ। ପ୍ରାୟତଃ ତାଙ୍କର ପ୍ରିୟଜନମାନେ ତାଙ୍କୁ ଇଶ୍ୱର ବୋଲି ଭାବନ୍ତି । କହିବାକୁ ଗଲେ ଯେ ମଙ୍ଗଳବାର ଦିନ ଚେନ୍ନାଇ ସୁପର କିଙ୍ଗ୍ସ ପାଇଁ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ହାତୀମାନଙ୍କର ତଦାରଖକାରୀ ବୋମାନ ଏବଂ ବେଲି ମଧ୍ୟ ଯୋଗ ଦେଇଥିଲେ। ସେଠାରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ଏମଏସ ଧୋନି ତାଙ୍କ ଜର୍ସିକୁ ଉପହାର ଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଏହା ବ୍ୟତୀତ ହାତୀମାନଙ୍କର ଯତ୍ନ ନେବା ପାଇଁ ତାଙ୍କୁ ଚେନ୍ନାଇ ସୁପର କିଙ୍ଗ୍ସରୁ ଏକ ଚେକ୍ ମଧ୍ୟ ଦିଆଯାଇଥିଲା। ଏନେଇ ଟିମ୍ ଇଭେଣ୍ଟରୁ କିଛି ଫଟୋ ସେୟାର କରି କ୍ୟାପସନରେ ଲେଖିଛନ୍ତି, "ଆମ ହୃଦୟ ଜିତିଥିବା ଦଳକୁ ଶୁଭେଚ୍ଛା ! ବୋମନ୍, ବେଲି ଏବଂ ଚଳଚ୍ଚିତ୍ର ନିର୍ମାତା କାର୍ତ୍ତିକୀ ଗୋନସାଲଭସ୍ ଆୟୋଜନ କରିବା ବହୁତ ଭଲ ଅଟେ।" ତାମିଲନାଡୁର ସିଏମ ଏମ.କେ ଷ୍ଟାଲିନଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ବୋମାନ ଏବଂ ବେଲିଙ୍କୁ ଏକାଧିକ ଥର ସମ୍ମାନିତ କରାଯାଇଥିବାବେଳେ କାର୍ତ୍ତିକେୟ ଗୋନସାଲଭସ୍ ଏବଂ ନିର୍ମାତା ଗୁନିତ୍‌ମୋଙ୍ଗା ମଧ୍ୟ ଅନେକ ପୁରସ୍କାର ପାଇଛନ୍ତି । କାରଣ ଏଲିଫାଣ୍ଟ ହ୍ୱିସପର୍ ଓସ୍କାର ଜିତିଥିବା ପ୍ରଥମ ଭାରତୀୟ ଚଳଚ୍ଚିତ୍ର ହୋଇପାରିଛି।

# ରାଜସ୍ଥାନକୁ ୧୫୦ରନ୍ ଟାର୍ଗେଟ୍ ଦେଲା କୋଲକାତା



କୋଲକାତା(ଏଜେନ୍ସୀ): କୋଲକାତାର ଇଡେନ୍ ଗାର୍ଡେନରେ ଖେଳା ଯାଇଥିବା ଆଇପିଏଲ୍ ୨୦୨୩ର ୫୬ତମ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିଲା କୋଲକାତା। ଘରୋଇ ମୈଦାନରେ ଦଳ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୪୯ ରନ୍ କରିଛି। ରାଜସ୍ଥାନ ପକ୍ଷରୁ ୟୁଜବେନ୍ଦ୍ର ଚହଲଙ୍କ ଶାଣିତ ବୋଲିଂର ମୁକାବିଲା କରିବାରେ ବିଫଳ ହୋଇଛି କୋଲକାତା। ଦଳ ପକ୍ଷରୁ ଭେଙ୍କଟେଶ ଆୟର ୫୭ ରନର ଉପଯୋଗୀ ଇନିଂସ ଖେଳିଥିବା ବେଳେ ବାକି ବ୍ୟାଟର ଅଧିକ ସମୟ କ୍ରିଜରେ ତିଷ୍ଠିପାରିନଥିଲେ। ମ୍ୟାଚ୍ ଜିତି ପ୍ଲେ ଅଫର ଆଶା ଉଜ୍ଜୀବିତ ରଖିବା ପାଇଁ ରାଜସ୍ଥାନ ସମ୍ମୁଖରେ ରହିଛି ୧୫୦ ରନର ବିଜୟ ଲକ୍ଷ୍ୟ। ରାଜସ୍ଥାନ ପକ୍ଷରୁ ୟୁଜବେନ୍ଦ୍ର ଚହଲ ୨୫ ରନ ଦେଇ ୪ ୱିକେଟ୍ କୋଲକାତାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗିଥିଲେ। ଟସ୍ ଜିତି ରାଜସ୍ଥାନ ରୟାଲ୍ସ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଆଜିର ମ୍ୟାଚ୍ ଯେଉଁ ଦଳ ଜିତିବ ତୃତୀୟ ସ୍ଥାନକୁ ଉଠିବ।


ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583